# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୧/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, January 21/ 2019 | ★★★★

୪୫ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଫେଡରରଙ୍କୁ ହରାଇଲେ ସିତ୍‌ସିପାସ**

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ରୋଜର ଫେଡରରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ଷ୍ଟିଫାନୋସ ସିତ୍‌ସିପାସ। **୧୪**

**୦୨** **'ଦବଙ୍ଗ ୩' ସୋନାକ୍ଷୀଙ୍କ ପାଇଁ ଘରବାହୁଡ଼ା**

ଖୁବ୍‌ଶୀଘ୍ର 'ଦବଙ୍ଗ ୩'ର ଶୁଟିଂ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି।





ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ବିଶ୍ୱପ୍ରସିଦ୍ଧ ତାଜମହଲ ପରିଦର୍ଶନରେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ଲାର୍ସ ଲୋକ୍କେ ରାସ୍‌ମୁସେନ୍ ଓ ତାଙ୍କ ସ୍ତ୍ରୀ ସୋଲ୍‌ରୁନ୍।

# ଠିକାରେ ଚାଲିଛି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

- ପ୍ରତିଷ୍ଠାକୁ ବିତିବ ୪ ବର୍ଷ, ନାହିଁ ସ୍ଥାୟୀ କ୍ୟାମ୍ପସ୍
- ଜି.ଏମ୍. କ୍ୟାମ୍ପସ୍ ଖାଲି କରିବାକୁ କର୍ତ୍ତୃପକ୍ଷଙ୍କ ଚିଠି
- କୁଳପତି, କୁଳ ସଚିବଙ୍କ ସ୍ଥାୟୀ ଅଫିସ୍ ନାହିଁ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ସମ୍ପର୍କିତ ବିଲ୍ ବିଧାନସଭାରେ ଗୃହୀତ ହେଲା। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ହେଲେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ସାଢେ ତିନି ବର୍ଷ ବିତିଯାଇଥିଲେ ମଧ ଏହାର ନିଜସ୍ୱ ଗୃହ, ଲାବୋରେଟୋରି ଏବଂ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଠିକାରେ କେତେଜଣ କର୍ମଚାରୀଙ୍କୁ ନେଇ ଯେନତେନ ପ୍ରକାରେଣ କାମଚଳା ନୀତିରେ ମୁକ୍ତ ବିଶ୍ୱବିଦ୍ୟାଳୟ ଚାଲିଛି। ବର୍ତ୍ତମାନ ଏହି ମୁକ୍ତ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୦,୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ୧୨ଟି ବିଭାଗରେ ଏହା ସ୍ନାତକୋତ୍ତର ଶିକ୍ଷା ସହିତ ଅନ୍ୟ ୪୨ଟି କାର୍ଯ୍ୟକ୍ରମରେ ପିଜି ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସାରା ରାଜ୍ୟର ୩୦ଟି ଜିଲାରେ ଏହାର ୫୦ଟି ଶିକ୍ଷା କେନ୍ଦ୍ର ରହିଛି। ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଏହି ପାଠ୍ୟକ୍ରମ ଗୁଡ଼ିକର ଶିକ୍ଷାଦାନ କରାଯାଉଛି। ହେଲେ ଏହି ଶୈକ୍ଷିକ ସଫଳତା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏହାକୁ ପ୍ରତିଷ୍ଠା କରି ବୈମାତୃକ ମନୋଭାବ ପୋଷଣ କରିଚାଲିଥିବା ଅଭିଯୋଗ ହେଉଛି। ମୁକ୍ତ ବିଶ୍ୱବିଦ୍ୟାଳୟ ୨୦୧୫ ଜୁନ୍‌ରେ ପ୍ରତିଷ୍ଠା ହୋଇଥିଲା। କିଛି ମାସ ପରେ ଏହି ପ୍ରତିଷ୍ଠାକୁ ୪ବର୍ଷ ବିତିବାକୁ ଯାଉଛି।

ଓଏସ୍‌ଓୟୁ ମୁଖ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛୋଟିଆ କୋଠାରେ ଗତ ସାଢେ ୩ବର୍ଷ ଧରି ଚାଲିଛି। ଆଶ୍ଚର୍ଯ୍ୟଜନକ ବିଷୟ ଏହି କି ଯେ, କୁଳପତି ଏବଂ କୁଳସଚିବଙ୍କ ପାଇଁ ସ୍ଥାୟୀ ଅଫିସ୍ ପ୍ରକୋଷ୍ଠଟିଏ ନାହିଁ। ଏହି କ୍ୟାମ୍ପସ ଅସ୍ଥାୟୀ ଭାବେ ଚାଲୁଥିବାରୁ ସେଠାରୁ ସ୍ଥାନାନ୍ତର କରିବାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୫ ମାସ ପୂର୍ବେ ଓଏସ୍‌ଓୟୁକୁ ନୋଟିସ୍ ଦେଇସାରିଛନ୍ତି। ବିଶ୍ୱବିଦ୍ୟାଳୟକୁ ନିଜର କ୍ୟାମ୍ପସ ନିର୍ମାଣ ପାଇଁ ଜମି ଖଣ୍ଡେ ମିଳିପାରି ନାହିଁ। ଆଇଆଇଏମ୍ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ଜାଗା ସରକାର ଦେଇଥିବା ବେଳେ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଗୋଟେ ଗୁଣ୍ଠ ଜମି ବି ଦେଇନାହାନ୍ତି। ଜମି କେବେ ମିଳିବ ଓ କେବେ ବିଶ୍ୱବିଦ୍ୟାଳୟ ଘର ପ୍ରତିଷ୍ଠା ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ସଙ୍ଗରେ ଏକାଥରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ପଦବୀ ମଞ୍ଜୁର ଦେବା ସହ ବିଭିନ୍ନ କ୍ଷେତ୍ର ପାଇଁ ଅନୁଦାନ ମିଳିଛି। ଏପରିକି ଏହି ତିନୋଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ହେଲେ ମୁକ୍ତ ବିଶ୍ୱବିଦ୍ୟାଳୟ ବେଳକୁ ସେହି ତତ୍ପରତା ଦେଖିବାକୁ ମିଳିନାହିଁ।

ଓଏସ୍‌ଓୟୁରେ ନିଯୁକ୍ତି ନିମନ୍ତେ କୌଣସି ପଦବୀ ପାଇଁ ଉଚ୍ଚଶିକ୍ଷା ବିଭାଗ ମଞ୍ଜୁରୀ ଦେଇନାହିଁ। ବିଶ୍ୱବିଦ୍ୟାଳୟ ଏ ନେଇ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖିଥିବା ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। ହେଲେ ପଦବୀ ମଞ୍ଜୁର ନ ହେବାର କାରଣ ଉଲ୍ଲେଖ କରିନାହାନ୍ତି। ବର୍ତ୍ତମାନର କୁଳପତି ଶ୍ରୀକାନ୍ତ ମହାପାତ୍ର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରୁ ଡେପୁଟେଶନରେ ଆସିଥିବା ବେଳେ କୁଳସଚିବ ଉଚ୍ଚଶିକ୍ଷା ବିଭାଗରୁ ଡେପୁଟେଶନରେ ଆସିଛନ୍ତି। ଜାତୀୟ ଅନୁଷ୍ଠାନ ଇଗ୍ନୋ ଭଳି ସଂସ୍ଥାରେ ଇଂଲିଶ ଏବଂ ହିନ୍ଦୀରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଥାଏ। ହେଲେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଶିକ୍ଷାଦାନ ସହ ପାଠ୍ୟକ୍ରମ ଯୋଗାଇ ଦିଆଯାଉଛି। ଆଉ ଏଥିପାଇଁ କାର୍ଯ୍ୟରେ ନିୟୋଜିତ ଥାଇ ମଧ୍ୟ ଅନେକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଥାନ୍ତି। ଏଠାରେ କମ୍ ଖର୍ଚ୍ଚରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଦୁଇ ବର୍ଷକୁ ବିଶ୍ୱବିଦ୍ୟାଳୟ ମାତ୍ର ୧୦,୦୦୦ ଟଙ୍କା ନିଆଯାଉଛି। ଏଥିସହିତ ପାଠ୍ୟପୁସ୍ତକ, ପରୀକ୍ଷା, ଖାତା ଦେଖା, ଭିଡିଓ କ୍ଲାସ୍ ଏବଂ ଅଡ଼ିଓ କ୍ଲାସ୍ ପରି ବ୍ୟବସ୍ଥା ରହିଛି। ତେଣୁ ସରକାରଙ୍କ ଅନୁଦାନ ବିନା କେବଳ ଛାତ୍ରୀଛାତ୍ରଙ୍କ ନାମଲେଖା ଅର୍ଥରେ ବିଶ୍ୱବିଦ୍ୟାଳୟ ଚାଲିବା କଷ୍ଟକର ବୋଲି ପରୋକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଦିଲୀପ ନାୟକ ସ୍ୱୀକାର କରିଛନ୍ତି। ହେଲେ ଏହିସବୁ ଅଭିଯୋଗ ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ ଦେବାକୁ ସେ ଉତ୍ତରଦାୟୀ ନୁହନ୍ତି ବୋଲି କହି ଏଡାଇ ଯାଇଛନ୍ତି। ଏସଂକ୍ରାନ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ମତାମତ ପାଇଁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ତାଙ୍କର ତଳପାହ୍ୟା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହି ପ୍ରସଙ୍ଗକୁ ଏଡାଇଯାଇଛନ୍ତି।

# ସମୁଦ୍ରରେ ବୁଡ଼ି ୩ ଇଞ୍ଜିନିୟରିଂ ଛାତ୍ର ମୃତ

**କାକଟପୁର, ୨୦।୧(ଡି.ଏନ୍.ଏ.)**

- ୩ ଗୁରୁତର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି
- ଲାଇଫ୍‌ଗାର୍ଡ଼ ନ ଥିବାରୁ ବାରମ୍ବାର ଘଟୁଛି ଦୁର୍ଘଟଣା

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଠାରେ ରବିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଇବା ସମୟରେ ବୁଡ଼ିଯାଇ ୩ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ଅବସ୍ଥାରେ ଭୁବନେଶ୍ୱର ୬ ନମ୍ବର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ଅମିତ୍ ମହାନ୍ତି, ଅଭିନାଶ ପ୍ରଧାନ ଓ ଶୁଭସୌମ୍ୟ ସେନାପତି। ଗୁରୁତରମାନେ ହେଲେ ଅଙ୍କିତ୍ ସିଂ, ଶୁଭମ୍ କୁମାର ଓ ୟଶ୍ ଚକ୍ରିୟା ବୋଲି ଅସ୍ତରଙ୍ଗ ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଜାହାନିଆ ପୀଠକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଛାତ୍ର ସମୁଦ୍ରରେ ଗାଧୋଉଥିବାବେଳେ ସ୍ରୋତ ଯୋଗୁ ୬ଜଣ ଛାତ୍ର ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ଏହା ଦେଖି ବେଳାଭୂମିରେ ଉପସ୍ଥିତ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟବସାୟୀମାନେ ଜୀବନକୁ ବାଜି ଲଗାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଅସ୍ତରଙ୍ଗର ଜାହାନିଆ ପୀଠଟି ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ସେଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ ବିଭାଗର ଖାମଖିଆଲ ମନୋବୃତ୍ତି ଯୋଗୁ ଏଭଳି ଘଟିଚାଲିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଆଇଆଇସି ମୁଣ୍ଡା କୁହନ୍ତି, ଘଟଣାର ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରି ନାହିଁ। ମୃତକଙ୍କ ପରିବାର ଥାନାରେ ପହଞ୍ଚିଲେ ଅପମୃତ୍ୟୁ ମାମଲା ରୁଜୁ କରାଯିବ।

# ଦିନରେ ମାଡ଼ିଆସିଲା ଘନ କୁହୁଡ଼ି

- ପୂର୍ବରୁ ଏଭଳି କେବେ ଦେଖାଯାଇ ନ ଥିଲା
- କୋଣାର୍କ, ରାମଚଣ୍ଡୀ ବୁଲି ପାରିଲେନି ପର୍ଯ୍ୟଟକ



ରବିବାର ଅପରାହ୍ନ ୩ଟାବେଳେ ଘନ କୁହୁଡ଼ିରେ ଆଚ୍ଛାଦିତ କୋଣାର୍କ ସୂର୍ଯ୍ୟ ମନ୍ଦିର।

**କୋଣାର୍କ, ୨୦।୧(ଡି.ଏନ୍.ଏ.)**

ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଓ ରାମଚଣ୍ଡୀରେ ରବିବାର ଅପରାହ୍ନ ୩ ଘଟିକା ସମୟରେ ହଠାତ୍ ଘନ କୁହୁଡ଼ି ମାଡ଼ିଆସିଥିଲା। ରାମଚଣ୍ଡୀ ସମୁଦ୍ର ପଟୁ କୁହୁଡ଼ି ଧୀରେ ଧୀରେ କୋଣାର୍କ ଆଡ଼କୁ ଯାଇଥିଲା। କୁହୁଡ଼ି ଯୋଗୁ ଏକପ୍ରକାର ଅନ୍ଧକାରମୟ ପରିବେଶ ସୃଷ୍ଟି ହୋଇଯାଇଥିଲା। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାଘାଟରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅଚାନକ ଏଭଳି ଘନ କୁହୁଡ଼ି ଦେଖି ପର୍ଯ୍ୟଟକମାନେ ଭୟଭୀତ ହୋଇ ଉକ୍ତ ସ୍ଥାନ ଛାଡି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଘନ କୁହୁଡ଼ିରେ ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ଭାବେ ଘୋଡ଼େଇ ହେବା ଯୋଗୁ ପର୍ଯ୍ୟଟକମାନେ ମନ୍ଦିରର କଳାକୃତି ଦେଖିପାରି ନ ଥିଲେ। କୁହୁଡ଼ି ଯୋଗୁ ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେଉଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ବନ୍ଦ କରିଦିଆଯାଇଥିଲା। ଶୋ ବନ୍ଦ ହେବାରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକ ନିରାଶ ହୋଇ ଫେରିଥିଲେ। କର୍ତ୍ତୃପକ୍ଷଙ୍କ ତରଫରୁ ସମସ୍ତ ପର୍ଯ୍ୟଟକଙ୍କୁ ଟିକେଟ ମୂଲ୍ୟ ଫେରାଇ ଦିଆଯାଇଥିଲା। କୁହୁଡ଼ି ଏତେ ଘନ ଥିଲା ଯେ ଦିନ ସମୟ ରାତି ଭଳି ଲାଗୁଥିଲା। ଏପରିକି ୧୦୦ମିଟର ଦୂରରୁ ମଧ୍ୟ ସୂର୍ଯ୍ୟମନ୍ଦିର ଦେଖାଯାଉ ନ ଥିଲା। ସ୍ଥାନୀୟ ବ୍ୟବସାୟୀମାନେ କୁହୁଡ଼ି ଦେଖି ଭୟରେ ଦୋକାନ ବଜାର ବନ୍ଦ କରିଦେଇଥିଲେ। କୁହୁଡ଼ି ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ବାହାରୁ ଆସିଥିବା ପର୍ଯ୍ୟଟକ ଗାଡ଼ିଗୁଡ଼ିକ ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପୂର୍ବରୁ ଏଭଳି ଘଟଣା କେବେ ଦେଖାଯାଇ ନ ଥିଲା।

# ମହାପ୍ରଭୁଙ୍କ ହେଲା ମହାସ୍ନାନ

**ପୁରୀ ଅଫିସ,୨୦।୧:** ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ନାଟମଣ୍ଡପରେ ବାନ୍ତି ପଡିଦେବାରୁ ଏହି ମହାସ୍ନାନ ହୋଇଛି। ଏଥିପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି। ସକାଳ ପ୍ରାୟ ୮ଟାରେ ଠାକୁରଙ୍କ ଅବକାଶ ପରେ ମଇଲମ୍ ହୋଇ ବେଶ ଆରମ୍ଭ ହେବାକୁ ଯାଉଥିଲା। ଏହି ସମୟରେ ନାଟମଣ୍ଡପରେ ବାନ୍ତି ପଡିଥିବା ଜଣାପଡିଥିଲା। ସେହିଠାରେ ହିଁ ନୀତି ଅଟକି ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ସରିବା ପରେ ପୁଣି ଠାକୁରଙ୍କ ନୀତି ଯେଉଁଠୁ ଅଟକିଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ତେବେ ସେଠାରେ କିଏ ବାନ୍ତି କରିଥିଲା ତାହା ସ୍ପଷ୍ଟ ଜଣାପଡି ନାହିଁ। ସୂଚନାଥାଉ କି, ଗତ ଗୁରୁବାର ବଲ୍ଲଭ ପିଣ୍ଡି ନିକଟରେ ରକ୍ତ ବୁନ୍ଦା ପଡିଥିବାରୁ ଠାକୁରଙ୍କର ବଡ଼ ମହାସ୍ନାନ ହୋଇଥିଲା।

**ଆଜିର ମନ୍ତବ୍ୟ**

"ରାଜନୀତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁପସ୍ଥିତିରୁ ଅରାଜକତା ସୃଷ୍ଟି ହେବ।

– ପ୍ରକାଶ ଜାଭଡ଼େକର, କେନ୍ଦ୍ରମନ୍ତ୍ରୀ






**ଆଜିର ସମ୍ପାଦକୀୟ**

## ମୋଦି: ସବୁଥିରେ ଆଙ୍ଗୁଠି

**କିଛି ତଥ୍ୟ**

୨୦୧୮–୧୯ ଆର୍ଥିକ ବର୍ଷର ଏପ୍ରିଲ–ଡିସେମ୍ବର ସମୟରେ ଦେଶର କୋଇଲା ଆମଦାନୀ ୬.୭% ବୃଦ୍ଧି ଘଟି ୧୭୧.୮୧ ନିୟୁତ ଟନ୍ ରହିଛି।

–କୋଲ ଇଣ୍ଡିଆ


NECC NATIONAL EGG CO-ORDINATION COMMITTEE | 20.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 80 | 132 | 142 |
| ANG | 77 | 128 | 138 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୨୦।୧**

- ବୁଦା ମୂଳରୁ ମିଳିଲା ମୃତଦେହ
- ଘଟଣାସ୍ଥଳରେ ଡିଆଇଜି, ଏସ୍‌ପି
- ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ

ଅନୁଗୋଳ ସହର ଉପକଣ୍ଠରେ ରବିବାର ଘଟିଛି ଏକ ଅଭାବନୀୟ ଘଟଣା। ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଖବରଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିଲେ ବି ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଦୀପିକା ରାୟଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ମଧ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଥାନା ଅଞ୍ଚଳର ଏକ ସାହିରେ ସମ୍ପୃକ୍ତା ଛାତ୍ରୀଙ୍କ ବାପା ଏକ ତେଜରାତି ଦୋକାନ ଦେଇଛନ୍ତି। ମଧ୍ୟାହ୍ନରେ ଛାତ୍ରୀ ଜଣକ ବାପାଙ୍କ ପାଇଁ ଘରୁ ଖାଇବା ଧରି ନାଳ ଅପରପାର୍ଶ୍ୱରେ ଥିବା ଦୋକାନ ଅଭିମୁଖେ ଯାଇଥିଲେ ହେଁ ଆଉ ଫେରି ନ ଥିଲେ। ମଧ୍ୟାହ୍ନରେ ସେହି ସାହିର ଜଣେ ମହିଳା ଅନ୍ୟ ସାହିକୁ ଯାଉଥିବା ବେଳେ ନାଳ ନିକଟ ରାସ୍ତାରେ ରକ୍ତ ପଡ଼ିଥିବା ଦେଖି ଭୟଭୀତ ହୋଇଯାଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ଶ୍ୱଶୁରଙ୍କୁ ସେ ରକ୍ତ ପଡ଼ିଥିବା ସ୍ଥାନ ଦେଖାଇଥିଲେ। ଏହା ପରେ ମହିଳାଙ୍କ ଶ୍ୱଶୁର ଉକ୍ତ ସାହିକୁ ଆସି ଜଣାଇବାରୁ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। ଖୋଜାଖୋଜି ବେଳେ ରାସ୍ତାରେ ଏକ ବ୍ୟାଗ, ହଳେ ଚପଲ ଓ ରକ୍ତ ଭିଜା ପଥର ପଡ଼ିଥିବା ଦେଖିଥିଲେ। ଉକ୍ତ ସାମଗ୍ରୀ ତାଙ୍କର ବୋଲି ମୃତା ଛାତ୍ରୀଙ୍କ ମା' ଚିହ୍ନଟ କରିବା ପରେ ଗ୍ରାମବାସୀ ଖୋଜାଖୋଜି କରି ଏକ ବୁଦାମୂଳେ ସମ୍ପୃକ୍ତା ନାବାଳିକାଙ୍କ ଉଲଗ୍ନ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ତାଙ୍କ ଘର ଯାଞ୍ଚ ବେଳେ ପୋଲିସ ଅଭିଯୁକ୍ତ ପିନ୍ଧିଥିବା ସ୍ୱେଟରରେ ଘାସ ଫୁଲ ଲାଗିଥିବା ଓ ଗାମୁଛା ଓଦା ଥିବା ଦେଖି ତାହାକୁ ଜବତ କରିଥିଲା। ଘଟଣାସ୍ଥଳରେ ପୋଲିସ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରି ରାତିରେ ତଦନ୍ତ ଜାରି ରଖିଛି।

ଏ ସମ୍ପର୍କରେ ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ଭୋଳ କହିଛନ୍ତି, ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ କାର୍ଯ୍ୟରେ ଲାଗିଛି। ପଡ଼ୋଶୀ ଜିଲା ଏସ୍‌ପିମାନଙ୍କୁ ମଧ୍ୟ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।



ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ ହିଁ ନେତୃତ୍ୱ ନେଇପାରିବ। କିନ୍ତୁ ସହଯୋଗୀ ଦଳଗୁଡ଼ିକ ପାଇଁ କଂଗ୍ରେସ ହୃଦୟବାନ୍ ହେବା ଜରୁରୀ।

-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

## ସଂକ୍ଷେପରେ

### ନେପାଳ, ଭୁଟାନ ଯିବା ଲାଗି ଆଧାର ଆବଶ୍ୟକ

**ନୂଆଦିଲ୍ଲୀ,୨୦।୧(ପି.ଟି.):** ନେପାଳ ଏବଂ ଭୁଟାନ ଯିବାକୁ ଚାହୁଁଥିବା ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ଭାରତୀୟଙ୍କ ପାଇଁ ଏଣିକି ଆଧାର କାର୍ଡକୁ ବୈଧ ଭ୍ରମଣ କାଗଜାତ ଭାବେ ବ୍ୟବହାର କରାଯାଇପାରିବ। ଅନ୍ୟମାନଙ୍କ ପାଇଁ ଆଧାର ଦରକାର ପଡ଼ିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ନେପାଳ ଏବଂ ଭୁଟାନ ଯିବାକୁ ହେଲେ ଭାରତୀୟଙ୍କ ପାଇଁ ଭିଜା ଆବଶ୍ୟକ ନାହିଁ। କେବଳ ବୈଧ ପାସ୍‌ପୋର୍ଟ, ଫଟୋ ପରିଚୟପତ୍ର କିମ୍ବା ଭୋଟର ପରିଚୟପତ୍ର ଥିଲେ ସେମାନେ ଉପରୋକ୍ତ ଦୁଇ ଦେଶକୁ ଯାଇପାରିବେ। ପୂର୍ବରୁ ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପରିଚୟର ପ୍ରମାଣ ସ୍ୱରୂପ ପାଇଁ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା କାର୍ଡ କିମ୍ବା ରାଶନ କାର୍ଡ ଦରକାର ହେଉଥିଲା, ଆଧାର ଆବଶ୍ୟକ ପଡୁ ନ ଥିଲା। ଏବେ ଆଧାର କାର୍ଡ ଉକ୍ତ ତାଲିକାରେ ସାମିଲ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ବସ୍ ଦୁର୍ଘଟଣା : ୨୨ ମୃତ

**ଲା ପାଜ୍,୨୦।୧:** ବଲିଭିଆର ଲାପାଜ୍ ସହରରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ୨ ବସ୍ ମଧ୍ୟରେ ଧକ୍କା ହୋଇ ୨୨ ଯାତ୍ରୀଙ୍କ ଜୀବନ ଯାଇଛି। ୩୭ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ଲାପାଜ୍ ସହରରୁ ୨୫୦ କି.ମି. ଦୂରରେ ଶନିବାର ଘଟିଥିବା ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜପଥରେ ଦ୍ରୁତଗତିରେ ଗାଡ଼ି ଚଳାଚଳ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ମେୟର ମାର୍ଟିନ୍ ଫେଲିସିଆନୋ କହିଛନ୍ତି।

### ଆଜି ଦ୍ୱିତୀୟ ଶାହିସ୍ନାନ

**ପ୍ରୟାଗରାଜ,୨୦।୧(ପି.ଟି.):** କୁମ୍ଭମେଳାରେ ସୋମବାର ପୌଷ ପୂର୍ଣ୍ଣିମା ଅବସରରେ ଦ୍ୱିତୀୟ ଶାହିସ୍ନାନ ଥିବାରୁ ତ୍ରିବେଣୀ ସଙ୍ଗମ ସ୍ଥଳକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ମେଳାସ୍ଥଳୀ ସମେତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ପ୍ରଥମ ଶାହି ସ୍ନାନ ମକର ସଂକ୍ରାନ୍ତିରେ ୧ କୋଟି ୪୦ ଲକ୍ଷ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇଥିଲେ। ସୋମବାର ୨୦ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇବା ଆକଳନ କରାଯାଇଛି। ଏହା ପରେ ଫେବୃୟାରୀ ୪ ମୌନି ଅମାବାସ୍ୟା, ଫେବୃୟାରୀ ୧୦ ବସନ୍ତ ପଞ୍ଚମୀ, ୧୯ ତାରିଖ ମାଘ ପୂର୍ଣ୍ଣିମା ଏବଂ ମାର୍ଚ୍ଚ ୪ ମହାଶିବରାତ୍ରିରେ ଶାହିସ୍ନାନ ଅନୁଷ୍ଠିତ ହେବ।

# ତଳକୁ ଖସିଲେ ନେତା

*ତାରିଖ ଘୋଷଣା ହୋଇ ନ ଥିଲେ ହେଁ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୀତିରେ ସେତିକି ତିକ୍ତତା ବଢ଼ିବାରେ ଲାଗିଛି। ଦଳ ଓ ନେତାମାନେ ବିଚାରଧାରା ତଥା ମୂଲ୍ୟବୋଧ ଭିତ୍ତିକ ରାଜନୀତିରୁ ଦୂରେଇ ବ୍ୟକ୍ତିଗତ ସ୍ତରରେ ନିମ୍ନକୁ ଓହ୍ଲାଇଆସି ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ । ପରିଣାମସ୍ୱରୂପ କେଉଁଠି ହିଂସା ତ ପୁଣି କେଉଁଠି ବିଷୋଦ୍‌ଗାର ଦେଖିବାକୁ ମିଳୁଛି । ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଉତ୍ତରପ୍ରଦେଶର ଜଣେ ଭାଜପା ବିଧାୟିକା ଆପତ୍ତିଜନକ ଭାଷା ବ୍ୟବହାର କରିଥିବାବେଳେ ମଧ୍ୟପ୍ରଦେଶର ଜଣେ ଭାଜପା ନେତାଙ୍କୁ ହତ୍ୟା ଏହାର ପ୍ରମାଣ ଦିଏ। ସେପଟେ କର୍ଣ୍ଣାଟକରେ ଜେଡିଏସ୍ ସହ ମେଣ୍ଟକରି ସରକାରରେ ଥିବା କଂଗ୍ରେସର ବିଧାୟକମାନେ ଏକ ହୋଟେଲରେ ବାଡ଼ିଆପିଟା ହୋଇଛନ୍ତି । କୋଲକାତାରେ ବିରୋଧୀ ମେଳିକରି କେନ୍ଦ୍ରକୁ ଟାର୍ଗେଟ କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଏକତାକୁ ନକାରାତ୍ମକ ଓ ଅସ୍ଥିର ମେଣ୍ଟ ଭାବେ ଅଭିହିତ କରିଛନ୍ତି।*

## ଭାଜପା ନେତାଙ୍କୁ ହତ୍ୟା

**ବରୱାନି(ଏମ୍‌ପି),୨୦।୧(ପି.ଟି.)**



ମନୋଜ ଠାକ୍‌ରେ

ମଧ୍ୟପ୍ରଦେଶ (ଏମ୍‌ପି)ର ବରୱାନି ଜିଲା ବଲୱାଡ଼ିସ୍ଥିତ ଏକ ପଡ଼ିଆରେ ରବିବାର ସକାଳେ ଜଣେ ଭାଜପା ନେତାଙ୍କ ମୃତଦେହ ମିଳିଛି। ତାଙ୍କ ମୁହଁ ଓ ଦେହରେ ଅନେକ କ୍ଷତଚିହ୍ନ ଥିବାରୁ ପୋଲିସ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି। ଗତ ୧୭ ତାରିଖରେ ମଣ୍ଡସୌରରେ ଭାଜପା ନେତା ପ୍ରହ୍ଲାଦ ବନ୍ଧୱରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାର ୩ ଦିନ ପରେ ଦଳର ଅନ୍ୟ ଜଣେ ନେତା ମନୋଜ ଠାକ୍‌ରେ(୪୮)ଙ୍କ ମୃତ୍ୟୁ ପରେ ବିବାଦ ସୃଷ୍ଟି ହୋଇଛି। ମନୋଜ ପ୍ରାତଃଭ୍ରମଣରେ ଯାଇଥିବାବେଳେ ରାଜନୈତିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହାର ତଦନ୍ତ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୁଇ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିଛନ୍ତି।

## 'ମାୟାବତୀ କିନ୍ନରଠାରୁ ବି ହୀନ'

**ଚନ୍ଦୌଲି,(ୟୁପି)୨୦।୧(ପି.ଟି.)**

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ପ୍ରତି ଉତ୍ତରପ୍ରଦେଶ(ୟୁପି)ର ଜଣେ ଭାଜପା ବିଧାୟିକାଙ୍କ ଆପତ୍ତିଜନକ ମନ୍ତବ୍ୟ କେବଳ ରାଜ୍ୟରେ ନୁହଁ, ବରଂ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ତାଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ୧୯୯୫ରେ ଲକ୍ଷ୍ନୌର ଏକ ଗେଷ୍ଟହାଉସ୍‌ରେ ମାୟାବତୀଙ୍କୁ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀମାନେ ଆକ୍ରମଣ କରିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ସମ୍ପର୍କରେ ଶନିବାର ଏକ ସଭାରେ ଅବତାରଣା କରିବାକୁ ଯାଇ ମୋଗଲସରାଇ ବିଧାୟିକା ସାଧନା ସିଂ କହିଛନ୍ତି, ମାୟାବତୀ ମହିଳା ଜାତି ପାଇଁ ଏକ କଳଙ୍କ ଏବଂ କିନ୍ନରଠାରୁ ବି ହୀନ। ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ କ୍ଷମତା ପାଇଁ ନିଜ ମର୍ଯ୍ୟାଦାକୁ ସେହିମାନଙ୍କ ହାତରେ ବିକ୍ରି କରିଦେଇଛନ୍ତି, ଯେଉଁମାନେ ତାଙ୍କୁ ଅସମ୍ମାନ କରିଥିଲେ। ତାଙ୍କୁ ମହିଳା କିମ୍ବା ପୁରୁଷ ଭାବେ ଗଣନା କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ଅଧ୍ୟକ୍ଷ ରାମଦାସ ଅଠାୱଲେ ଏଭଳି ବ୍ୟକ୍ତିଗତ ମନ୍ତବ୍ୟ ଦିଆଯିବା ଅନୁଚିତ ବୋଲି ରବିବାର ଲକ୍ଷ୍ନୌରେ କହିଛନ୍ତି। ବିଏସ୍‌ପି ନେତା ସତୀଶଚନ୍ଦ୍ର ମିଶ୍ର କହିଛନ୍ତି, ସମାଜବାଦୀ ପାର୍ଟି (ଏସ୍‌ପି) ସହ ମାୟାବତୀଙ୍କ ଦଳ ମେଣ୍ଟ କରିବା ପରେ ଭାଜପା ନେତାମାନେ ମାନସିକ ଭାରସାମ୍ୟ ହରାଇଦେଲେଣି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଏଭଳି ନକାରାତ୍ମକ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ସେପଟେ ଜାତୀୟ ମହିଳା କମିଶନ ଏନେଇ ସାଧନାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ି ତାଙ୍କୁ ନୋଟିସ ପଠାଇଛନ୍ତି। ବିଏସ୍‌ପି ନେତା ରାମଚନ୍ଦ୍ର ଗୌତମଙ୍କ ଅଭିଯୋଗ କ୍ରମେ ସାଧନାଙ୍କ ବିରୋଧରେ ବାବୁରି ଥାନାରେ ଏକ ମାମଲା ରୁଜୁ ହୋଇଛି।



ସାଧନା ସିଂ

## 'ବିରୋଧୀ ଗଢୁଛନ୍ତି ନକାରାତ୍ମକ ମେଣ୍ଟ'

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ବିରୋଧୀ ଦଳଗୁଡ଼ିକ ନକାରାତ୍ମକ, ଭ୍ରଷ୍ଟାଚାର ଓ ଅସ୍ଥିରତାକୁ ନେଇ ଏକ ମେଣ୍ଟ ଗଢୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟାର୍ଗେଟ କରିଛନ୍ତି। କଲିକତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ ଶନିବାର ଆୟୋଜିତ ମହାମେଳିକୁ ଇଙ୍ଗିତ କରି ମୋଦି ଏପରି ସମାଲୋଚନା କରିଛନ୍ତି।

## କଂଗ୍ରେସ ବିଧାୟକଙ୍କ ମଧ୍ୟରେ ବାଡ଼ିଆପିଟା

**ବେଙ୍ଗାଲୁରୁ,୨୦।୧(ଆଇଏଏନ୍‌ଏସ୍):** କର୍ଣ୍ଣାଟକ କଂଗ୍ରେସ ବିଧାୟକ ଆନନ୍ଦ ସିଂଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ଦଳର ଅନ୍ୟ ବିଧାୟକମାନେ ଆକ୍ରମଣ କରିଛନ୍ତି। ଆହତ ଆନନ୍ଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କର୍ଣ୍ଣାଟକରେ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ସରକାର ସଙ୍କଟରେ ଅଛି। ଘୋଡ଼ାବେପାରକୁ ଏଡ଼ାଇବା ପାଇଁ ଇଗଲ୍‌ଟନ୍ ହୋଟେଲରେ ଶୁକ୍ରବାର ରାତିରୁ ଅଧିକାଂଶ ବିଧାୟକଙ୍କୁ ରଖାଯାଇଛି। ସେଠାରେ ରବିବାର ଆନନ୍ଦ ଓ ଅନ୍ୟ ବିଧାୟକଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ବିଧାୟକ ଜେ.ଏନ୍ ଗଣେଷ ଓ ଅନ୍ୟମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ବିଜୟନଗର ବିଧାୟକ ଆନନ୍ଦଙ୍କ ମୁଣ୍ଡରେ ଗଣେଷ ଏକ ବୋତଲ ବାଡ଼େଇଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଶୁକ୍ରବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ଥିବା ୪ ଏମ୍‌ଏଲ୍‌ଏଙ୍କୁ ରବିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦଳବଦଳ ଆଇନ ବଳରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ସେପଟେ ଗୁରୁଗ୍ରାମରେ ଲୁଚାଇ ରଖାଯାଇଥିବା ଭାଜପା ବିଧାୟକମାନେ ରବିବାର ବେଙ୍ଗାଲୁରୁ ଫେରିଥିବା ଜଣାପଡ଼ିଛି।



ଆନନ୍ଦ ସିଂ

■ ୧୦ମ ସପ୍ତାହରେ ୟେଲୋ ଭେଷ୍ଟ ଆନ୍ଦୋଳନ

## ଫ୍ରାନ୍ସରେ ସଂଘର୍ଷ




**ପ୍ୟାରିସ୍,୨୦।୧**

ବିକ୍ଷୋଭକାରୀଙ୍କ କ୍ରୋଧ ଶାନ୍ତ କରିବା ଲାଗି ରାଷ୍ଟ୍ରପତି ଏମାନ୍ୱେଲ ମାକରଁଙ୍କ ଉଦ୍ୟମ ସତ୍ତ୍ୱେ ଫ୍ରାନ୍ସରେ 'ୟେଲୋ ଭେଷ୍ଟ' ଆନ୍ଦୋଳନ ଜାରି ରହିଛି। ତେଲ ଦର ବୃଦ୍ଧି ଏବଂ ମାକରଁଙ୍କ ଆର୍ଥିକ ନୀତିକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ରବିବାର ୧୦ ସପ୍ତାହ ପୂରଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ସାନି ସଂଘର୍ଷ ଘଟିଛି। ରାଷ୍ଟ୍ରପତିଙ୍କ ଜାତୀୟ ବିତର୍କକୁ ୟେଲୋ ଭେଷ୍ଟ ପ୍ରତ୍ୟାଖ୍ୟାନ କରିଦେଇଛି। ମାକରଁଙ୍କ ଇସ୍ତଫା ଦାବିରେ ରବିବାର ହଜାର ହଜାର ଆନ୍ଦୋଳନକାରୀ ର୍‍ୟାଲିରେ ବାହାରିଥିଲେ। ପ୍ୟାରିସ ସମେତ ବିଭିନ୍ନ ସହରରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ସେମାନଙ୍କୁ ଘଉଡାଇବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଅନ୍ୟପକ୍ଷରେ ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଢେଲା ଓ ପାଣି ବୋତଲ ମାଡ଼ କରିଥିଲେ। ପ୍ୟାରିସରେ ୩୦ ଜଣଙ୍କୁ ପୋଲିସ ଗିରଫ କରିଛି। ପ୍ୟାରିସ୍‌ରେ ୫୦୦୦ ସମେତ ସାରା ଦେଶରେ ୮୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି।

■ ସୋମାଲିଆରେ ରକେଟ ମାଡ଼

## ୫୨ ଆତଙ୍କବାଦୀ ନିହତ



**ଜୋହାନ୍ସବର୍ଗ,୨୦।୧**

ଅଲ୍-ସବାବ୍ ଆତଙ୍କବାଦୀ ଗ୍ରୁପ୍‌ଙ୍କୁ ଟାର୍ଗେଟ୍ କରି ଆମେରିକା ସେନା ପକ୍ଷରୁ ବିମାନରୁ ଗୁଳିବର୍ଷଣ ଓ ବୋମାମାଡ଼ କରାଯାଇଛି। ଶନିବାର ଜୁବା ଅଞ୍ଚଳର ଜିଲିବ୍‌ଠାରେ ଅଲ୍-ସବାବ୍ କ୍ୟାମ୍ପ ଉପରେ ହୋଇଥିବା ଏହି ଆକ୍ରମଣରେ ୫୨ ଆତଙ୍କବାଦୀ ନିହତ ହୋଇଥିବା ଅମେରିକା ଆଫ୍ରିକା କମାଣ୍ଡ ପକ୍ଷରୁ କୁହାଯାଇଛି। ନିକଟରେ ସୋମାଲି ସେନା ଉପରକୁ ହୋଇଥିବା ଆକ୍ରମଣର ଏହା ଦୃଢ଼ ଜବାବ୍ ବୋଲି ଆମେରିକା ସାମରିକ ୟୁନିଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋମାଲିଆର ଅଧିକାଂଶ ଅଞ୍ଚଳରେ ଇସ୍‌ଲାମିକ୍ ଆତଙ୍କବାଦୀ ଗ୍ରୁପ୍ ଅଲ୍-ସବାବ୍‌ର ପତିଆରା ରହିଛି। ମଙ୍ଗଳବାର ପଡ଼ୋଶୀ କେନିଆର ରାଜଧାନୀସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲରେ ଏହି ଗ୍ରୁପ୍‌ର ସଦସ୍ୟମାନେ ବୋମା ବିସ୍ଫୋରଣ କରିଥିଲେ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବାପରଠାରୁ ସୋମାଲିଆରେ ଏହାକୁ ମିଶାଇ ୪୭ ଥର ଆକାଶ ମାର୍ଗରୁ ବୋମାମାଡ଼ ହୋଇଛି।




## 'ଦବଙ୍ଗ ୩'ରେ ଘରବାହୁଡ଼ା

**ମୁମ୍ବାଇ:** ଖୁବ୍‌ଶୀଘ୍ର 'ଦବଙ୍ଗ ୩'ର ଶୁଟିଂ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି। ଶନିବାର କ୍ରୋମ୍ ପିକ୍ଚର୍ସର ୧୫ତମ ବାର୍ଷିକୀ ଏବଂ 'ବଧାଇ ହୋ'ର ସଫଳତାର ଉତ୍ସବ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୋନାକ୍ଷୀ ଏହା ପ୍ରକାଶ କରିଛନ୍ତି। ୨୦୧୦ରେ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ସହିତ ଦବଙ୍ଗରେ ପ୍ରଥମ କରି ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ତେବେ ଉକ୍ତ ଫିଲ୍ମର ପରବର୍ତ୍ତୀ ସଂସ୍କରଣର ଶୁଟିଂ ସମ୍ପର୍କରେ ସୋନାକ୍ଷୀ କହିଲେ, ଦବଙ୍ଗ ୩ର ଶୁଟିଂ ପାଇଁ ସେ ଖୁବ୍ ଉତ୍ସାହିତ। ଦବଙ୍ଗ ଏବଂ ଦବଙ୍ଗ ୨ର ରିଲିଜ୍ ପରେ ଏକ ଲମ୍ବା ଅବକାଶ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଦବଙ୍ଗ ୩ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। 'ବଧାଇ ହୋ'ର ନିର୍ଦ୍ଦେଶକ ଅମିତ ଶର୍ମାଙ୍କୁ ପ୍ରଶଂସା କରି ସୋନାକ୍ଷୀ କହିଲେ, ଅମିତ ଶର୍ମାଙ୍କ ପାଇଁ ମୁଁ ଖୁବ୍ ଗର୍ବିତ। କାରଣ ତାଙ୍କର ପ୍ରଥମ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମରେ ମୋତେ ହିରୋଇନ୍ ଭୂମିକା ମିଳିଥିଲା। ତାଙ୍କର ପ୍ରିୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ସେ ଅନ୍ୟତମ। ତେଣୁ ତାଙ୍କ ପାଇଁ ସେ ଖୁସି ଓ ଗୌରବାନ୍ୱିତ ବୋଲି ପ୍ରକାଶ କରିଥିଲେ।



ସୋନାକ୍ଷୀ ସିହ୍ନା

## ଇତିହାସର ଆଇନାରେ — ଜାନୁୟାରୀ ୨୧ର ପ୍ରମୁଖ ଘଟଣା

୧୯୬୦ ଜାନୁୟାରୀ ୨୧ରେ ଦକ୍ଷିଣ ଆଫ୍ରିକାର ହୋଲି କଣ୍ଟ୍ରିରେ ଏକ କୋଇଲା ଖଣି ଭୁଶୁଡ଼ି ପଡିବା ଯୋଗୁ ୪୩୫ ଶ୍ରମିକ ପ୍ରାଣ ହରାଇଥିଲେ। ସାସୋଲବର୍ଗଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଏହି କୋଇଲାଖଣିର ମୂଳ ନାମ କୋଲବ୍ରାକ୍।

୧୯୩୧ ଜାନୁୟାରୀ ୨୧ରେ ସାର୍ ଆଇଜାକ୍ ଆଇଜାକ୍ସ ଅଷ୍ଟ୍ରେଲିଆର ପ୍ରଥମ (ଅଷ୍ଟ୍ରେଲିଆ ଜନ୍ମିତ) ଗଭର୍ନର-ଜେନେରାଲ ଭାବେ ଶପଥ ନେଇଥିଲେ। ସେ ଏକାଧାରରେ ଜଣେ ଆଇନଜ୍ଞ, ରାଜନେତା ଏବଂ ବିଚାରପତି। ସେ ୧୮୫୫ ଅଗଷ୍ଟ ୬ରେ ଜନ୍ମଗ୍ରହଣ କରିଥିବା ବେଳେ ୧୯୪୮ ଫେବୃୟାରୀ ୧୧ରେ ତାଙ୍କର ବିୟୋଗ ଘଟିଥିଲା। ୧୯୩୧ରୁ ୧୯୩୬ ମଧ୍ୟରେ ସେ ଅଷ୍ଟ୍ରେଲିଆର ନବମ ଗଭର୍ନର-ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



# ଖଟିଲେ ଖାଇବା, କେହି ଭଲ ନୁହେଁ

## ଜନସାଧାରଣଙ୍କୁ ପଚରାଯାଇଥିବା ପ୍ରଶ୍ନ

- ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିଲେ । ତାଙ୍କ ଭାଷଣର କେଉଁ କଥାଟି ଆପଣଙ୍କ ମନେ ଅଛି ବା ମନକୁ ଛୁଇଁଛି ?
- ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ବଲାଙ୍ଗୀରରେ କେଉଁ ପ୍ରକାର ରାଜନୈତିକ, ସାମାଜିକ ବା ଅର୍ଥନୈତିକ ପ୍ରଭାବ ପଡିଛି ?
- ରାଜ୍ୟରେ ବିଜେଡି ସରକାର ଦୀର୍ଘକାଳ ଶାସନରେ ରହିଛି । କେନ୍ଦ୍ରରେ ମଧ୍ୟ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର ପ୍ରାୟ ୫ ବର୍ଷ ପୂରଣ କଲାଣି । ତୁଳନାତ୍ମକ ଭାବେ ଏହି ଦୁଇ ସରକାରଙ୍କ ମଧ୍ୟରୁ ରାଜ୍ୟର ଭବିଷ୍ୟତ ବିକାଶରେ କେଉଁ ଗୋଷ୍ଠୀ ଅଧିକ ବିଶ୍ୱସନୀୟ ବା ମଙ୍ଗଳମୟ ହେବେ ବୋଲି ଆପଣ ଭାବୁଛନ୍ତି ?

ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏକ ସରକାରୀ କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗଦେଇ ଫେରିଛନ୍ତି । ଏହି ଅବସରରେ ସେ ୧୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ । ସାଧାରଣ ସଭାରେ ଓଡିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା କଥା କହିଥିଲେ । ତେବେ ଏହି ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ସେ ନରମ ଭାବ ପ୍ରଦର୍ଶନ କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ମୋଦିଙ୍କ ବଲାଙ୍ଗୀର ଗସ୍ତ ପରେ ଏହି ଅଞ୍ଚଳରେ କ'ଣ ରହିଛି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଭାବ ତାହା ଏବେ ବଡ଼ ପ୍ରଶ୍ନ । ଏ ସଂକ୍ରାନ୍ତରେ ଆମେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲୁ । ସେମାନଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...।

ରିପୋର୍ଟ–ବୀରେନ୍ଦ୍ର ଝାଙ୍କର

- ବଲାଙ୍ଗୀର ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ମୁଁ ଟିଭିରେ ଶୁଣିଛି । ବେଶ୍ ଭଲ ଲାଗିଲା । ସେ ରେଳପ୍ରକଳ୍ପ ଶୁଭାରମ୍ଭ କଲେ । ଅନ୍ୟ ପ୍ରସଙ୍ଗରେ ବି ଆଲୋଚନା କଲେ ।
- ମୋଦିଙ୍କ ଗସ୍ତ ଆଗାମୀ ଦିନରେ ନିଶ୍ଚିତ ପ୍ରଭାବ ପକାଇବ।
- ଆଗକୁ ଭାଜପା ରାଜ୍ୟବାସୀଙ୍କ ପାଇଁ ଅଧିକ ବିକାଶ କରିପାରିବ ବୋଲି ମୁଁ ଭାବୁଛି ।


ଲିଙ୍କନ ମହାକୁର, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ତେବେ ସେ ଭଲ କଥା କହୁଥିଲେ ବୋଲି ଲୋକଙ୍କଠାରୁ ଶୁଣିଛି ।
- ମୋଦିଙ୍କ ଗସ୍ତ ନିଶ୍ଚିତ ପ୍ରଭାବ ପକାଇବ । ଆମ ଅଞ୍ଚଳର ଉନ୍ନତି ହେବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ଅଧିକ ଉନ୍ନତି ହେବ ବୋଲି ମୋର ବିଶ୍ୱାସ ରହିଛି ।


ଦୈତାରୀ ରୋହିଦାସ, ଚମଡା କାରିଗର, ସୁଦପଡ଼ା

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ । ଟିଭିରୁ ତାଙ୍କ ଭାଷଣ ଶୁଣିଛି । ରେଳପ୍ରକଳ୍ପର ଶୁଭାରମ୍ଭ କଲେ । ଦେଶ ଆଗକୁ ଯାଉଥିବା କହିଲେ, ଭଲ ଲାଗିଲା ।
- ମୋଦିଙ୍କ ଭଳି ଜଣେ ନେତା ଆସିଲେ ନିଶ୍ଚୟ କିଛି ପ୍ରଭାବ ତ ପଡିବ । ମାତ୍ର ସାମାଜିକ, ଅର୍ଥନୈତିକ ପ୍ରଭାବ କେତେ ପଡିବ ତାହା ସମୟ କହିବ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ବିକାଶ କରି ଆସୁଛି । ଆଗକୁ ମଧ ବିଶ୍ୱସନୀୟ ହେବ ।


ସୁଦୀପ୍ତା ପଣ୍ଡା, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତର ସାମାନ୍ୟ ପ୍ରଭାବ ପଡିବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ବିଜେଡି ସରକାର ଓଡିଶାର ଅଧିକ ବିକାଶ କରିବ ବୋଲି ମୁଁ ଆଶା ରଖିଛି ।


ନାଗ ମାଧବୀ, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିବା ମୁଁ ଜାଣିଥିଲି । ତାଙ୍କ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ। ମୁଁ ଗୋଟିଏ ଦିନ କାମ ବନ୍ଦ କରି ଭାଷଣ ଶୁଣିଲେ ମୋତେ କିଏ ଖାଇବାକୁ ଦେବ ?
- ମୋଦିଙ୍କ ଗସ୍ତ ସେମିତି କିଛି ଅଧିକ ପ୍ରଭାବ ପକାଇବ ନାହିଁ । ଗତ ୫ ବର୍ଷରେ ସେ ଗରିବ ଲୋକଙ୍କ ପାଇଁ କ'ଣ କରିଛନ୍ତି? ଆମ ଅଞ୍ଚଳର ପିଲା ପାଠପଢ଼ି ବେକାର ବସିଛନ୍ତି । କାମ କରିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି। ଏଭଳି ବିକାଶରେ କୌଣସି ମା'ବାପା ଖୁସି ନାହାନ୍ତି ।
- ବିଜେଡି ଦୀର୍ଘବର୍ଷ ଶାସନରେ ରହିଲେ ବି ବାସ୍ତବରେ କ'ଣ ବିକାଶ ହୋଇଛି । ଟଙ୍କିକିଆ ଚାଉଳ ଦେଇଦେଲେ କ'ଣ ବିକାଶ ହୋଇଯାଏ? ଲୋକଙ୍କୁ ଅଳସୁଆ କରାଯାଇଛି । ଆମେ ପରିଶ୍ରମ କରି ଟଙ୍କା ରୋଜଗାର କରିବାକୁ ଚାହୁଁଛୁ । ମୁଁ ଜଣେ ଚମଡା କାରିଗର। ମୋ ଭଳି ରୋଜଗାରରେ ଥିବା ଲୋକଙ୍କ ପାଇଁ ବିଜେଡି, ଭାଜପା କ'ଣ କରିଛନ୍ତି । ସେମାନେ ଆଗକୁ କ'ଣ ଅଧିକ କରିବେ ବୋଲି ଆମେ ଆଶା କରିବୁ ?


ହରି ମେହେର, ଚମଡା କାରିଗର, ସୁଦପଡ଼ା

- ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଟିଭିରେ ଶୁଣିଛି । ମାତ୍ର ସେ କ'ଣ କହିଲେ ତାହା ମନେନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ନିଶ୍ଚିତ ରୂପେ ପ୍ରଭାବ ପକାଇବ ।
- ମୋଦିଙ୍କ ଭାଜପା ସରକାର ଓଡିଶାରେ ଶାସନ କ୍ଷମତାକୁ ଆସିଲେ ନିଶ୍ଚିତ ରୂପେ ରାଜ୍ୟବାସୀଙ୍କ ଅଧିକ ମଙ୍ଗଳ ହେବ ବୋଲି ମୁଁ ଭାବୁଛି ।


ଅହଲ୍ୟା ମେହେର, ଗୃହିଣୀ, ତୁଳସୀନଗର


ସତ୍ୟ ବାଗ, ଚା' ଦୋକାନୀ, ଡିଆଇପିଆରଓ ଅଫିସ ପାଖ

- ମୋଦିଙ୍କ ବଲାଙ୍ଗୀର ଗସ୍ତ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ ।
- ମୋଦି ବଲାଙ୍ଗୀର ଆସି ଫେରିଯାଇଥିଲେ ବି କିଛି ବିଶେଷ ଫରକ ବା ପ୍ରଭାବ ପଡିଥିବା ମୁଁ ଲକ୍ଷ୍ୟ କରୁନାହିଁ ।
- ବିଜେଡି କି ଭାଜପା କେହି ବି ଆଗକୁ ରାଜ୍ୟବାସୀଙ୍କ ପାଇଁ ବିଶ୍ୱସନୀୟ ହେବେ ନାହିଁ । ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ଏଥର ପରିବର୍ତ୍ତନ ହେବ ।

- ମୋଦି ବଲାଙ୍ଗୀର ଆସିଥିଲେ । ମୁଁ ତାଙ୍କ ସମାବେଶକୁ ଯାଇଥିଲି । ତେବେ ସେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିଲେ ନାହିଁ ।
- ମୋଦିଙ୍କ ଗସ୍ତ ବଲାଙ୍ଗୀର ଅଞ୍ଚଳରେ ବିଶେଷ ପ୍ରଭାବ ପକାଇବ ନାହିଁ । ଲୋକେ କେବଳ ତାଙ୍କୁ ଦେଖିବା ପାଇଁ ଯାଇଥିଲେ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଆଗକୁ ମଧ ରାଜ୍ୟ ପାଇଁ ମଙ୍ଗଳକର ହେବ ।


ରଞ୍ଜନ ବାରିକ, ସେଲୁନ୍ ଦୋକାନୀ, ତୁଳସୀନଗର

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ । ସେ କ'ଣ କହିଲେ ବି ଜାଣିନାହିଁ ।
- ମୋଦିଙ୍କ ଗସ୍ତ ଏହି ଅଞ୍ଚଳରେ ବିଶେଷ କିଛି ପ୍ରଭାବ ପକାଇବ ନାହିଁ।
- ନବୀନ ସରକାର ଆସିଲେ ଆଗକୁ ମଧ ରାଜ୍ୟର ମଙ୍ଗଳ ହେବ ।


ନିବାସ ସାହୁ, ପାନ ଦୋକାନୀ, ନରସିଂହ ମନ୍ଦିର ଛକ

- ମୋଦିଙ୍କ ସମାବେଶକୁ ମୁଁ ଯାଇନାହିଁ । ଭାଷଣ ବି ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ କିଛି ବି ପ୍ରଭାବ ପକାଇବ ନାହିଁ । ରାଜନୈତିକ କ୍ଷେତ୍ରରେ ସାମାନ୍ୟ ପ୍ରଭାବ ପକାଇପାରେ ।
- ଓଡ଼ିଶାରେ ବିଜେଡି ସରକାର ହିଁ ଆଗକୁ ବିଶ୍ୱସନୀୟ ହେବେ ବୋଲି ମୋର ମତ ।


ପ୍ରହଲ୍ଲାଦ ବାରିକ, ସେଲୁନ ଦୋକାନୀ, ସରକାରୀ ବସଷ୍ଟାଣ୍ଡ

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିଲେ କିନ୍ତୁ ମୁଁ ତାଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ସେ କ'ଣ କହିଲେ ତାହା ମଧ ଜାଣିନାହିଁ। ଆମେ ଗରିବ ଲୋକ,ପ୍ରତିଦିନ ରୋଜଗାର କଲେ ଖାଇବୁ । କିଏ ଆସିଲା ନ ଆସିଲା ଆମର କିଛି ଯାଏ ଆସେ ନାହିଁ।
- ମୋଦି ଆସିଲେ ବି ଏଠାରେ କିଛି ପ୍ରଭାବ ପଡିନାହିଁ କି କିଛି ଉନ୍ନତି ହୋଇନାହିଁ । ଦୀର୍ଘବର୍ଷ ହେଲା ସେମାନେ ଆମ ପରି ଲୋକଙ୍କୁ ଠକି ଆସିଛନ୍ତି।
- ଆଗାମୀ ଦିନରେ ବିଜେଡି କି ଭାଜପା ଯେଉଁ ଦଳ ଶାସନକୁ ଆସିଲେ ମଧ ଓଡିଶାବାସୀଙ୍କ ମଙ୍ଗଳ ହେବନାହିଁ। ବିଜେଡି ଏତେବର୍ଷ ଶାସନରେ ରହିଲା କ'ଣ ବିକାଶ କଲା । ମୋଦି ବି ଶାସନକୁ ଆସି କ'ଣ ବିକାଶ କଲେ ଆମେ ଜାଣିନାହୁଁ। ଭୋଟ ବେଳେ କେବଳ ପ୍ରତିଶ୍ରୁତି ଦେଇ ଏମାନେ ଠକି ଚାଲିଛନ୍ତି। ଏଣୁ ଏଥର ପରିବର୍ତ୍ତନ ଲୋଡା ।


ନରେନ୍ଦ୍ର ବାରିକ, ରିକ୍ସା ଚାଳକ, ଫକିରିଆମୁଣ୍ଡା

- ମୋଦି ବଲାଙ୍ଗୀର ଆସିଥିଲେ ଜାଣିଛି । ମାତ୍ର ମୁଁ ତାଙ୍କର ଭାଷଣ ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ କିଛି ବି ପ୍ରଭାବ ପକାଇବ ନାହିଁ ।
- ଆମେ ରିକ୍ସାବାଲା ପ୍ରତିଦିନ ଖଟିଲେ ମୁଠେ ଖାଇବାକୁ ପାଉଛୁ। ବିଜେଡି କି ଭାଜପା କେହି ଆମର ମଙ୍ଗଳ କରିନାହାନ୍ତି । ଆମେ ଆଜି ବି କଠିନ ପରିଶ୍ରମ କଲେ ପରିବାର ଚଳାଉଛୁ । ତେଣୁ ଆଗକୁ ବିଜେଡି କିମ୍ବା ଭାଜପା କେହି ରାଜ୍ୟର ଅଧିକ ମଙ୍ଗଳ କରିବେ ସେ ଆଶା ମୋର ନାହିଁ।


ନବୀନ ମହାନନ୍ଦ, ରିକ୍ସାଚାଳକ, ବଘିଆ

- ମୋଦିଙ୍କୁ ଦେଖିବା ପାଇଁ ଯାଇଥିଲି । ମାତ୍ର ତାଙ୍କୁ ଦେଖିପାରିଲି ନାହିଁ କି ଭାଷଣ ବି ଶୁଣି ପାରିଲି ନାହିଁ। ସେ କ'ଣ କହିଲେ, କ'ଣ ପ୍ରତିଶ୍ରୁତି ଦେଇ ଗଲେ ଜାଣିନାହିଁ ।
- ମୋଦି ବଲାଙ୍ଗୀର ଆସିଲେ କିଛି ପ୍ରଭାବ ପଡିବ ନାହିଁ ।
- ନବୀନ ସରକାର ଆଗାମୀ ଦିନରେ ମଧ ରାଜ୍ୟବାସୀଙ୍କ ମଙ୍ଗଳ କରିବେ । ମୁଁ ବିଜୁ ପକ୍କା ଘର ଗୋଟେ ପାଇବି ବୋଲି ଆଶା ରଖିଛି ।


ଉର୍ମିଳା ବାଗ, ଗୃହିଣୀ, ଗୋଠପଡ଼ା

- ମୋଦି ବଲାଙ୍ଗୀର ଆସିଥିଲେ ବି ତାଙ୍କ ଭାଷଣ ମୁଁ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ଯୁବବର୍ଗ ଉପରେ ନିଶ୍ଚିତ ପ୍ରଭାବ ପକାଇବ। ସାମାଜିକ, ଅର୍ଥନୈତିକ ଉନ୍ନତି ହେବ ।
- ଆଗାମୀ ଦିନରେ ଓଡ଼ିଶାରେ ଭାଜପା ଅଧିକ ବିଶ୍ୱସନୀୟ ହୋଇପାରିବ।


ଅବକାଶ ପଟେଲ, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର




■ସହାୟକଙ୍କୁ ସୁଯୋଗ ମିଳିଲାନାହିଁ

# ଏଏସ୍‌ଓ ପରୀକ୍ଷା ଦେଇ ପାରିଲେନି ଦୃଷ୍ଟିହୀନ

ମଥୁରାନଗରୀ,୨୦।୧

ଆଡ଼ମିଟ୍ କାର୍ଡ଼ ଥିବା ସତ୍ତ୍ୱେ ଜଣେ ଦିବ୍ୟାଙ୍ଗ (ଦୃଷ୍ଟିହୀନ)ଙ୍କୁ ରବିବାର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାରୁ ବଞ୍ଚିତ ହେବାକୁ ପଡିଛି। ଏହି ଘଟଣା ବରଗଡ଼ ମହିଳା କଲେଜ ପରୀକ୍ଷା କେନ୍ଦ୍ରରେ ଘଟିଛି ।

ବରଗଡ଼ ସହର ଉପକଣ୍ଠ ଖଲିଆପାଲି ଗ୍ରାମର ବୀରବର କୁଶଲଙ୍କ ପୁଅ ଟେକଧର ଜଣେ ଦୃଷ୍ଟିହୀନ। ସେ ଗ୍ରାଜୁଏଶନ କରିଥିବାବେଳେ କମ୍ପ୍ୟୁଟର ଶିକ୍ଷା ମଧ୍ୟ ନେଇଛନ୍ତି। ରବିବାର ଚାଲିଥିବା ଏଏସ୍‌ଓ ପରୀକ୍ଷାରେ ଭାଗ ନେବା ପାଇଁ ସେ ଆବେଦନ କରିଥିଲେ ଏବଂ ତାଙ୍କୁ ଆଡ଼ମିଟ୍ କାର୍ଡ଼ ମଧ୍ୟ ମିଳିଥିଲା। ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ପ୍ରଥମ ସିଟିଂ ପରୀକ୍ଷା (ଜେନେରାଲ ଆୱାରନେସ) ରହିଥିଲା। ଫଳରେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଟେକଧର ତାଙ୍କ ବାପା ବୀରବର ଓ ଭାଇ ଚନ୍ଦ୍ରଭାନୁଙ୍କ ସହିତ ବରଗଡ଼ ମହିଳା କଲେଜ ପରୀକ୍ଷାକେନ୍ଦ୍ରକୁ ଆସିଥିଲେ । ହାତରେ ଆଡ଼ମିଟ୍ କାର୍ଡ଼ ଏବଂ ଅନ୍ୟ ଆବଶ୍ୟକ କାଗଜାତ୍ ମଧ୍ୟ ଆଣିଥିଲେ । ତେବେ ଦୃଷ୍ଟିହୀନମାନେ ପରୀକ୍ଷା ଦେବାବେଳେ ଲେଖିବା ପାଇଁ ତାଙ୍କ ସହିତ ଜଣେ ସହାୟକଙ୍କୁ ସୁଯୋଗ ଦେବାର ପ୍ରାବଧାନ ରହିଛି। ମାତ୍ର ସେଭଳି କିଛି ପ୍ରାବଧାନ ତାଙ୍କ ପାଖରେ ପହଞ୍ଚିନାହିଁ ଏବଂ ଲେଖିବା ପାଇଁ କୌଣସି ସହାୟକ ମଧ୍ୟ ତାଙ୍କ ସହିତ ଭାଗ ନେଇପାରିବେ ନାହିଁ ବୋଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିବା କର୍ମଚାରୀମାନେ କହିଥିଲେ। ଟେକଧର ଏବଂ ପରିବାର ଲୋକେ ଯେତେ ଗୁହାରୀ କରିଥିଲେ ମଧ୍ୟ ସେହି କର୍ମଚାରୀମାନେ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ସେମାନେ ନିରାଶ ହୋଇ ଘରକୁ ଚାଲିଯାଇଥିଲେ। ଅନ୍ୟପକ୍ଷେ ଭିନ୍ନକ୍ଷମ ଆସୋସିଏଶନର ସାର୍ତ୍ତିକ ସାହୁ କହିଛନ୍ତି, ସେହି ପଦବୀ ପାଇଁ ଉର୍ଦ୍ଦିଷ୍ଟ ବିଜ୍ଞାପନରେ ଓପିଏସ୍‌ସି ସେଭଳି ସହାୟକଙ୍କୁ ସୁଯୋଗ ଦିଆଯିବ ନାହିଁ ବୋଲି ପୂର୍ବରୁ ଦର୍ଶାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେଥିରେ ହସ୍ତକ୍ଷେପ କରାଯିବା ପରେ ଗତ ୧୧ତାରିଖରେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍ସ ଉଇଥ ଡିସଆବିଲିଟିଜ୍‌ର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ତାଙ୍କ ପତ୍ରସଂଖ୍ୟା-୩୮୮ ତା-୧୧।୧।୨୦୧୯ କ୍ରମେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ଭାରତ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସେଭଳି ଦୃଷ୍ଟିହୀନଙ୍କୁ ଲିଖିତ ପରୀକ୍ଷାରେ ସହାୟକ ସୁଯୋଗ ଦେବା ପାଇଁ ଓପିଏସ୍‌ସି ସେକ୍ରେଟେରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାସତ୍ତ୍ୱେ ଟେକଧରଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବା ନିନ୍ଦନୀୟ। ଏ ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବେ ବୋଲି ସାହୁ କହିଛନ୍ତି।


ପରୀକ୍ଷା ଦେଇ ନ ପାରି ବାପାଙ୍କ ସହିତ ଘରକୁ ଫେରୁଛନ୍ତି ଟେକଧର।

## ଜାରି ରହିବ ଘନ କୁହୁଡ଼ି

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

କିଛିଦିନ ହେବ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଶନିବାର ଭଳି ରବିବାର ମଧ ପ୍ରବଳ କୁହୁଡ଼ି ପଡ଼ିଥିଲା। ୫୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ ରାସ୍ତା ଦୃଶ୍ୟମାନ ହେବା ସମ୍ଭବ ହେଉନାହିଁ। ଏଥିଯୋଗୁ ଶନିବାର ଟ୍ରେନ ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରବିବାର ମଧ ପ୍ରବଳ କୁହୁଡ଼ି ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଶୀତର ଲହରି ସାଙ୍ଗକୁ କୁହୁଡ଼ି ଫଳରେ ଲୋକମାନେ ବାହାରକୁ ବାହାରି ପାରି ନ ଥିଲେ। ସୋମବାର ମଧ ଘନ କୁହୁଡ଼ି ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ୧୩ ସହରରେ ତାପମାତ୍ରା ୧୧ଡିଗ୍ରୀ ତଳେ ରହିଥିଲା।




# ଯୁବତୀଙ୍କ ତଣ୍ଟି କାଟି ହତ୍ୟାକଲେ ବାନ୍ଧବୀ

ଭୁବନେଶ୍ୱର, ୨୦।୧(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)

ପୁଅ ଦେଖା ସରିଥିଲା। ଦୁଇ ଦିନ ପରେ ନିର୍ବନ୍ଧ ହୋଇଥାନ୍ତା। କିନ୍ତୁ ତା' ପୂର୍ବରୁ ନିଜ ବାନ୍ଧବୀ ସାଜିଲେ ବଇରି। ନିର୍ବନ୍ଧ ପୂର୍ବରୁ ଯୁବତୀଙ୍କୁ ତଣ୍ଟିକାଟି ହତ୍ୟା କଲେ ବାନ୍ଧବୀ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗରର ଲେନ୍-୫ରେ ଥିବା ଏକ ହଷ୍ଟେଲରେ। ହତ୍ୟାର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶ ମୁଖା ଗାଁର ଅଳକାନନ୍ଦା ଦାଶ। ପୋଲିସ ଅଭିଯୁକ୍ତ ତଥା ଅଳକାନନ୍ଦାଙ୍କ ବାନ୍ଧବୀ ଅନିଷା ମିତ୍ର(୩୨)ଙ୍କୁ ଗିରଫ କରିଛି।

ଅନିଷାଙ୍କ ଘର କୋଣାର୍କ ଅଞ୍ଚଳରେ। ୧୦ ବର୍ଷ ତଳେ କୋରାପୁଟରେ ଏକ ଏନ୍‌ଜିଓରେ କାମ କରିବା ସମୟରେ ଅଳକାନନ୍ଦାଙ୍କ ସହ ତାଙ୍କର ଭେଟ ହୋଇଥିଲା। ୪ବର୍ଷ ତଳେ ସେମାନେ ଭୁବନେଶ୍ୱର ଆସିବା ପରେ ଗୌରୀନଗରରେ ହଷ୍ଟେଲରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ପୋଲିସ ସୂଚନା ମୁତାବକ, ପ୍ରାୟ ମାସେ ହେବ ଅଳକାଙ୍କ ପରିବାର ଲୋକେ ତାଙ୍କ ପାଇଁ ବର ଖୋଜୁଥିଲେ। ଶେଷରେ ବିବାହ ପାଇଁ ପୁଅ ଠିକ୍ ହୋଇଥିଲା। କିନ୍ତୁ ଅଳକା ବିବାହ କରନ୍ତୁ ବୋଲି ଅନିଷା ଚାହୁଁ ନ ଥିଲେ। ଏହାକୁ ନେଇ ୨ଦିନ ତଳେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘର ମାଲିକ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ କରିଥିଲେ। ଅଳକା ଛାତ ଉପରକୁ ଯାଇ ଫୋନରେ କଥା ହେଲେ ଅନିଷା ତାଙ୍କୁ ରୁମ୍‌ରେ ରହି କଥା ହେବାକୁ ବାଧ କରୁଥିଲେ। ଏହାକୁ ଅଳକା ବିରୋଧ କରୁଥିଲେ। ଏହା ମଧ୍ୟରେ ନିର୍ବନ୍ଧ ପାଇଁ ପରିବାର ଲୋକେ ଅଳକାଙ୍କୁ ଘରକୁ ଡକାଇଥିଲେ। ସେ ସୋମବାର ଟ୍ରେନରେ ଘରକୁ ଯାଇଥାନ୍ତେ। ତେବେ ଶନିବାର ରାତି ପ୍ରାୟ ୨ଟା ୪୫ରେ ଅଳକା ଫୋନ୍‌ରେ କଥାହେବା ଲାଗି ଛାତ ଉପରକୁ ଯିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୁହିଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇ ହାତହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅନିଷା ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଳକାଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କ ଛାତି ଉପରେ ବସି ପରିବା କଟା ଛୁରିରେ ତାଙ୍କ ତଣ୍ଟି କାଟିଦେଇଥିଲେ ବୋଲି ଅନିଷା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଳକାଙ୍କ ମୃତଦେହ ଜବତ କରିବା ସହ ଅନିଷାଙ୍କୁ କାବୁ କରି ଘର ସିଲ୍ କରିଥିଲା। ସକାଳୁ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଦଫା ୩୦୨ରେ ଏକ ମାମଲା(୧୪/୧୯) ରୁଜୁ ହୋଇଛି। ରବିବାର ଅନିଷାଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ନିବାସ ବେହେରା, ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରିସିଂହା, ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ନିବାସ ବେହେରା | ଶ୍ରୀ ନିବାସ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଙ୍ଗରିସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ମିଶ୍ର, ପିତା: କୁଳମଣି ମିଶ୍ର, ସା: କେନ୍ଦୁପଲି, ପୋ: ନୁଖାପଡ଼ା, ନରସିଂହପୁର, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ବସନ୍ତ କୁମାର ମିଶ୍ର | ଶ୍ରୀ ବସନ୍ତ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଠେଙ୍ଗାପଲ୍ଲୀ, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ମଥୁରା ସାହୁ, ପିତା: କୃଷ୍ଣ ଚନ୍ଦ୍ର ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ମଥୁରା ସାହୁ | ଶ୍ରୀ ମଥୁରା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୧୯.୦୧.୨୦୧୯, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


DSPL-361
ଓଡ଼ିଶା ସରକାର
ODISHA ONE
ଓଡ଼ିଶା ଆମ ଗୌରବ
ଆମ ଗାଁ ଆମ ବିକାଶ
PEETHA
( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )
ପୀଠ
ସଶକ୍ତିକରଣ ଏବଂ ସଚେତନତା
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
19001/13/0034/1819

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। – ଶ୍ରୀଅରବିନ୍ଦ

# ମୋଦି: ସବୁଥିରେ ଆଙ୍ଗୁଠି

ସାଧାରଣ ନିର୍ବାଚନ ଯେତେ ନିକଟତର ହେଉଛି, ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଲାଣି। ଜାନୁୟାରୀ ୧୯ରେ କୋଲକାତାରେ ବିରୋଧୀଙ୍କ ରାଲିର କଳେବର ଦେଖିଲେ ମହାଗଠବନ୍ଧନ ଶକ୍ତିଶାଳୀ ହେଉଥିବା ମନେହେଉଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ବିରୋଧୀ ଯେଭଳି ରଣହୁଙ୍କାର ଦେଇଛନ୍ତି, ତାହାକୁ ହାଲୁକା ଭାବେ ନେବା କଥା ନୁହେଁ। ଜାତୀୟ ଦଳ କଂଗ୍ରେସ, ବିଏସ୍‌ପି, ଏନ୍‌ସିପି, ତୃଣମୂଳ କଂଗ୍ରେସ ସହ ଆଞ୍ଚଳିକ ଦଳଗୁଡ଼ିକର ନେତା ଏକାଠି ହୋଇ ବିଭିନ୍ନ ଦିଗରୁ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ରାଜନୈତିକ ବିଶ୍ଲେଷକଙ୍କ ମତରେ, ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାନୀୟ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରାଜ୍ୟସ୍ତରରେ ନିର୍ବାଚନ ହେଉଥିବାରୁ ଆଞ୍ଚଳିକ ଦଳଗୁଡ଼ିକ ନିଶ୍ଚିତ ଗୁରୁତ୍ୱ ବହନ କରିବେ। ଏତଦ୍‌ବ୍ୟତୀତ ନିକଟରେ ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପରାଜୟ ଓ ଦେଶବ୍ୟାପୀ ଏହି ଦଳ ପ୍ରତି ଜନସାଧାରଣଙ୍କ ଅସନ୍ତୋଷ ଯେଭଳି ବଢ଼ିଚାଲିଛି, ଆଗାମୀ ସାଧାରଣ ନିର୍ବାଚନରେ ମୋଦିଙ୍କ ଶାସନ ବିରୋଧରେ ସେହି ସ୍ୱର ପ୍ରତିଫଳିତ ହେବାର ଚିନ୍ତାଧାରା ସୁଦୃଢ଼ ହୋଇଛି। କୋଲକାତା ସମାବେଶରେ ବିରୋଧୀଙ୍କ ଆକାର ଦେଖି ମୋଦି ଭୟଭୀତ ହେବା ଭଳି ଜଣାପଡ଼ିଲେଣି। କାରଣ ସେ ଉକ୍ତ ରାଲିକୁ କେବଳ ମୋଦିଙ୍କ ବିରୋଧରେ ନୁହେଁ, ସମଗ୍ର ଦେଶ ବିରୋଧରେ ବୋଲି କହିବାକୁ ପଛାଇ ନାହାନ୍ତି। ନିଜ ସପକ୍ଷରେ ସମବେଦନା ଗୋଟାଇବା ଲକ୍ଷ୍ୟରେ ସେ ଦେଶବାସୀଙ୍କ କଥା କହି ଚତୁରତା ଦେଖାଇଛନ୍ତି ବୋଲି କୁହାଯାଉଛି।

୨୦୧୪ ନିର୍ବାଚନ ପୂର୍ବରୁ ମୋଦିଙ୍କର ସ୍ୱପ୍ନ ଦେଖାଇବାର ଦକ୍ଷତା ଦେଶବାସୀ ଭୁଲିନାହାନ୍ତି। ବହୁଳ ପରିମାଣରେ ଆସନ ଜିଣି ଲୋକ ସଭାରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବା ସତ୍ତ୍ୱେ, ମୋଦିଙ୍କ ତୁଣ୍ଡ ଚୁପ୍ ପଡ଼ିଲାନାହିଁ। ରେଡିଓରେ 'ମନ୍ କି ବାତ୍', ଟେଲିଭିଜନରେ ନିତିଦିନ ବିଭିନ୍ନ ସ୍ଥାନରୁ ସିଧା ପ୍ରସାରଣ ଏବଂ ବାସ୍ତବରେ ଦେଶ ଭିତରେ ଓ ବାହାରେ ଗସ୍ତ କରି ମୋଦିଙ୍କର ବକ୍ତବ୍ୟ ଆଜି ତାଙ୍କର କାଳ ହେବାକୁ ବସିଲାଣି ବୋଲି ସ୍ପଷ୍ଟ ଜଣାପଡୁଛି। 'ଗାତର ଦୋଷ' ଗଳ୍ପ ଭଳି କ୍ଷମତା ବାହାରେ ଥିବା ମୋଦିଙ୍କ ଗଣତାନ୍ତ୍ରିକ ଆଭିମୁଖ୍ୟ ସହିତ କ୍ଷମତାରେ ରହି ଅଗଣତାନ୍ତ୍ରିକ ଓ ଏକଚ୍ଛତ୍ରବାଦୀ ମନୋଭାବରେ କାର୍ଯ୍ୟ କରିବା ଖାପ ଖାଇଲା ନାହିଁ। ବିଦେଶରୁ କଳାଧନ ଫେରାଇଆଣିବା, ସୀମା ଆରପଟୁ ଆକ୍ରମଣ ହେଲେ ଭାରତ ତରଫରୁ, ଅନ୍ୟତ୍ର ନ ଯାଇ, ପାକିସ୍ତାନକୁ ଆକ୍ରମଣ କରିବା ଭଳି କଥା କହିବା ସହିତ ଆଧାର ଏବଂ ଜିଏସ୍‌ଟି ଯୋଜନାଗୁଡ଼ିକୁ ମଧ୍ୟ ମୋଦି ବିରୋଧ କରିଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ, ମୋଦି ସେହି ଗାତରେ ପଶି ଗରିବ ଜନସାଧାରଣ ବିରୋଧୀ ପାଲଟିଗଲେ। ତାଙ୍କ ପାଇଁ ସବୁଠାରୁ ଅଧିକ କ୍ଷତିକାରକ ହେଲା ବିମୁଦ୍ରୀକରଣ। ଗୋ-ରକ୍ଷକଙ୍କ ତାଣ୍ଡବଲୀଳା ଯୋଗୁ ଗ୍ରାମାଞ୍ଚଳର ଭାରତୀୟ ଯେତିକି କଷ୍ଟ ପାଇଲା, ତା'ଠାରୁ ଅଧିକ କଷ୍ଟ ବିମୁଦ୍ରୀକରଣ ମାଧ୍ୟମରେ ଘଟିଥିବା ଆର୍ଥିକ କ୍ଷତି ଗରିବ ନାଗରିକଙ୍କୁ ପ୍ରବଳ ଦୁଃଖ ଦେଇଛି। ଭାରତର ଶିକ୍ଷିତ ସମାଜରେ ଅସହିଷ୍ଣୁତା, ଅସାମ୍ବିଧାନିକ ଭାବେ ସରକାରୀ କାର୍ଯ୍ୟ, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କ ତୁଟିଯିବାଠାରୁ ଆରମ୍ଭ କରି ଆରବିଆଇ, ସିବିଆଇ ଏପରି କି ସଂସଦୀୟ ବ୍ୟାପାରରେ ମୋଦିଙ୍କ ସିଧାସଳଖ ହସ୍ତକ୍ଷେପ ଏହି ଶ୍ରେଣୀକୁ ବ୍ୟସ୍ତ କରିଛି।

ହାତଗଣତି ବ୍ୟବସାୟୀଙ୍କ ପରିବାରକୁ ମୋଦିଙ୍କ ଅନୁକମ୍ପା ସମସ୍ତଙ୍କ ଦୃଷ୍ଟିଗୋଚର ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ମୋଦିଙ୍କ କର୍ପୋରେଟ ପ୍ରୀତି ଖୋଲାଖୋଲି ବୁଝାପଡ଼ିଲା। କିନ୍ତୁ ସାମାଜିକ ଅସ୍ଥିରତା ଓ ଅର୍ଥନୈତିକ ବାତାବରଣକୁ ଅଶାନ୍ତ କରିବାରେ ମଧ୍ୟ ମୋଦିଙ୍କର ପ୍ରମୁଖ ଭୂମିକା ଦେଶରେ ପୁଞ୍ଜି ବିନିଯୋଗ କରାଇବାରେ ସହାୟକ ହେଲା ନାହିଁ। ଯେହେତୁ ପୁଞ୍ଜି ଲାଗିଲା ନାହିଁ, ସେହେତୁ ନୂଆ କଳକାରଖାନା ଗଢ଼ିଉଠିଲା ନାହିଁ। ଏହାଫଳରେ ନିଯୁକ୍ତି ସୁଯୋଗ ବଢ଼ିବାର କୌଣସି ସମ୍ଭାବନା ମୋଦିଙ୍କ ଦ୍ୱାରା ସୃଷ୍ଟି କରାଗଲା ନାହିଁ।

ଏଭଳି ଏକ ବିରାଟକାୟ ବିଫଳତାର ଅନେକ କାରଣ ଥାଇପାରେ। ଆମେ ଜାଣିବାରେ କେତେକ ମୁଖ୍ୟ କାରଣ ଉଲ୍ଲେଖ କରାଯାଇପାରିବ। ପ୍ରଥମେ, ମୋଦି ଜଣେ ଅତ୍ୟନ୍ତ ଦୃଢ଼ ଏବଂ ଶକ୍ତିଶାଳୀ ଆଞ୍ଚଳିକ ନେତା ହୋଇପାରନ୍ତି। ତେବେ ଏକ ଜାତୀୟସ୍ତର ନେତା ହେବାର ସୁଯୋଗ ପାଇଲେ ମଧ୍ୟ ଭାରତର ସାମାଜିକ, ଧାର୍ମିକ ଏବଂ ଭାଷା ବିବିଧତାକୁ ହୃଦୟଙ୍ଗମ କରିବାରେ ତାଙ୍କର ସକ୍ଷମତା ନାହିଁ ବୋଲି ସ୍ପଷ୍ଟ ବୁଝାପଡୁଛି। ଦ୍ୱିତୀୟରେ ହିନ୍ଦୀ-ହିନ୍ଦୁ ଚିନ୍ତାଧାରାରେ ଯାଇ ମୋଦି ମାଡ଼ ଖାଇଯାଉଛନ୍ତି। ତୃତୀୟ ବିଷୟ ପୂର୍ବରୁ ଯାହା ଉଲ୍ଲେଖ କରିଛେ ତାହା ହେଲା ମୋଦିଙ୍କ ଅନର୍ଗଳ ଭାଷଣ ଦେବାର ପ୍ରେମ। ଏହା ସ୍ୱୀକାର କରିବାକୁ ହେବ ଯେ ନେତାଙ୍କର ସମ୍ପୂର୍ଣ୍ଣ ନୀରବ ରହିବା ଯେତିକି ମାରାତ୍ମକ, ଅଯଥାରେ ବକରବକର ହେବା ମଧ୍ୟ ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଅନ୍ତ ନୁହେଁ କିନ୍ତୁ ଚତୁର୍ଥରେ, ଏକ ବିରାଟବଡ଼ କ୍ଷତିକାରକ ଚରିତ୍ର, ଯାହା ମୋଦିଙ୍କୁ ଧୂଳିସାତ୍ କରିଦେଇପାରେ, ତାହାହେଲା ସବୁଥିରେ ଆଙ୍ଗୁଠି ଗେଞ୍ଜିବା। ୮୦୦ ବର୍ଷର ଜଣାଶୁଣା ମୁସଲମାନ ଶାସନ, ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗୋରା ଶାସନ ସହିଥିବା ଭାରତ ଅନେକ ଶାସକଙ୍କ ଯିବାଆସିବା ଦେଖିଛି। ସକାରାତ୍ମକ ଆଭିମୁଖ୍ୟ ରଖିଥିବା ବ୍ୟକ୍ତି କିଛି ଅଧିକ ବର୍ଷ କ୍ଷମତାରେ ରହିଯାଆନ୍ତି। ନକାରାତ୍ମକ ଚିନ୍ତା ପ୍ରବେଶ କରିବାମାତ୍ରେ କ୍ଷମତାରୁ ଦୂରେଇଯିବା ସୁନିଶ୍ଚିତ। ମୋଦି ଭୁଲିଗଲେ ଯେ ତାଙ୍କର ଶାସନ ଜୀବନକାଳ ଇତିହାସରେ କ୍ଷଣକ ପାଇଁ। ସେହି ସମୟରେ ଅଧିକରୁ ଅଧିକ ସହାନୁଭୂତି ଏବଂ ଶାନ୍ତି ସୃଷ୍ଟି କରିବାରେ ସମୟ ଦେଇଥିଲେ ତାଙ୍କ ପାଇଁ ଆଜିର ଏହି ଟଳମଳିଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା। ସମସ୍ୟା ହେଉଛି କ୍ଷମତା ଆଣିଦିଏ ଉଚ୍ଚକୋଟୀର ଅହଂଭାବ। ମୋଦି ଭୁଲିଗଲେ ଯେ, ୨୦୧୪ରେ କଂଗ୍ରେସର ସ୍କାମ୍ ଏବଂ ମୌନ ମୋହନ ସିଂଙ୍କ ଚରିତ୍ର ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ଆମ ବୁଝିବାରେ ଦେଶବାସୀ ମୋଦିଙ୍କୁ ଜିତାଇବା ପରିବର୍ତ୍ତେ କଂଗ୍ରେସକୁ ହରାଇବାରେ ଅଧିକ ଗୁରୁତ୍ୱ ଦେଇଥିଲେ। ସେହି ବାସ୍ତବ ସତ୍ୟକୁ ମନେରଖି ନିଜର ଶାସନକୁ ନରମ ରଖିଥିଲେ ମୋଦିଙ୍କ କ୍ଷମତାକୁ ଫେରିବା ନେଇ ଆଜି ଯେଉଁ ସନ୍ଦେହ ସୃଷ୍ଟି ହେଉଛି, ସମ୍ଭବତଃ ତାହା ହୋଇ ନ ଥାଆନ୍ତା।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | A | 7 | | | 5 | | | | 8 | B | |
| | 5 | 6 | | | 4 | 2 | | | | | | | A | |
| | 3 | | D | | | | | E | 1 | | | | | |
| | | | | 1 | 6 | 8 | 0 | | A | E | | | | D |
| | A | B | 3 | | 2 | | 1 | | | | | | 0 | C |
| | | | | | | C | | | D | | 8 | | | 3 |
| E | | | 7 | C | | | | | 9 | | | | 2 | |
| | | 8 | | E | B | | | | | | 3 | 1 | | 5 |
| | D | A | | | 8 | | | | | | | | 6 | 0 |
| | 4 | 3 | 5 | | | | | | | 6 | | | | |
| | | 9 | | 6 | | 4 | B | | | | 7 | | | A |
| | | | 9 | | | | | | | C | | 3 | | |
| | | D | | | | | 8 | 7 | | | B | | E | |
| C | B | | | | D | 6 | | | | 5 | 1 | | | |
| 4 | E | 5 | | 0 | | 1 | | | | | | | 7 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 2 | A | 0 | 3 | D | 9 | 4 | 5 | 7 | 1 | 6 | C | 8 |
| D | 9 | 1 | 8 | 2 | B | C | 7 | E | 3 | 6 | 0 | A | 5 | 4 |
| 5 | 6 | 3 | 7 | E | 4 | 0 | B | 8 | A | 9 | C | 2 | D | 1 |
| 0 | 8 | A | D | C | 1 | 6 | 5 | 2 | 4 | B | E | 3 | 9 | 7 |
| C | 4 | 7 | 9 | 5 | 6 | A | 3 | 1 | 2 | 8 | D | 0 | B | E |
| A | 5 | B | 1 | 6 | C | 4 | E | 3 | 9 | 0 | 2 | 8 | 7 | D |
| 2 | D | 6 | 5 | 4 | E | 7 | 8 | A | B | C | 3 | 1 | 0 | 9 |
| 3 | 0 | 8 | 2 | D | 9 | 1 | C | 5 | E | A | 7 | 4 | 6 | B |
| E | 1 | 9 | B | 7 | 0 | 2 | 6 | D | 8 | 4 | 5 | C | 3 | A |
| 4 | 7 | C | 3 | A | 8 | B | 0 | 9 | 1 | D | 6 | E | 2 | 5 |
| 9 | 3 | E | 6 | B | 2 | 8 | A | 0 | 7 | 5 | 4 | D | 1 | C |
| 6 | C | D | E | 8 | A | 5 | 2 | 7 | 0 | 1 | 9 | B | 4 | 3 |
| 1 | B | 4 | 0 | 3 | 7 | 9 | D | C | 6 | E | A | 5 | 8 | 2 |
| 7 | 2 | 0 | C | 1 | 5 | E | 4 | B | D | 3 | 8 | 9 | A | 6 |
| 8 | A | 5 | 4 | 9 | D | 3 | 1 | 6 | C | 2 | B | 7 | E | 0 |

ଗତକାଲିର ଉତ୍ତର

# ସବୁଜ ପରିବହନ ବ୍ୟବସ୍ଥା



ଇଂ. ମାୟାଧର ସ୍ୱାଇଁ

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ରିପୋର୍ଟରୁ ଜଣାଯାଏ ଯେ, ଭାରତରେ ଅଧିକାଂଶ ସହର ବାୟୁ ପ୍ରଦୂଷଣ ଦ୍ୱାରା ଆକ୍ରାନ୍ତ। ଏପରି କି ପୃଥିବୀର ସବୁଠାରୁ ଅଧିକ ପନ୍ଦରଟି ସହର ମଧ୍ୟରେ ଭାରତର ଚଉଦଟି ସହର ଅଛି। ସବୁଠାରୁ ପ୍ରଦୂଷିତ ସହର ହେଉଛି କାନପୁର। ଏଠାରେ ବାୟୁମଣ୍ଡଳରେ କଣିକୀୟ ପଦାର୍ଥ (୨.୫ ପିଏମ୍) ପରିମାଣ ହେଉଛି ଘନମିଟର ପ୍ରତି ୧୭୩ ମାଇକ୍ରୋଗ୍ରାମ୍। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଅନୁଯାୟୀ, ଏହାର ନିରାପଦ ପରିମାଣ ହେଉଛି ୪୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଏହାର ସୀମା ହେଉଛି ୧୦। ଯେଉଁ କଣିକାର ଆକାର ୨.୫ ମାଇକ୍ରନ୍ (ଏକ ମାଇକ୍ରନ୍ ହେଉଛି ମିଟରର ନିୟୁତ ଭାଗରୁ ଏକ ଭାଗ) ବା ତାହାଠାରୁ କମ୍, ତାକୁ ୨.୫ ପିଏମ୍ (ପରକ୍ୟୁଲେଟ୍ ମ୍ୟାଟର) ବା କଣିକୀୟ ପଦାର୍ଥ କୁହାଯାଏ। ଏହା ତାପଜ ବିଦ୍ୟୁତ୍ କେନ୍ଦ୍ର, ଯାନବାହନ, ନିର୍ମାଣ କାର୍ଯ୍ୟ, ଜଙ୍ଗଲ ପୋଡ଼ି, ଶସ୍ୟ ଅବଶେଷ ପୋଡ଼ି ଏବଂ ଧୂଳି ଆଦିରୁ ବାୟୁମଣ୍ଡଳକୁ ଯାଇଥାଏ। ଏହା ଶ୍ୱାସ ପ୍ରକ୍ରିୟାରେ ଆମ ଶରୀର ଭିତରକୁ ଯାଇ ଫୁସ୍‌ଫୁସୀୟ ରୋଗ ସୃଷ୍ଟି କରିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ କର୍କଟ ରୋଗ ଗବେଷଣା ସଂସ୍ଥା ୨୦୧୩ ମସିହାରେ ଏହି କଣିକୀୟ ପଦାର୍ଥକୁ କର୍କଟ ରୋଗର କାରକ ଭାବେ ଅଭିହିତ କରିଛି। ଗର୍ଭବତୀ ମହିଳାଙ୍କୁ ମଧ୍ୟ ଏହା ପ୍ରଭାବିତ କରିଥାଏ, ଯାହାଫଳରେ ଜନ୍ମବେଳକୁ ଶିଶୁର ଓଜନ କମ୍ ଥାଏ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିଶୁ ଜନ୍ମ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରକାଶ କରିଛି ଯେ, ଭାରତରେ ବର୍ଷକୁ ପ୍ରାୟ ୧୨.୪ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ପୁନଶ୍ଚ ଏହା ପ୍ରକାଶ କରିଛି ଯେ, ସ୍ୱଚ୍ଛ ଓ ନିର୍ମଳ ବାୟୁ ପାଉଥିଲେ ଭାରତୀୟମାନଙ୍କର ବ୍ୟକ୍ତି ପିଛା ହାରାହାରି ଆୟୁଷ ୧.୭ ବର୍ଷ ବଢ଼ିଯାଆନ୍ତା। ଭାରତରେ ପ୍ରାୟ ୭୭ ପ୍ରତିଶତ ଲୋକ ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଯାନବାହନ ଉତ୍ସର୍ଜନରୁ ବିଭିନ୍ନ ରୋଗ ହେବା ସଙ୍ଗେସଙ୍ଗେ ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍ ହେଉଛି ଜାଗତିକ ଉଷ୍ମତା ବୃଦ୍ଧିର କାରଣ। ସମଗ୍ର ପୃଥିବୀରେ ମୋଟ ସବୁଜ ଗୃହ ଗ୍ୟାସ୍ ଉତ୍ସର୍ଜନର ୨୩ ପ୍ରତିଶତ ଯାନବାହନରୁ ନିର୍ଗତ ହୋଇଥାଏ। ବାୟୁ ପ୍ରଦୂଷଣର ପ୍ରଭାବ ଅଧିକ ମାତ୍ରାରେ ସହରାଞ୍ଚଳରେ ଦେଖାଯାଏ। ଏହାର ମୁଖ୍ୟ କାରଣ ହେଉଛି ଯାନବାହନ। ଯାନବାହନରେ ପେଟ୍ରୋଲ ଓ ଡିଜେଲ ଆଦି ଜୀବାଶ୍ମ ଇନ୍ଧନ ଦହନ ପରେ ସେଥିରୁ କାର୍ବନ୍ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍, ଅଙ୍ଗାରକାମ୍ଳ ଓ କଣିକୀୟ ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ। ଦିନକୁ ଦିନ ସହରାଞ୍ଚଳରେ ବ୍ୟକ୍ତିଗତ ଯାନବାହନ ସଂଖ୍ୟା ବଢ଼ିଚାଲିଛି। ଅଫିସ ଆରମ୍ଭ ଓ ବନ୍ଦ ସମୟରେ ଭୁବନେଶ୍ୱର ମୁଖ୍ୟରାସ୍ତାରେ ଗାଡ଼ିର ଭିଡ଼ ଦେଖିଲେ ଏହା ଜଣାପଡ଼େ। ଏହାର ପ୍ରତିକାର ପାଇଁ ଯାନବାହନ ସଂଖ୍ୟାର ନିୟନ୍ତ୍ରଣ ଆବଶ୍ୟକ; କିନ୍ତୁ ଏହା କୌଣସି ଆଇନ ଦ୍ୱାରା ସମ୍ଭବ ନୁହେଁ। ଲୋକମାନେ ବ୍ୟକ୍ତିଗତ ଗାଡ଼ି ବଦଳରେ ବସ୍, ରେଳ ଆଦି ସାଧାରଣ ପରିବହନ ବ୍ୟବସ୍ଥାରେ ଯାତାୟାତ କରିବା ପାଇଁ ସଚେତନତା ଦରକାର। ଏଥିପାଇଁ ସରକାରୀ ସ୍ତରରେ ଅଧିକ ସଂଖ୍ୟକ ସାଧାରଣ ବସ୍‌ର ଚଳାଚଳ ଆବଶ୍ୟକ। ଦିଲ୍ଲୀରେ ଏପରି ବ୍ୟବସ୍ଥା ଥିଲେ ସୁଦ୍ଧା ବ୍ୟକ୍ତିଗତ ଗାଡ଼ି ସଂଖ୍ୟା ଏତେ ଅଧିକ ଯେ, ଦିଲ୍ଲୀ ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ ମଝିରେ ଯୁଗ୍ମ-ଅଯୁଗ୍ମ ସଂଖ୍ୟା ଥିବା ଗାଡ଼ି ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କାରଣରୁ ଏହାକୁ ମଧ୍ୟ ବିରୋଧ କରାଗଲା। ଅନ୍ୟ ଗୋଟିଏ ଉପାୟ ହେଉଛି ଅଧିକ ଦକ୍ଷତାବିଶିଷ୍ଟ ଇଞ୍ଜିନର ବ୍ୟବହାର। ଭାରତ ସରକାର ୨୦୧୭ ମସିହାରୁ ଦେଶରେ ୟୁରୋ-୬ ଭଳି ଭାରତ-୬ ମାନକ ଇଞ୍ଜିନର ବିକ୍ରି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ଆସନ୍ତାବର୍ଷ ଭାରତ-୭ ମାନକ ଇଞ୍ଜିନ ପ୍ରଚଳନ ପାଇଁ ମଧ୍ୟ ପ୍ରସ୍ତାବ ଅଛି। ଏ ସବୁରୁ ବାୟୁମଣ୍ଡଳକୁ ଟିକିଏ କମ୍ ପ୍ରଦୂଷକ ନିର୍ଗତ ହୋଇଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଯାନବାହନ ଉତ୍ସର୍ଜନର ନିୟନ୍ତ୍ରଣ ପାଇଁ ନୀତି ଆୟୋଗ କିଛି ପ୍ରସ୍ତାବ ଦେଇଛି। କମ୍ ଦକ୍ଷତା ଥିବା ଓ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନ ଉପରେ ଅଧିକ କର ବସାଇବା ଏବଂ ଅଧିକ ଦକ୍ଷ ଗାଡ଼ିଗୁଡ଼ିକୁ ଟିକସରେ ରିହାତି ଦେବା ପାଇଁ ପ୍ରସ୍ତାବ ଅଛି। ଏହି ବ୍ୟବସ୍ଥା ଅଷ୍ଟ୍ରିଆ, ଡେନ୍‌ମାର୍କ, ଫ୍ରାନ୍ସ, ନେଦରଲାଣ୍ଡ, କାନାଡା ଓ ସିଙ୍ଗାପୁରରେ ପ୍ରଚଳିତ। ବ୍ୟକ୍ତିଗତ ଗାଡ଼ିର ବୀମା ଓ କର ବଢ଼ାଇବା, ପାର୍କିଙ୍ଗ ପାଇଁ ଅଧିକ ଅର୍ଥ ଆଦାୟ କରିବା ଏବଂ ସହରର ପ୍ରଦୂଷଣପ୍ରବଣ ଅଞ୍ଚଳକୁ ଗାଡ଼ିର ପ୍ରବେଶ ଉପରେ କଟକଣା କରିବାର ପ୍ରସ୍ତାବ ରହିଛି। ଅତି ପୁରୁଣା ଗାଡ଼ିଗୁଡ଼ିକର ପଞ୍ଜୀକରଣକୁ ନବୀକରଣ ନ କରି ଏଗୁଡ଼ିକୁ ବନ୍ଦ କରିଦେବା ପାଇଁ ପ୍ରସ୍ତାବ ଅଛି। ସହରବାସୀଙ୍କୁ ବାୟୁ ପ୍ରଦୂଷଣ କବଳରୁ ରକ୍ଷା କରିବାକୁ ହେଲେ ପେଟ୍ରୋଲ ଓ ଡିଜେଲଚାଳିତ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇ ସବୁଜ ପରିବହନ ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ବାୟୁ ପ୍ରଦୂଷଣ କରୁ ନ ଥିବା ବିକଳ୍ପ ଶକ୍ତିଉତ୍ସ ବାହାର କରିବାକୁ ପଡ଼ିବ। ସୁଯୋଗବଶତଃ ବିକଳ୍ପ ଭାବେ ବିଦ୍ୟୁତ୍ ଗାଡ଼ିର ବିକାଶ କରାଯାଇଛି। ଏଥିପାଇଁ ପ୍ରତି ଗାଡ଼ିରେ ଗୋଟିଏ ବ୍ୟାଟେରି ରହିବ ଏବଂ ବ୍ୟାଟେରିରୁ ବିଦ୍ୟୁତ୍ ଶକ୍ତି ନେଇ ଇଞ୍ଜିନ ଚାଲିବ। ବର୍ତ୍ତମାନ ସୀମିତ ଭାବେ କେତୋଟି ବିଦ୍ୟୁତ୍ ଗାଡ଼ି ଚଳପ୍ରଚଳ କରୁଛି। ଏହାର ବେଗ କମ୍ ଅଛି। ଏଣୁ ଏହାକୁ ବିଭିନ୍ନ କାର୍ଯ୍ୟାଳୟ ଓ କାରଖାନା ପରିସର, ରେଲୱେ ଷ୍ଟେଶନ, ବିମାନ ଘାଟି ଆଦିରେ ବ୍ୟବହାର କରାଯାଉଛି। ସାର୍ବଜନୀନ ଭାବେ ବିଦ୍ୟୁତ୍ ଗାଡ଼ିର ବ୍ୟବହାର ପାଇଁ ବ୍ୟାଟେରି ପ୍ରଯୁକ୍ତି ବିଦ୍ୟାର ଅଧିକ ବିକାଶ ଦରକାର ଏବଂ ବିଭିନ୍ନ ପରୀକ୍ଷାଗାରରେ ଏଥିପାଇଁ ଗବେଷଣା ଚାଲିଛି। କେନ୍ଦ୍ର ସରକାରଙ୍କ ସମସ୍ତ ସଂସ୍ଥା ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଜାଗାରେ ବିଦ୍ୟୁତ୍‌ଚାଳିତ ଗାଡ଼ି କିଣିବା ପାଇଁ ନୀତି ଆୟୋଗ ପ୍ରସ୍ତାବ ଦେଇଛି। ପୁନଶ୍ଚ ଦୁଇଚକିଆ ବାଇକ୍ ଓ ତିନିଚକିଆ ଅଟୋଗୁଡ଼ିକୁ ବିଦ୍ୟୁତ୍ ଦ୍ୱାରା ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୩୦ ମସିହା ପରେ ଦେଶରେ ଡିଜେଲ ଓ ପେଟ୍ରୋଲଚାଳିତ ଗାଡ଼ିଗୁଡ଼ିକର ଉତ୍ପାଦନ ଏବଂ ବିକ୍ରିକୁ ନିଷେଧ କରିବା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ସବୁଜ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ନ ଦେଲେ ଶେଷରେ ଦିଲ୍ଲୀ ଭଳି ଅନ୍ୟ ସହରଗୁଡ଼ିକର ଅବସ୍ଥା ଅସମ୍ଭାଳ ହୋଇପଡ଼ିବ। ବେଳହୁଁ ସାବଧାନ ହେବା ଉଚିତ।

୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

# ବାସିପାଣିରେ ପଚରା



ଡ. କୁଳାଙ୍ଗାର

ହଇରେ ମୋତେ କ'ଣ ଆଉ ବାସିପାଣିରେ ପଚାରୁନୁ? ଚିହ୍ନା ଲୋକଟିଏ, ଆପଣାର ମଣିଷଟିଏ ଆମକୁ ପୂର୍ବାପେକ୍ଷା ହତାଦର କରିବାର ଅନୁଭବ କଲେ ଆମେ ଏ ରୂଢ଼ିଟିର ପ୍ରୟୋଗ କରିଥାଉ! ଏଠାରେ ବାସିପାଣିକୁ ନିକୃଷ୍ଟ ଅର୍ଥରେ ବ୍ୟବହାର କରାଯାଇଛି। ନଚେତ୍ ଆମେ କହୁଥାନ୍ତେ- ହଇରେ ମୋତେ କ'ଣ ଆଉ ସଜପାଣିରେ ପଚାରୁନୁ? ନଚେତ୍ କହିଥାନ୍ତେ- କିରେ ମୋତେ କ'ଣ ଆଉ ମଦପାଣିରେ ପଚାରୁନୁ? ମାନେ ବାସିପାଣିଟି ପଚାରିବା ବା ବନ୍ଧୁ ଚର୍ଚ୍ଚା କରିବା ଯୋଗ୍ୟ ନୁହେଁ।

ଓଡ଼ିଆ ଘରକୁ ଅତିଥି ଆସିଲେ ସଜପାଣି ଢାଳଟିଏ ବଢେଇ ଦେବାର ବ୍ୟବସ୍ଥା ପ୍ରଚଳିତ। କିନ୍ତୁ ଏବେ ଆମେ କରୁଛେ କ'ଣ? ବନ୍ଧୁଟିଏ ଘରକୁ ଆସିଲେ ବାସିପାଣିରେ ପଚାରିବାଟା ଏବେ ପରମ୍ପରା ପାଲଟିଗଲାଣି। ପରେ ପରେ ବୋତଲ ଓ ଗିଲାସ ଢାଳର ସ୍ଥାନ ଗ୍ରହଣ କରିଛନ୍ତି। ରହିଲା ପାଣି! ଏବେ ଘରକୁ ଆସିଲେ ଆମେ ଦୋକାନକୁ ଧାଇଁଯାଉଚେ ଅବା ଘରେ ମହଜୁଦ୍ ଥିଲେ ଥଣ୍ଡା(ମୃଦୁପାନୀୟ) କିମ୍ବା ପ୍ୟାକେଜ୍‌ଡ ପାଣି ବୋତଲଟିଏ ଆଣି ଥୋଇଦେଉଛେ। ଉଭୟ ବାସି।

ମୃଦୁପାନୀୟ, ଯାହାର ଡାକନାମ ଥଣ୍ଡା, ଏବେ ଆମର ଜାତୀୟ ପାନୀୟ! କାରଣ ଏହାକୁ ଜାତି, ଧର୍ମ, ରୋଜଗାର ଓ ଦଳ ନିର୍ବିଶେଷରେ ସମସ୍ତେ ପିଅନ୍ତି। ଛୋଟରୁ ବଡ଼ ସବୁ ଦୋକାନରେ ଏହା ଉପଲବ୍ଧ। ରାସ୍ତାକଡ଼ରେ ଛିଡାହୋଇ ଥଣ୍ଡାଟେ ପିଇବାଟାକୁ ଅନେକେ ପ୍ରେଷ୍ଟିଜ୍ ବୋଲି ମନେ କରନ୍ତି। ଆଜିର ମଣିଷ ପାଇଁ ଶରୀରଠାରୁ ସମ୍ମାନ ବଡ଼। ତେଣୁ ଶରୀର ପାଇଁ କ୍ଷତିକାରକ ହେଲେ ମଧ୍ୟ ସମ୍ମାନ ବଢିବ ବୋଲି ଲୋକେ ଢକ ଢକ କରି ପିଇଯାଆନ୍ତି। ଥଣ୍ଡାର ନାନା ଦୁର୍ଗୁଣ ଅଛି ବୋଲି ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ପ୍ରିୟଜନଟିଏ ହାବୁଡିଲେ ଆମେ ତାକୁ ଥଣ୍ଡା ନ ପିଆଇ ଛାଡୁନାହୁଁ! ଥଣ୍ଡାରେ କୀଟନାଶକ ଅଛି ବୋଲି ଅନେକେ କହିଥାଆନ୍ତି, ସେଇ ପ୍ରସଙ୍ଗକୁ ନେଇ କଥାଟିଏ-

ଝିଅକୁ ବରପକ୍ଷ ଦେଖିବାକୁ ଆସିବେ! ସେମାନଙ୍କ ପାଇଁ ଦୋକାନରୁ ଥଣ୍ଡା କିଣି ଫେରୁଥିବା ବାପ-ପୁଅଙ୍କୁ ଦେଖି ଶିକ୍ଷକ ପଚାରିଲେ- ଏ କୀଟନାଶକ କ'ଣ କରିବା ପାଇଁ ନେଉଛନ୍ତି?

ବାପା କହିଲେ- କୀଟଙ୍କୁ ନାଶ କରିବା ପାଇଁ!

ହଉ ଭଲକଥା। କିନ୍ତୁ ଖର୍ଚ୍ଚବହୁଳ କହି ଶିକ୍ଷକ ଚାଲିଗଲେ।

ଏବେ କୁନିପୁଅ ପଚାରିଲା- ବାପା, ତୁମେ ଶିକ୍ଷକଙ୍କୁ ମିଛ କାହିଁକି କହିଲ? ଆମେ ତ କୀଟ ନୁହେଁ ବରଂ ଅପାକୁ ଦେଖିବାକୁ ଆସୁଥିବା ଅତିଥିଙ୍କ ପାଇଁ ନେଉଛେ!

ସିଏ ମନେମନେ ଭାବିଲା- ପୁଅ, ତୁ ବଡ଼ ହେଲେ ଜାଣିବୁ ଏ ବରପକ୍ଷଗୁଡାକ କୀଟଙ୍କଠାରୁ ବି ଆହୁରି ଭୟଙ୍କର!

ପୁଅ ପୁଣି ପଚାରିଲା- ବାପା, କ'ଣ ଭାବୁଚ? କହୁନ, ଆମେ ଅତିଥିଙ୍କୁ ଏ କୀଟନାଶକ ଗୁଡିକେ କାହିଁକି ପିଇବାକୁ ଦେବା?

ସିଏ ବୁଝେଇଲା- ଅତିଥିଙ୍କର ମଙ୍ଗଳ ପାଇଁ, କାରଣ ଯାକୁ ପିଇଲେ ତାଙ୍କ ପେଟରେ ଥିବା କୀଟଗୁଡାକ ଖତମ୍ ହୋଇଯିବେ!

ପୁଅ କହିଲା- ବଢ଼ିଆ ହେଲା, ଏଥର ଦେହ ଖରାପ ହେଲେ ଆମେ ଔଷଧ ନ ଖାଇ ଥଣ୍ଡା ପିଇଦେବା!'

ସମସ୍ତ ଥଣ୍ଡା ବାସି। କମ୍ପାନୀରେ ବଟ୍‌ଲିଂ ହୋଇ ଖରାବର୍ଷା ଖାଇ ଦୋକାନ ଆଗରେ ପଡ଼ି ପଡ଼ି ପାଳି ପଡ଼ିଲେ ରେଫ୍ରିଜରେଟରରେ ପଶନ୍ତି। ତା'ପରେ ଆମ ତଣ୍ଟିରେ ଢଳା ହୁଅନ୍ତି। ତେଣୁ ଆମେ ଅତିଥିଙ୍କୁ ଏହା ପିଇବାକୁ ଦେଇ ବାସିପାଣିରେ ପଚାରିଥାଉ। ଖାଲି କ'ଣ ଅତିଥି, ଓଷାବ୍ରତରେ ବ୍ରତଧାରୀଏ ପିଇ ଦିଅନ୍ତି, ପଣ୍ଡିତେ ଯଜ୍ଞବେଦିରେ ଦି ଢୋକ ମାରିଦେଇ ଉପଦେଶ ଦିଅନ୍ତି- ଥଣ୍ଡାରେ ମାରା ନାହିଁ!

ପାଣି କହିଲେ ଲୋକେ ଆଉ କୂଅ, ପୋଖରୀ କି ନଈର ପାଣିକୁ ନୁହେଁ ବରଂ ବୋତଲ ପାଣିକୁ ମନେପକାନ୍ତି। ଅନେକଙ୍କର ବଦ୍ଧମୂଳ ଧାରଣା ଏୟା କି, ଯେ କୌଣସି କମ୍ପାନୀର ହୋଇଥାଉ ପଛେ ବୋତଲରେ ଥାଇ ବିକ୍ରି ହେଉଥିବା ପାଣି ହିଁ ବିଶୁଦ୍ଧ। ପୂର୍ବରୁ ଥିଲା- ପାଣି ପିଇବ ଛାଣି, ପଇସା ନେବ ଗଣି। ଏବେ ଦୁଇଟି ଯାକ ବାକ୍ୟ ମିଶି ଗୋଟିଏ ହୋଇଯାଇଛି- ପାଣି ପିଇବ ଗଣି! ମାନେ ପଇସା ଗଣିଦିଅ, ପିଇବା ପାଇଁ ପାଣି ବୋତଲ କିଣିନିଅ! ସେ ବୋତଲରେ ପାଣି କୋଉଠୁ ଆସେ, କିଏ, କେବେ ତାକୁ ଭର୍ତ୍ତି କରିଥିଲା ସେଇଟା ଜାଣିବା ମୁସ୍କିଲ୍। ତଥାପି ବୋତଲ ପାଣି ପିଇବାଟାକୁ ବି ଆମେ ପ୍ରେଷ୍ଟିଜ୍ ଭାବରେ ଗ୍ରହଣ କରି ନେଲେଣି। ଶ୍ରାବଣ ମାସରେ ଅନେକ କାଉଡିଆ ଆଉ ଭାରରେ ଢାଳ ନ ଝୁଲେଇ ହାତରେ ଦୁଇଟା ବୋତଲ ଧରି ଶିବଙ୍କଠାରେ ଜଳଲାଗି କରିବାକୁ ଯାଉଛନ୍ତି।

ପାଣିର ପୁଣି ଭିନ୍ନ ଭିନ୍ନ ଦର ମଧ୍ୟ ରହିଛି! ଯେଉଁ ବୋତଲଟି ଯେତେ ଦାମୀ; ସେଥିରେ ଥିବା ପାଣି ସେତେ ନିର୍ମଳ ବୋଲି ଅନେକେ ବିଶ୍ୱାସ କରନ୍ତି। ଦାମୀ ହେଉ କି ଶସ୍ତା, ସମସ୍ତ ପାଣି ବୋତଲରେ ବାସିପାଣି ହିଁ ଥାଏ। ଅନେକ ଲୋକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍‌ର ମଦ ପରି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ବୋତଲ ପାଣି ହିଁ ପିଇଥାଆନ୍ତି। ତାହା ବ୍ୟତିରେକ ଅନ୍ୟ କିଛି ସିଏ ପିଅନ୍ତି ନାହିଁ। ଦୁଃଖର କଥା ତାଙ୍କୁ ମଧ୍ୟ ରୋଗ ହୁଏ।

ସତେଯେମିତି ଆମେ ପଣ କରିଛେ କି ଜୀବନରେ କେବେହେଲେ ସଜପାଣି ପିଇବା ନାହିଁ। ବୋତଲ ପାଣିର ଆଉ ଗୋଟେ ପରିଚୟ ହେଲା- ମିନେରାଲ୍ ୱାଟର। ସେଇ ପ୍ରସଙ୍ଗରେ କଥାଟିଏ-

ପ୍ରେମୀଯୁଗଳ ପ୍ରାକୃତିକ ଡେଟିଂରେ ଯାଇଥିଲେ। ଝରଣାରେ ଗାଧୋଇଲା ବେଳେ ପ୍ରେମିକ କହିଲା- ଶୋଷ ହେଲାଣି, କିନ୍ତୁ ତୁମକୁ ଛାଡିଯିବାକୁ ଇଚ୍ଛା ହେଉନି! ଯାଉଛି ଝରଣା ପାଣି ପିଇଦେବି।

ପ୍ରେମିକା କହିଲା- ଛି, ଦେହ ଖରାପ ହେବ! ମିନେରାଲ୍ ୱାଟର ପିଇବ ସିନା!

ପ୍ରେମିକ କହିଲା- ଏହା ତ ମିନେରାଲ୍ ୱାଟର।

ପ୍ରେମିକା କହିଲା- ମିଛୁ..!

ପ୍ରେମିକ କହିଲା- ସତ, ଦେଖ ଝରଣାଟି ପାହାଡ଼ରୁ ଝରିଛି ଆଉ ପାହାଡ଼ରେ ଅନେକ ମିନେରାଲ୍ ଅଛି, ଯାହା ଏଇ ପାଣିରେ ମିଶିଛି। ତେଣୁ ଏହା ହେଲା ମିନେରାଲ୍ ୱାଟର!

ବୋତଲର ସାନଭାଇ ହେଲା ପାଉଚ୍। ଏଇ ପାଉଚ୍ ହେଉଛି ଭୋଜିଭାତରେ ଅନ୍ୟତମ ଆଇଟମ୍। ଜରି ପୁଡିଆରେ ବାସିପାଣି ପିଇବାକୁ ପିଲାରୁ ବୁଢ଼ା ସମସ୍ତେ ବାୟା। ଯଦି ନ ଆସିଛି ତେବେ ଲୋକେ କହିବେ- ହଇରେ ଏତେ ଆୟୋଜନ କଲା, ଦି ଚାରିବସ୍ତା ପାଣି ପାଉଚ୍ ଆଣିପାରିଲାନି! ଅତଏବ ଆମେ ସମସ୍ତେ ଏବେ ବାସିପାଣିର ପ୍ରେମୀ। ତେଣୁ ସମସ୍ତେ ସମସ୍ତଙ୍କୁ ବାସି ପାଣିରେ ପଚାରିବାରେ ବ୍ୟସ୍ତ!

ଗାନ୍ଧୀ ପଣ୍ଡା କଳାଘର, ଅଲରା, ନରସିଂହପୁର,
କଟକ, ମୋ- ୯୩୩୮୫୮୧୩୦୯,
dr.kulangar@gmail.com

## ଏଇ ଭାରତରେ

ଭଲ ପାଇବାର ହୃଦୟଟିଏ ଥିଲେ କେତେକ ପୁରୁଷ ଓ ମହିଳା ଅତିକ୍ରାନ୍ତ ବୟସରେ ବି ଭଲପାଇ ବସନ୍ତି। ତେବେ ଭଲ ପାଇବା ପାଇଁ ଜଣେ ବିବାହିତା ମହିଳା ଏକ ଅଭିନବ ପନ୍ଥା ଆପଣାଇଥିଲେ। ସେ ନିଜକୁ ଅବିବାହିତା ଦର୍ଶାଇବା ପାଇଁ ବୟସ ପ୍ରମାଣପତ୍ର ବି ଯୋଗାଡ କରିଥିଲେ। ଶେଷରେ ତାଙ୍କ ଭଲ ପାଇବାର ଇଚ୍ଛା ଫଳବତୀ ହୋଇଥିଲେ ବି ଶେଷରେ ଷଡ଼ଯନ୍ତ୍ର ଧରାପଡ଼ିଯାଇଛି। ମଧ୍ୟପ୍ରଦେଶରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏକ ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ ବିବାହିତା ମହିଳା ନିଜକୁ ଅବିବାହିତା କହି ଜଣେ ମେଜରଙ୍କୁ ବିବାହ କରିଥିଲେ। ମହିଳା ଜଣକ ନକଲି ବୟସଗତ ପ୍ରମାଣପତ୍ର ଯୋଗାଡ କରିଥିଲେ। ଏହାପରେ ସେ ହନିମୁନ୍ ପାଇଁ ଆଣ୍ଡାମାନ ଚାଲିଯାଇଥିଲେ। ନିଜ ଝିଅକୁ ମେଜରଙ୍କ ସହିତ ସାକ୍ଷାତ କରାଇ ବାନ୍ଧବୀ ଭାବେ ପରିଚୟ ଦେଇଥିଲେ। ତେବେ ବିବାହ ପାଇଁ ଠକିଥିବା ମହିଳାଙ୍କ ନାମରେ ମେଜରଙ୍କ ପିତା ସତୀଶ କୁମାର ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ସତୀଶଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ ବିଷର ବାସନା।
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୪

- ରୁଷିଆ ଭାରତକୁ ୭ଟି କ୍ରାୟୋଜେନିକ ରକେଟ ଇଞ୍ଜିନ ଯୋଗାଇଦେବାକୁ ପ୍ରସ୍ତୁତ ଥିବା ବିଷୟ ରୁଷିଆ ମହାକାଶ ସଂସ୍ଥା ପକ୍ଷରୁ କୁହାଯାଇଛି।
- ଜନତାଦଳର ସଭାପତି ଏସ୍.ଆର. ବୋମାଇଙ୍କ ଅନୁପସ୍ଥିତିରେ ବରିଷ୍ଠ ନେତା ଜର୍ଜ ଫର୍ଣ୍ଣାଣ୍ଡିଜଙ୍କୁ ସଭାପତି କାର୍ଯ୍ୟ କରିବା ଲାଗି କ୍ଷମତା ଦିଆଗଲା।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୧୩- କେନ୍ଦ୍ର ସରକାର ଚାଇନା ସୀମାରେ ୨୧୦୦୦ କୋଟି ଟଙ୍କା ବ୍ୟୟରେ ୪୪ଟି ରାସ୍ତା ଏବଂ ପାକିସ୍ତାନ ସୀମା ପଞ୍ଜାବ ଓ ରାଜସ୍ଥାନରେ ୫୪୦୦ କୋଟି ଟଙ୍କା ବ୍ୟୟରେ ୨୧୦୦ କିଲୋମିଟର ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି।

୧୪- ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ ହେଲା।

୧୫- ବ୍ରିଟିଶ ପାର୍ଲାମେଣ୍ଟରେ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଅନୁଷ୍ଠିତ ଐତିହାସିକ ଭୋଟ୍‌ରେ ଥେରେସା ମେ ହାରିଯାଇଛନ୍ତି।

୧୬- ଝାରସୁଗୁଡ଼ା ବିଧାୟକ ନବ ଦାସ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ।

* କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଦିନେଶ ମାହେଶ୍ୱରୀ ଓ ଦିଲ୍ଲୀ ହାଇକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି।

୧୭- ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସରକାର ତାଙ୍କ ପଦରୁ ହଟାଇଦେଇଛନ୍ତି।

* ଓଡ଼ିଆ ଆଇପିଏସ୍ ଅଫିସର ସତ୍ୟନାରାୟଣ ପ୍ରଧାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହେଲେ।

୧୮- ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ ଦିନେଶ ଖାନ୍ନା ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବରିଷ୍ଠତାକୁ ଉପେକ୍ଷା କରି ଏମାନଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ବିବାଦ ଦେଖାଦେଇଛି।

## ଆମ ସମସ୍ୟା

### ଅର୍ଥ ମଞ୍ଜୁର ପରେ ବି କାମ ହେଉନି

ମହାଶୟ,

ଭଦ୍ରକ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ ୱାର୍ଡ ନଂ.୬ରେ ଗାଁରୁ ପଞ୍ଚାୟତ ଅଫିସ ଆଗଦେଇ ମୁଖ୍ୟରାସ୍ତାକୁ ସଂଲଗ୍ନ କରୁଥିବା ରାସ୍ତାଟି ଖାଲଢିପରେ ପୂର୍ଣ୍ଣ। ଛୋଟବଡ ପଥର ସବୁ ଉପରକୁ ବାହାରି ପଡିଥିବାରୁ ପଥଚାରୀ ଝୁଣ୍ଟିପଡି କ୍ଷତବିକ୍ଷତ ହେଉଛନ୍ତି। ଏହିଭଳି ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏହି ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ରାସ୍ତାରେ ପଡିଯାଇ କ୍ଷତବିକ୍ଷତ ହୋଇ ଡାକ୍ତରଖାନାରେ ପଡିଛନ୍ତି। ସରପଞ୍ଚଙ୍କ ସୂତ୍ରରୁ ପ୍ରକାଶ ଯେ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ବି କାମ ହେଉନାହିଁ। ଅଧିକ ବିଳମ୍ବ ଜନଅସନ୍ତୋଷ ବୃଦ୍ଧି କରିବ। ସୁତରାଂ ଯଥାଶୀଘ୍ର କାମ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଶୁଣିବାକୁ କେହି ନାହାନ୍ତି

ଖୋର୍ଦ୍ଧା ଜିଲାର ଜଟଣୀ ସହରକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। କିନ୍ତୁ ସହରର ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ନଭେମ୍ବର ୨୦୧୮ରେ ମ୍ୟୁନିସିପାଲିଟି କାଉନସିଲ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ କିଛିଦିନ ତଳେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲାଞ୍ଚ ନେଉଥିବାରୁ ଭିଜିଲାନ୍ସ ଧରି କୋର୍ଟ ପଠାଇ ଦେଇଛନ୍ତି। ଫଳରେ ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଖାଁ ଖାଁ, ସତେଯେପରି ଲୋକଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି। ଜଟଣୀ ସହରରେ କୁଢ କୁଢ ଆବର୍ଜନା ଜମା ହୋଇ ରହିଛି। ମ୍ୟୁନିସିପାଲିଟି ଲୋକମାନଙ୍କଠାରୁ ଟ୍ୟାକ୍ସ ଆଦାୟ କରୁଥିବା ବେଳେ ସେମାନଙ୍କୁ ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହୋଇଛି। ଏ ସମସ୍ୟାର ତୁରନ୍ତ ସମାଧାନ ହେଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ପ୍ରଥମ ପୁରସ୍କାର ବିଜେତା ବାବୁରାମ ପାତ୍ର(ମଝି), ଦ୍ୱିତୀୟ ପୁରସ୍କାର ବିଜେତା ନାଜିଆ ସୁମ୍ଭୁଲ(ବାମ), ତୃତୀୟ ପୁରସ୍କାର ବିଜେତା ଅରୁଣ କୁମାର ବାଗ୍ (ଡାହାଣ) ଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା ଓ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ।

# ପାଠିକାପାଠକ ଆମର ସମ୍ପତ୍ତି

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବ ରବିବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ର ମେଗା ୱିନରମାନଙ୍କୁ 'ଟିଭିଏସ୍' ପକ୍ଷରୁ ଦୁଇଚକିଆ ଗାଡ଼ି ପ୍ରଦାନ କରାଯାଇଛି। ପ୍ରଥମ ପୁରସ୍କାର ବିଜେତା ହେଲେ କେନ୍ଦ୍ରାପଡ଼ା ଜିଲା ଖଡ଼ିପାଳର ବାବୁରାମ ପାତ୍ର। ତାଙ୍କୁ ପୁରସ୍କାର ବାବଦରେ ଟିଭିଏସ୍ ଆପାଚି ୧୬୦ସିସି ବାଇକ୍ ଦିଆଯାଇଛି। ସେହିପରି ଦ୍ୱିତୀୟ ପୁରସ୍କାର ବିଜେତା ଢେଙ୍କାନାଳ ମୀନାବଜାରର ନାଜିଆ ସୁମ୍ଭୁଲଙ୍କୁ ଜୁପିଟର ସ୍କୁଟର ଏବଂ ତୃତୀୟ ପୁରସ୍କାର ବିଜେତା କୋରାପୁଟ ଜିଲା କୋଟପାଡ଼ର ଅରୁଣ କୁମାର ବାଗ୍‌ଙ୍କୁ ସ୍କୁଟି ପେପ୍ ପ୍ଲସ୍ ପ୍ରଦାନ କରାଯାଇଛି। ୫ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ 'ନିକନ' ତରଫରୁ ନିକନ କ୍ୟାମେରା ପ୍ରଦାନ କରାଯାଇଥିବାବେଳେ ୭୨ଜଣଙ୍କୁ ଡେଲି ୱିନର୍ସ ଭାବେ ଶପିଂ ମଲ୍ 'ସେଣ୍ଟ୍ରାଲ' ପକ୍ଷରୁ ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ଦିଆଯାଇ ପୁରସ୍କୃତ କରାଯାଇଛି। ଏଥି ସହିତ କୁମୁଦିନୀ ପଣ୍ଡାଙ୍କୁ 'ଲକି ଫ୍ରମ୍ ଅନ୍‌ଲକି' ଭାବେ ପୁରସ୍କୃତ କରାଯାଇଛି। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ, ନିକନ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ମା'ର କର୍ତ୍ତବ୍ୟ ହେଉଛି ସେ ପିଲାଠାରୁ କିଛି ନିଏନାହିଁ। ଆମେ ଯଦି ମାନସିକସ୍ତରଠାରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ ସବୁ ସ୍ତରରେ ଗୋଟିଏ ଜାଗାରେ ରହିପାରୁଛୁ ତାହା କେବଳ ମା' ଯୋଗୁ ହୋଇପାରୁଛି। ମା' ହେଉଛି 'ଧରିତ୍ରୀ'। 'ଧରିତ୍ରୀ'ର କର୍ତ୍ତବ୍ୟ ହେଉଛି ସିଏ ଦେବ, ନେବନି। ପାଠିକାପାଠକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଆପଣମାନେ ହେଉଛନ୍ତି ଆମର ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି, ପାଠିକାପାଠକ ହେଉଛନ୍ତି ଆମର ବଡ଼ ସମ୍ପତ୍ତି। ଆମର ସେଭଳି କୌଣସି ଖଣି, ଖାଦାନ, ବଡ଼ ବଡ଼ କଲେଜ ନାହିଁ। ତେଣୁ ରୋଜଗାର କରିବା ପାଇଁ ଆମର କୌଣସି ଉତ୍ସ ନାହିଁ। ଆମେ କେବଳ ସାମ୍ବାଦିକତା ଦ୍ୱାରା ବଞ୍ଚିଛୁ। ଯେହେତୁ ଆମର କୌଣସି ଅନ୍ୟ ବ୍ୟବସାୟ ନାହିଁ ତେଣୁ ଆମେ ନିର୍ଭୀକ ସାମ୍ବାଦିକତା କରିପାରୁଛୁ। ଯେଉଁଠି ବି ଅନ୍ୟାୟ ଦେଖୁଛୁ ତାହା ପାଠିକାପାଠକଙ୍କ ସାମ୍ନାରେ ରଖୁଛୁ।

ଏହି ପରିପ୍ରେକ୍ଷୀରେ କଣ୍ଠଶିଳ୍ପୀ କାଜୋଲ ଓ ବିଭୁଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥିତ ପାଠିକାପାଠକଙ୍କୁ ମନୋରଞ୍ଜନ କରାଇଥିଲା। କାର୍ଯ୍ୟକ୍ରମରେ ମୁକେଶ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, 'ଧରିତ୍ରୀ ପୂଜା କୁଇଜ୍-୨୦୧୮' ଗତ ଅକ୍ଟୋବର ୧୩ରୁ ନଭେମ୍ବର ୭ ପର୍ଯ୍ୟନ୍ତ ନିୟମିତ ପ୍ରକାଶ ପାଇଥିଲା। ଗତ ଡିସେମ୍ବର ୨୪ରେ ଏକ ଲକି ଡ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।




ଜଣେ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତାଙ୍କୁ ନିକନ୍ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ପୁରସ୍କୃତ କରୁଛନ୍ତି।




ଜଣେ ଡେଲି ୱିନର୍‌ଙ୍କୁ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ପାଠିକାପାଠକ, ବିଜେତା।





କଣ୍ଠଶିଳ୍ପୀ ବିଭୁ ଓ କାଜୋଲଙ୍କ ସଙ୍ଗୀତ ପରିବେଷଣ।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଆୟୋଜିତ 'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବରେ ଡେଲି ୱିନର୍‌ଭାବେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଦୋକାନରୁ ଆଜବେଷ୍ଟସ୍ ଭାଙ୍ଗି ଚୋରି, ଜଣେ ଅଟକ

ଡେରାବିଶ,୨୦।୧ (ସ୍ୱ.ପ୍ର.)-ନିକିରାଇ ଥାନା ଅଧୀନ ଛୋଟି ବଜାରସ୍ଥିତ ଏକ ଜଳଖିଆ ଦୋକାନ ଘର ଆଜବେଷ୍ଟସ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖି ପଚରଉଚୁରା କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ରମେଶଚନ୍ଦ୍ର ରାଏ ଛୋଟି ବଜାରରେ ଏକ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଶନିବାର ରାତିରେ ମିଠାକାମ ସାରି ରମେଶ ଦୋକାନ ବନ୍ଦ କରି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ରବିବାର ସକାଳୁ ଦୋକାନ ଖୋଲିବାକୁ ଯାଇଥିବା ବେଳେ ଦୋକାନ ଘର ଆଜବେଷ୍ଟସ ଭଙ୍ଗାଯାଇ ପାଣିମଟର, ମିଠା ଓ ଦୋକାନର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣି ପାରିଥିଲେ। ଏ ନେଇ ସେ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୫/୧୯ ନଂ, ରେ ଏକ ମାମଲା ରୁଜୁ କରି ସନ୍ଦେହରେ ଜଣଙ୍କୁ ଅଟକ ରଖିଥିବା ଥାନା ଅଧିକାରୀ ଗୁଣମଣୀ ନାୟକ କହିଛନ୍ତି।

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ରାଜନଗର,୨୦।୧(ଡିଏନଏ)**-ଶନିବାର ରାତିରେ ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ଚନ୍ଦନପୁର ଗାଁର ପୀତାମ୍ବର ସ୍ୱାଇଁଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ସମେତ ସମସ୍ତ ଆସବାବପତ୍ର ପୋଡି ଯାଇଛି। ଏହାଛଡା ଅଗ୍ନିକାଣ୍ଡରେ ଗୁହାଳ ଘରେ ଥିବା ଏକ ଗାଈ ଆହତ ହୋଇଛି। ଖବରପାଇ ନିଆଁଲିଭାଳୀ ଦଳ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ତ୍ରିନାଥ ବଜାର କମିଟି ତରଫରୁ ମକର ମେଳା

**ମାର୍ଶାଘାଇ,୨୦।୧(ଡିଏନ୍ଏ )**-ମାର୍ଶାଘାଇ ବଜାର ମେଡିକାଲ ଛକ ତ୍ରିନାଥ ବଜାର କମିଟି ତରଫରୁ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ବଜାର ଅଞ୍ଚଳ ସଫେଇ କରାଯାଇଥିଲା। କଳସୀ ଶୋଭାଯାତ୍ରା କରାଯିବା ପରେ ସୂର୍ଯ୍ୟପୂଜା ,ଗୋପୂଜା ସହିତ ଷୋଡଶ ଉପଚାର ପୂଜା କରାଯାଇଥିଲା। ରାଜେଶ ମାହେଶ୍ୱରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଅଶୋକ କୁମାର ଚୌଧୁରୀ, ମଥୁରାନନ୍ଦ ଯେନା,ୱାର୍ଡ ମେମ୍ବର ବୈଷ୍ଣବ ଚରଣ ବେହେରା,ଉମାକାନ୍ତ ବେହେରା,ବିନୋଦ ମାହେଶ୍ୱରୀ,ଅର୍ଜ୍ଜୁନ ରଥ,ଯୋଗେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ସୁରେଶ ପଣ୍ଡାଙ୍କ ସ୍ୱର ସଂଯୋଜନାରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ମାର୍ଶାଘାଇ ବଣିକ ସଂଘର ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ, ସଂପାଦକ ଉପେନ୍ଦ୍ର କୁମାର ବେହେରାଙ୍କୁ ମେଳା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜନ୍ମୋତ୍ସବ

**କେନ୍ଦ୍ରାପଡା ଅଫିସ, ୨୦।୧**-ସହର ନିକଟ ଗରାପୁରସ୍ଥିତ ହନୁମାନ ମନ୍ଦିର ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ସନ୍ଥ ମହାପୁରୁଷ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୧୦୭ତମ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭକ୍ତମାନେ ପ୍ରତ୍ୟୁଷରେ ନଗର କୀର୍ତ୍ତନ କରିଥିଲେ। ପରେ ମନ୍ଦିର ପରିସରରେ ବାବାଜୀ ଚେତନାନନ୍ଦ ଦାସ, ବାବାଜୀ ଶ୍ରଦ୍ଧାନନ୍ଦ ଦାସଙ୍କ ଦ୍ୱାରା ସ୍ମୃତିଚାରଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ରାପଡ଼ା ସତ୍ୟସେବା ମଣ୍ଡଳ ପକ୍ଷରୁ ଭଜନ ସମାରୋହ ହୋଇଥିଲା।

# ୨୩ କୋଟିରେ ନିର୍ମାଣ ହେବ ଗୋବରୀ ସେତୁ

## ଶିଳାନ୍ୟାସ କଲେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ

ମହାକାଳପଡ଼ା,୨୦।୧ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକରେ ପ୍ରବାହିତ ଗୋବରୀ ନଦୀରେ ମହାକାଳପଡ଼ା-ଚଣ୍ଡିଆପଲ୍ଲୀ-ବିଜୟନଗର ସେତୁର ଶିଳାନ୍ୟାସ କରାଯାଇଛି। ନାବାର୍ଡ ସହାୟତାରେ ୨୩କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁ ଫଳକକୁ ସାହାବାଣପୁର ଛକଠାରେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଶିଳାନ୍ୟାସ କରିଥିଲେ। ଏଥିସହ ମନ୍ତ୍ରୀ ମଲ୍ଲିକ ପୂର୍ତ୍ତ ବିଭାଗର ଓରତ-ବିଡିହି ରାସ୍ତା, ରାମକଣୀ ଛକଠାରୁ ଶଙ୍ଖପଦା ରାସ୍ତା, ଶଙ୍ଖପଦାରୁ ରାମକଣୀ ରାସ୍ତା ଓ ଦେଉଳପଡ଼ା ପଞ୍ଚାୟତ ମୁଖ୍ୟରାସ୍ତା-ଚଣ୍ଡିଆପଲ୍ଲୀ ରାସ୍ତା ନିର୍ମାଣ କାର୍ଯ୍ୟ ଶିଳାନ୍ୟାସ କରିଥିଲେ।

ଏହାପରେ ବିଜୟନଗର ପଡ଼ିଆଠାରେ ଆୟୋଜିତ ସଭାସ୍ଥଳକୁ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ମନ୍ତ୍ରୀ ମଲ୍ଲିକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ବିଧାୟକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ଶୁକ୍ଳା ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ବିଡିଓ ରମେଶଚନ୍ଦ୍ର ସେଠୀ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ସୀତାଳତା ପରତଡ଼ା, ସ୍ଥାନୀୟ ସରପଞ୍ଚ ସୋମନାଥ ତ୍ରିପାଠୀ, ଦେଉଳପଡ଼ା ସରପଞ୍ଚ ଦେବଦତ୍ତ ପରିଡ଼ା, ରାଜ୍ୟ ବିଜେଡି ଉପ ସଭାପତି ରାକେଶ ମହାପାତ୍ରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ବିଧାୟକ ଅତନୁସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣୁ ମୁତୁଣୁ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଣ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିବି ମଡେଲ୍ ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ବୈଠକ

ଡେରାବିଶ, ୨୦।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ପାଳନର ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଧୂଭୂଷଣ ମହାନ୍ତି ଓ ଅବସରପ୍ରାପ୍ତ ବ୍ୟାଙ୍କ ଉଚ୍ଚ ପଦାଧିକାରୀ ଅଜୟ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଜେନା ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନାରାୟଣ ଚକ୍ରବର୍ତ୍ତି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ପୁରାତନ ଛାତ୍ର ଅମ୍ବିକା ପ୍ରସାଦ ରଥ, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଜେନାମଣି ବଳ, ଶିକ୍ଷକ ପ୍ରଦୀପ୍ତ ମହାପାତ୍ର, ଇଂ. ଗଣେଶ ଚନ୍ଦ୍ର ନାୟକ, ଇଂ. ମିହିର କୁମାର ବାରିକ, ଇଂ. ଧୀରେନ୍ଦ୍ର ଶତପଥୀ, ଇଂ. ପ୍ରଦୀପ୍ତ କୁମାର ପଣ୍ଡା, ଇଂ. ରବୀନ୍ଦ୍ର କୁମାର ପଣ୍ଡା, ଇଂ. ବିମଳାକାନ୍ତ ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ବ୍ୟାଙ୍କ ପରିଚାଳକ ବିମଳ ମହାନ୍ତି, ଶିବନାରାୟଣ ସ୍ୱାଇଁ, ସୁବ୍ରତ ଜେନା, ଦିଲ୍ଲୀପ ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବର୍ଷ ଜାନୁୟାରୀ ମାସରେ ଏହି ଜୟନ୍ତୀ ଉତ୍ସବ ପାଳନ କରିବାକୁ ସ୍ଥିର କରାଯାଇଥିଲା। ଏହାପୂର୍ବରୁ ବିଧୂଭୂଷଣ ମହାନ୍ତିଙ୍କ ଆବାହକତ୍ୱରେ ଚଳିତ ବର୍ଷ ମେ ମାସରେ ସାଧାରଣ ବୈଠକ ଡକାଯାଇ ଏକ କମିଟି ଗଠନ କରାଯିବା ସହ କାର୍ଯ୍ୟକୁ ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ଉପକମିଟି ଗଠନ ହେବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଶିକ୍ଷକ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୨ଶହ ହିତାଧିକାରୀଙ୍କୁ ଏଲ୍ଇଡି ବଲ୍ବ ବଣ୍ଟନ

ଆଳି, ୨୦।୧ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ଆରମ୍ଭ ହୋଇଥିବା 'ଆମ ଘରେ ଏଲ୍ଇଡି' ଯୋଜନାରେ ରବିବାର ଆଳି ବ୍ଲକ ଦେମାଳ ପଞ୍ଚାୟତରେ ୨ଶହ ହିତାଧିକାରୀଙ୍କୁ ଏଲ୍ଇଡି ବଲ୍ବ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଓ ବିଡିଓ ଜୟନ୍ତ ପୃଷ୍ଟି ଅତିଥି ଭାବେ ଥିଲେ। ଏହ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ସହାୟତା ରାଶି ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ସେହପରି ଦଶିପୁର, ବଡାମ୍ବିଳା, ମେଣ୍ଟପୁର, ନିଆଳ, ଅଟାଳ, କୋଳିଡିହ, ପତ୍ରପୁର, ସିଙ୍ଗିରି ଆଦି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା, ବିଡିଓ, ଅଙ୍ଗନଓାଡି ସୁପରଭାଇଜର ଅନିତା ବେହେରା, ସ୍ୱୟଂ ସହାୟକ ଗୋଷ୍ଠୀ ବ୍ଲକ ସଂଯୋଜିକା ମୋନାଲିସା ନାୟକ, ବିଏସ୍ଏସ୍ଓ ରୁପାଲି ପ୍ରିୟଦର୍ଶନୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦ୍ୱୀପାଞ୍ଚଳ ମକର ମହୋତ୍ସବ ଉଦ୍‌ଯାପିତ

ମାର୍ଶାଘାଇ, ୨୦।୧(ଡିଏନ୍ଏ )

୫ ଦିନ ଧରି ଅନୁଷ୍ଠିତ ଲୁଣା – କରାଣ୍ଡିଆ ଦ୍ୱୀପାଞ୍ଚଳ ମକର ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଯୋଗ ଦେଇଥିବା ଅତିଥିମାନେ ମହୋତ୍ସବ ମାଧ୍ୟମରେ ଚିର ଅବହେଳିତ ଦ୍ୱୀପାଞ୍ଚଳର ବିକାଶ ସମ୍ଭବପର ବୋଲି ମତବ୍ୟକ୍ତ କରିଥିଲେ । ମହୋତ୍ସବ କମିଟିର ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ କେନ୍ଦ୍ରାପଡା ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଭୈରବ ବ୍ରହ୍ମା, ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ,ଅଧ୍ୟାପକ ପ୍ରଦୀପ ଜେନା ଯୋଗ ଦେଇଥିଲେ । ସମ୍ପାଦକ ଅମରେନ୍ଦ୍ର ରାଉତ ମହୋତ୍ସବର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ ଶତପଥୀ ଧନ୍ୟବାଦ ଦେଇଥିଲେ । ପରିଷଦର ସଭ୍ୟ ମେଜର ଭରତ ଜେନା, କୋଷାଧ୍ୟକ୍ଷ ଡ଼. ପି.ଆର. ରାଉତ, ବିକାଶ ସ୍ୱାଇଁ, ବିଶ୍ୱ ଭୂଷଣ ମହାନ୍ତି, ଦୀପକ ରାଉତରାୟ, ଅମିୟ ପଟ୍ଟନାୟକ, ବିଜୟ ମହାନ୍ତି, ଚିନ୍ମୟ ପରିଡା ପ୍ରମୁଖ ଚଳିତ ମହୋତ୍ସବକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ । ୨ୟ ଅଧିବେଶନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିରଜା ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

**ଡେରାବିଶ,୨୦।୧(ସ୍ୱ.ପ୍ର.)**– ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଗୋପାଳଜୀଉ ପାଟଣାଠାରେ ବିରଜା ଦାସ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ୍। ଏହି ଫାଇନାଲ ମ୍ୟାଚ୍‌ରେ ଦେଶପୁର ଓ ଚାଟରା ମା'ବାସୁଳେଇ କ୍ରିକେଟ୍ କ୍ଲବ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମା'ବାସୁଳେଇ କ୍ଲବ ଟସ୍ ଜିତି ୧୫ ଓଭରରେ ୯ ୱିକେଟ୍ ହରାଇ ୭୭ ରନ୍ ସଂଗ୍ରହ କରିଥିଲେ । ଜବାବରେ ଦେଶପୁର କ୍ରିକେଟ୍ କ୍ଲବ ୬ ଓଭରରେ ୧ ୱିକେଟ୍ ହରାଇ ନିର୍ଦ୍ଧାରିତ ୭୮ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ଜୟନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଓ ରତ୍ନାକର ରାଉତ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସନ୍ଦୀପ ମଧୁସୁଦନ ଦାସ, ସିଦ୍ଧାର୍ଥ ଦାସ, ପାର୍ଥ ଦାସ, ସୁବ୍ରତ ଦାସ, ଅଞ୍ଜନ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଆଖି ବୁଜିଲେ ଦେବ

### ବିଜୁ ସ୍ୱାସ୍ଥ୍ୟ ବୀମା ଗରିବଙ୍କ ପାଇଁ ଅପହଞ୍ଚ

ରାଜନଗର,୨୦।୧(ଡିଏନଏ)

ସରକାର ଗରିବ ପରିବାର ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଇନ୍ଦିରାଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗାଁ ଗହଳିର ଗରିବ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ କୋଠାଘର ଦିଆଯାଉଥିବା ନେଇ ପ୍ରଚାର ପ୍ରସାର କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଗରେ ରହିଛନ୍ତି। ବିଶେଷ କରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଉଥିବା ନେଇ ପିଠା ଯୋଜନା ମାଧ୍ୟମରେ ଡିଣ୍ଡିମ ପିଟା ଚାଲିଛି । ସେହିପରି ବିଜୁ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରାଯାଇଛି । ମାତ୍ର ସ୍ୱାସ୍ଥ୍ୟ ବୀମା ସହାୟତାରୁ ବଞ୍ଚିତ ହୋଇ ରାଜନଗର ଅଞ୍ଚଳର ଚା ବିକାଳି ଦେବ ଲେଙ୍କାଙ୍କର ଶେଷରେ ଶନିବାର ରାତିରେ ମୃତ୍ୟୁ ଘଟିଛି।

ରାଜନଗର ବ୍ଲକ ରାଜନଗର ପଞ୍ଚାୟତର ଗଳିଦାଣ୍ଡରେ ଏକ ଝୁମ୍ପୁଡି ଘରେ ପରବାର ସହ ରହୁଥିଲେ ଦେବ (୬୩)। ଘରେ ପତ୍ନୀ, ଭଉଣୀ ଓ ଭାଇ। ଜମି ଗୁଣ୍ଠେ ନ ଥିବାରୁ ରାଜନଗର ବଜାରରେ ସକାଳୁ ସଞ୍ଜ ଯାଏଁ ଚା ବିକି ନିଜର ଅଭାବୀ ସଂସାର ଚଳାଉ ଥିଲେ । ଘର ଖଣ୍ଡେ ପାଇବା ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେବା ସହ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବହୁବାର ଗୁହାରୀ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା । ଗତ ୪ ଦିନ ତଳେ ଚା' ବିକାଳି ଦେବ ଶ୍ୱାସରୋଗରେ ଗୁରୁତର ହୋଇ ପଡିଥିଲେ। ତାଙ୍କ ସାନଭାଇ ଧ୍ରୁବ ଧାର କରଜ କରି ଭାଇକୁ ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନା ନେଇଥିଲେ। ସେଠାରେ ଦେବଙ୍କୁ ମିଳିଥିବା ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡ ନଂ ୨୧୧୦୦୬୦୦୦୦୧୦୭୧୮୭୨ ଜରିଆରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ ଟିପ ଚିହ୍ନ ମେଳ ଖାଉନି କହି ସେଠାରେ ତାଙ୍କୁ ଫେରାଇ ଦିଆଯାଇଥିଲା। ଫଳରେ ବଡ ଡାକ୍ତରଖାନାରେ ନେଇଥିବା ଟଙ୍କା ଖର୍ଚ୍ଚ ହୋଇଯିବା ପରେ ସାନଭାଇ ଧ୍ରୁବ ଅସୁସ୍ଥ ବଡଭାଇ ଦେବଙ୍କୁ ଶନିବାର ରାତିରେ ଘରକୁ ଫେରାଇ ନେଇ ଆସିଥିଲେ। ଘରେ ପହଞ୍ଚିବାର କିଛି ସମୟ ପରେ ଦେବଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡରେ ଦେବଙ୍କ ଫଟୋ ଏବଂ ପରିବାରର ସମସ୍ତ ତଥ୍ୟ ରହିଛି। ଏହାସତ୍ତ୍ୱେ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନାର ସୁବିଧା କିପରି ପାଇଲେ ନାହିଁ ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଭାରତୀୟ ସଂସ୍କୃତି ଏକତାର ଗୀତ ଗାଏ-ରାଜ୍ୟପାଳ

କେନ୍ଦ୍ରାପଡା ଅଫିସ୍, ୨୦।୧

ଭାଷା, ଭୂଷା, ଆଚାର, ବିଚାରର ବିଭିନ୍ନତା ମଧ୍ୟରେ ଭାରତୀୟ ସଂସ୍କୃତି ଏକତାର ଗୀତ ଗାଏ। ବହୁ ମତ ଓ ପନ୍ଥ ମଧ୍ୟରେ ଥିବା ଏକତାକୁ ଅନୁଧ୍ୟାନ କରିବାକୁ ଆସି ବହୁ ବିଦେଶୀ ଭାରତୀୟ ସଂସ୍କୃତିରେ ଆକର୍ଷିତ ହୋଇ ଏଠାରେ ନିଜର କର୍ମସ୍ଥଳୀ କରିଛନ୍ତି। ଏଥିପାଇଁ ଭାରତମାତାକୁ ଜଗତମାତା ଭାବେ ସମ୍ବୋଧନ କରାଯାଉଛି ବୋଲି ରାଜ୍ୟପାଳ ଗଣେଶୀ ଲାଲ ଏକ ବାର୍ଷିକ ଉତ୍ସବରେ ଯୋଗଦେଇ ମତ ଦେଇଛନ୍ତି। ସହରର ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ରାଜ୍ୟପାଳ ପ୍ରକାଶ କରିଥିଲେ ଯେ, ଶିକ୍ଷାର୍ଥୀର ଉତ୍କର୍ଷତା ନିଜର ଜାଣିବାର ଇଚ୍ଛାକୁ ଗୁରୁତ୍ୱ ଦେଇଥାଏ। ଏହି ଇଚ୍ଛା ସ୍ୱପ୍ନ ପୂରଣ ସହିତ ସମଗ୍ର ବିଶ୍ୱର ମଙ୍ଗଳରେ ଲାଗିଥାଏ। ସାମ୍ପ୍ରତିକ ସମୟରେ ବଡ ଗଛର ଚେର କାଟି ଦିଆଯାଇ ଛୋଟ ଗଛର ରୂପରେଖ ଦିଆଯାଉଛି। ଫଳରେ ବୃକ୍ଷର ପ୍ରକୃତ ରୂପ ପରିପ୍ରକାଶ ହେଉନାହିଁ। ଏପରି ନ କରିବାକୁ ରାଜ୍ୟପାଳ ପରାମର୍ଶ ଦେବା ସହିତ ବିଦ୍ୟାର୍ଥୀଙ୍କୁ ନିଜର ଲକ୍ଷ୍ୟକୁ ବିସ୍ତାରିତ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ଅନଙ୍ଗ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଭାରତୀର ସହମନ୍ତ୍ରୀ ଡା. କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ମୟୂଖ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ହିମାଂଶୁ ଶେଖର ଦାଶ, ସହ ସମ୍ପାଦକ ସଚ୍ଚିଦାନନ୍ଦ ବେହେରା, ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାମନ୍ଦିରର ମାଧବ ଭବନକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବାର୍ଷିକ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ।
2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ
-କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355,
9162431749

୧୯୪୫ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୩ ବିଜେଡି ସଦସ୍ୟ ନିଲମ୍ବିତ

ନାଉଗାଁ,୨୦।୧(ସ୍ୱ.ପ୍ର.): ଦଳୀୟ ବିଶୃଙ୍ଖଳା ପାଇଁ ନାଉଗାଁ ବ୍ଲକ ବିଜଡିରୁ ୩ଜଣ ସଦସ୍ୟ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ରୋହିଆ ପଞ୍ଚାୟତର ଆଡ୍‌ଭୋକେଟ୍ ସୌମ୍ୟରଞ୍ଜନ ମହାନ୍ତି, ଗଜରାଜପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବାବନ କୁମାର ଜେନା ଓ ନାଉଗାଁ ପଞ୍ଚାୟତର ସୋମନାଥ ରାଉତ। ଜିଲା ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ବ୍ଲକ ବିଜେଡି ସଭାପତି ସୁଜିତ ମଲିକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଏମାନେ ଦଳ ବିରୋଧୀ କାର୍ଯ୍ୟ କରିବା ସହ ଦଳ ଓ ଦଳର ନେତୃତ୍ୱଙ୍କ ପ୍ରତି ଅଶାଳୀନ ବକ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ନିଲମ୍ବନ ସମ୍ପର୍କରେ କୌଣସି ସଦସ୍ୟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ



ବିରିଡି,୨୦।୧(ଡି.ଏନ.ଏ.): ବିରିଡି ବ୍ଲକ ଅନ୍ତର୍ଗତ ବାଲିଆଷ୍ଟୋର ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକୋତ୍ସବ ଏବଂ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ ତମ ଜନ୍ମୋତ୍ସବ ଅଣଖିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସନ୍ନିକଟ ପଡିଆରେ ରବିବାର ପାଳିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରୁ ବେଦ, ମାଙ୍ଗଳିକ, ଉଷା କୀର୍ତ୍ତନ, ସୁସଜ୍ଜିତ ରଥରେ ଠାକୁରଙ୍କ ଶ୍ରୀବିଗ୍ରହ ନଗର ପରିକ୍ରମା କରିବାସହ ନାମ ସଙ୍କୀର୍ତ୍ତନ ଶୋଭାଯାତ୍ରା ଓ ସତ୍‌ସଙ୍ଗ କରାଯାଇଥିଲା। ଜଗତ୍‌ସିଂହପୁରର ବରିଷ୍ଠ ରିତିକ୍ ପୁରୁଷୋତ୍ତମ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସତସଙ୍ଗରେ ରିତିକ ଅରୁଣ ଦାସ, ପ୍ରଫୁଲ୍ଲ ଖୁଣ୍ଟିଆ, ତ୍ରିନାଥ ବାରିକ, କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଲିଙ୍ଗରାଜ ଦାସ, ମନୋରଞ୍ଜନ ସିଂହ, ଭାଗବତ ପ୍ରସାଦ ଦାସ, କରୁଣାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ତିର୍ତ୍ତୋଲ, (ଡି.ଏନ.ଏ.): ଠାକୁର ଅନୁକୁଳଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ ତିର୍ତ୍ତୋଲସ୍ଥ ହର୍ଟିକଲଚର ଫାର୍ମ ପରିସରରେ ପାଳିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ରତ୍ନାକର ନାୟକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଜିତେନ୍ଦ୍ରନାଥ ପତି, ମୁଖ୍ୟଅତିଥି କଟକ ସତସଙ୍ଗ ବିହାର ଅଧକ୍ଷ ଡମ୍ବରୁଧର ଦାସ, ସମ୍ମାନିତ ଅତିଥି ହୃଷୀକେଶ ଆଚାର୍ଯ୍ୟ, ଶଶିକାନ୍ତ ନାୟକ, କେଶବ ଦାସ, ବିଜୟ ଆଚାର୍ଯ୍ୟ, ଡ.ଶରତ ଚନ୍ଦ୍ର ସ୍ୱାଇଁ, ବାନାମ୍ବର ପୃଷ୍ଟି, ଶାରଦା ପ୍ରସନ୍ନ ଦାଶ, ସତ୍ୟବାନ ତ୍ରିପାଠୀ, ନିରୋଦ ଆଚାର୍ଯ୍ୟ, ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ଜିଲା ଓ ଜିଲା ବାହରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅଧାପକ ଜ୍ଞାନ ସାମନ୍ତରାୟ, ଡ. ପ୍ରଭାସ ପାଣି, କୃଷ୍ଣଚନ୍ଦ୍ର ମହାପାତ୍ର, ଅକ୍ଷୟ ପରିଜା, ଭାଗୀରଥି ପରିକା, ଉମାକାନ୍ତ ସାହୁ, ପ୍ରଶାନ୍ତ ଲେଙ୍କା, ରମେଶ ବେହେରା, ବିଷ୍ଣୁଚରଣ ସାହୁଙ୍କ ସମେତ ଉଦ୍ୟାନ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

■ ରେଡକ୍ରସ୍ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ ଆରମ୍ଭ

# 'ମାନବ ସେବା ହିଁ ମାଧବ ସେବା'

ଜଗତସିଂହପୁର ଅଫିସ, ୨୦।୧



ରେଡ୍‌କ୍ରସ୍ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ସ୍ଥାନୀୟ ମଧୁସୂଦନପୁରସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲା ଜୁନିୟର ରେଡକ୍ରସ୍ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ମହେଶ୍ୱର ପ୍ରଧାନ ଓ ମୁଖ୍ୟବକ୍ତା କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ପ୍ରଶିକ୍ଷକ ଗୁରୁ ଚରଣ ବେହେରା, ଓଡ଼ିଶୋସ୍ଥିତ କୁଡାମଚଣ୍ଡୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ଓ ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ଯୋଗଦେଇ ଜୁନିୟର ରେଡକ୍ରସ୍ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

- ■ ୩ ଦିନ ଧରି ଅନୁଷ୍ଠିତ ହେବ କାର୍ଯ୍ୟକ୍ରମ
- ■ ୧୮୧ ଉଚ୍ଚ ବିଦ୍ୟାଳୟର ୩୯୧ ଜୁନିୟର ରେଡ୍‌କ୍ରସ୍ ଛାତ୍ରୀଛାତ୍ରଙ୍କ ଯୋଗଦାନ
- ■ ବିଭିନ୍ନ ପ୍ରତିଯୋଗିତା କରାଯିବ

ଅତିଥିମାନେ କହିଥିଲେ ମାନବ ସେବା ହିଁ ମାଧବ ସେବା। ତେଣୁ ସର୍ବଦା ମାନବ ସେବା କରିବା ଆବଶ୍ୟକ। ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଶାରୀରିକ ଶକ୍ଷା ପରିଦର୍ଶକ ରାମଚନ୍ଦ୍ର ସ୍ୱାଇଁ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରେଡକ୍ରସ୍ ତାଲିମଦାତା ଅତୁଲ୍ୟ ବିକ୍ରମ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ୧୮୧ଟି ଉଚ୍ଚ ବିଦ୍ୟାଳୟର ୩୯୧ଜଣ ଜୁନିୟର ରେଡ୍‌କ୍ରସ୍‌ର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହା ୩ ଦିନ ଧରି ଚାଲିବ। ଏଥିରେ ତର୍କ, କୁଇଜ୍, ସାଧାରଣ ଜ୍ଞାନ, ନୃତ୍ୟ, ଅଭିନୟ, ପ୍ରବନ୍ଧ, ଦଳଗତ କଣ୍ଠ ସଙ୍ଗୀତ, ଦଳଗତ ନୃତ୍ୟ, ଚିତ୍ରାଙ୍କନ, ବାଗ୍ମିତା ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ରାଉତ, ତ୍ରିଲୋଚନ ସାହୁ, ନାରାୟଣ ଚନ୍ଦ୍ର ବାରିକ, ସୁଚୀସ୍ମିତା ସ୍ୱାଇଁ, ପ୍ରତାପ ବେହେରା, ବେଣୁଧର ମହାନ୍ତି, ନିରଞ୍ଜନ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ହରେକୃଷ୍ଣ ଲେଙ୍କା ଓ ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ ସଚେତନତା, ସାର୍ଟିଫିକେଟ ପ୍ରଦାନ

ରଘୁନାଥପୁର,୨୦।୧(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଗୁଆଳିପୁର ଓ ଅଢେଇକୂଳ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଜରିଆରେ ଗ୍ରାମାଞ୍ଚଳ ଏସ୍‌ଏଚଜି ମହିଳାଙ୍କୁ ମହିଳା ସଶକ୍ତୀକରଣ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଗୁଆଳିପୁର ସରପଞ୍ଚ ଜାନକୀବଲ୍ଲଭ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ବୈଠକରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ଆମ୍ମା ଅଧକ୍ଷ ରବୀନ୍ଦ୍ରନାଥ ସ୍ୱାଇଁ, ବୁଦ୍ଧିଜୀବୀ ଜ୍ଞାନ ରଞ୍ଜନ ପଟ୍ଟନାୟକ, ଅଭୟ ସାମନ୍ତରାୟ, ଗୌତମ ପାଲିତ ପ୍ରମୁଖ ଯୋଗଦେଇ ଏସ୍‌ଏଚଜି ମହିଳାଙ୍କ ପାଇଁ ଥିବା ରୋଜଗାର ଭିତ୍ତିକ ତାଲିମ ବ୍ୟବସ୍ଥା ଓ ବହୁମୁଖୀ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ମିଶନ ଶକ୍ତିର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଭିଜିତ ଦାସଙ୍କ ପରିଚାଳନାରେ ୩୧ ଏସ୍‌ଏଚଜି



ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଅତିଥି ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ଗୋଷ୍ଠୀଙ୍କୁ ସାର୍ଟିଫିକେଟ୍ ସହ ୧୫ ହଜାର ଟଙ୍କା ଆକାଉଣ୍ଟକୁ ଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ଅଢେଇକୂଳ ପଞ୍ଚାୟତରେ ସରପଞ୍ଚ ଶେଷଦେବ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକ, ହେଲ୍‌ଥ ୱାର୍କର ରଶ୍ମିତା ଦାସ, ମିଶନ ଶକ୍ତି ପକ୍ଷରୁ ସ୍ନେହପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ତଥ୍ୟ ରଖିଥିଲେ। ଏହାଛଡା ମିଶନ ଶକ୍ତି ସହାୟତାରେ ଏସ୍‌ଏଚଜି ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହ ସଂଯୋଗୀକରଣ ଓ ଋଣ ପ୍ରଦାନରେ ସହାୟତା ଉପଲବ୍ଧ ହେଉଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଭୟ ପଞ୍ଚାୟତରେ ଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସହାୟତା ପ୍ରଦନ ସହ ଏଲ୍‌ଇଡି ବଲ୍‌ବ ବଣ୍ଟନ କରାଯାଇଥିଲା। ସିଆରସିସି ସୁଧାଂଶୁ ଶେଖର ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ୨ ସ୍ଥାନରେ କରାଟେ ଚାମ୍ପିୟନଶିପ୍

ପାରାଦୀପ,୨୦।୧(ସ୍ୱ.ପ୍ର.): ପାରାଦୀପର ୨ଟି ସ୍ଥାନରେ ରବିବାର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଗୋସୁକୋ କଲାରାପାଇଟୁ ସଂସ୍ଥା ପକ୍ଷରୁ ପୌର କଲ୍ୟାଣ ମଣ୍ଡପଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ସଞ୍ଜୟ ଶାହାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଅନ୍ୟ ଏକ ସଂସ୍ଥା ପକ୍ଷରୁ ସମୁଦ୍ର ବେଳାଭୂମିରେ ଶିବିର ହୋଇଥିଲା। ପ୍ରଶିକ୍ଷକ କାହ୍ନୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ କରାଟେ ଓ ଆତ୍ମରକ୍ଷା କୌଶଳ ଉପରେ ତାଲିମ ଦିଆଯାଇଥିଲା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମଦିବସ ସମାରୋହ

ପାରାଦୀପ,୨୦।୧(ସ୍ୱ.ପ୍ର.): ସ୍ଥାନୀୟ ଜୟଦେବ ଭବନଠାରେ ଠାକୁର ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମଜୟନ୍ତୀ ରବିବାର ପାଳିତ ହୋଇଛି। ପାରାଦୀପ ସତ୍‌ସଙ୍ଗ ବିହାର ପକ୍ଷରୁ ଆୟୋଜିତ ଏହି ଜନ୍ମୋତ୍ସବରେ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମାତୃ ସମ୍ମିଳନୀ କିଶୋର ସତ୍‌ସଙ୍ଗ, ସଙ୍ଗୀତାଞ୍ଜଳି, ସନ୍ଧ୍ୟାରେ ସତ୍‌ସଙ୍ଗ ଓ ସଦାଲୋଚନା ହୋଇଥିଲା। ଏଥିରେ ହଜାରରୁ ଉର୍ଦ୍ଧ୍ୱ ଅନୁକୂଳଚନ୍ଦ୍ର ଭକ୍ତ ସାମିଲ ହୋଇଥିଲେ। ଆଞ୍ଚଳିକ ସତସଙ୍ଗ ଉତ୍ସବ କମିଟି ସଭାପତି ଲଳିତ କୁମାର ହୋତାଙ୍କ ଅଧକ୍ଷତାରେ ଭକ୍ତମାନେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

■ ପ୍ରେସ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ

## ଆମ ପୋଲିସ ଚାମ୍ପିୟନ, ଖବରଦାତା ଟିମ୍ ରନର୍ସଅପ୍

ମାର୍ଶାଘାଇ, ୨୦।୧ (ଡିଏନ୍‌ଏ)

ମାର୍ଶାଘାଇ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ କେନ୍ଦ୍ରାପଡା ଜିଲା ଆମ ପୋଲିସ ଟିମ ଚାମ୍ପିୟନ ହୋଇଥିବାବେଳେ ଜିଲା ଖବରଦାତା ଟିମ୍ ରନର୍ସଅପ୍ ହୋଇଛି। ରବିବାର ମାର୍ଶାଘାଇ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ବିଡିଓ ସୁବାଦାର ପ୍ରଧାନ, ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ଏବଂ ପ୍ରେସ କ୍ଲବ ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ଅକ୍ଷୟ ଜେନା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଖବରଦାତା ଟିମ୍‌ର ଅଧିନାୟକ ପ୍ଲାବନ ସ୍ୱାଇଁ, ଆଇନଜୀବୀ ଟିମ୍ ଅଧିନାୟକ ଦିନେଶ ରାଜ ସିଂ, ପ୍ରଶାସନ ଟିମ୍ ଅଧିନାୟକ ପ୍ରଶାନ୍ତ ଜେନା ଏବଂ ଆମ ପୋଲିସର ଅଧିନାୟକ ଶୁକାନ୍ତ ପାତ୍ର ନିଜ ଟିମ୍ ସହ ଅତିଥିଙ୍କୁ ପରିଚୟ କରିଥିଲେ। ପ୍ରଥମେ ଜିଲା ପ୍ରଶାସନ ଏବଂ ଆମ ପୋଲିସ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆମ ପୋଲିସ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଜିଲା ଓକିଲ ସଂଘ ଟିମ୍ ଏବଂ ଖବରଦାତା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ବିଜୟ ଲାଭ କରିଥିବା ଜିଲା ଖବରଦାତା ଟିମ ଏବଂ ପ୍ରଥମ ମ୍ୟାଚର ବିଜେତା ଆମ ପୋଲିସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପୋଲିସ ଟିମ ୧୨ ଓଭରରେ ୪ ଉଇକେଟ୍ ହରାଇ ୧୫୬ ରନ୍ କରିଥିଲା। ଖବରଦାତା ଟିମ୍ ୧୨ ଓଭରରେ ୩ ଉଇକେଟରେ ୧୨୯ ରନ୍ ସଂଗ୍ରହ କରିଥିଲା। ସ୍କୋରର ଭାବେ ଖବରଦାତା ଉମାକାନ୍ତ ନାୟକ, ବିଶାଳ ସ୍ୱାଇଁ, ଘୋଷକ ଭାବେ ଖବରଦାତା ବିଚିତ୍ରାନନ୍ଦ ବେହେରା ଦାୟିତ୍ୱ ନିର୍ବାହ କରିଥିଲା ବେଳେ ଅମ୍ପାୟାର ରବିନାରାୟଣ ରଥ, କେଶବ ରଥ ଏବଂ ମ୍ୟାଚ ରେଫରି ଭାବେ କ୍ରୀଡା ଶିକ୍ଷକ ଭ୍ରମରବର ନାୟକ ଖେଳ ପରିଚାଳନା କରିଥିଲେ। ମାର୍ଶାଘାଇ ପ୍ରେସ କ୍ଲବ ସଭାପତି ମାଧବ ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ସମ୍ମାନିତ ଅତିଥି ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲାପାଳ ଦାଶରଥୀ ଶତପଥୀ, ବିଡିଓ ସୁବାଦାର ପ୍ରଧାନ, କଲେଜ ଅଧକ୍ଷା କ୍ରିଷ୍ଟା ଆଚାର୍ଯ୍ୟ, ପ୍ରାଧାପକ ଅମୀୟ ଜେନା, ପ୍ରେସ କ୍ଲବ ମୁଖ୍ୟ ଉପଦେଷ୍ଟା ଅକ୍ଷୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପାଲା ମାଧ୍ୟମରେ କାଳିଆ ସଚେତନତା

ତିର୍ତ୍ତୋଲ, ୨୦।୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତରେ ରବିବାର କାଳିଆ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ପାଲା ମାଧ୍ୟମରେ ସଚେତନ କରାଯାଇଥିଲା। ପଞ୍ଚାୟତର ସରପଞ୍ଚ ବସନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ଏସସିଓ ବିଜୟ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ତୁଲଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ରଞ୍ଜିତା ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭ୍ୟ ମମତା ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ସଚିନ କୁମାର ରାଉତ, ନରେନ୍ଦ୍ର ମୁର୍ମୁ, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ନାୟକ, ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ବିଜୁ ଯୁବ ବାହିନୀ ସଭାପତି ଦେବାଶିଷ ସାହୁ, ସମ୍ପାଦକ ବିଭୂଦତ୍ତ ପଣ୍ଡା, ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କାଳିଆ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହିଅବସରରେ ଆମ ଘରେ ଏଲିଡି ଯୋଜନାରେ ରାଶନକାର୍ଡ ହିତାଧିକାରୀଙ୍କୁ ବଲ ପ୍ରଦାନ କରାଯାଇଥିଲା।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପାଠଚକ୍ର



ପାଠଚକ୍ରରେ ଯୋଗ ଦେଇଥିବା ଅତିଥି।

ନାଉଗାଁ, ୨୦।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ସାରେଇକୂଳ ବିଲିପଡ଼ାଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଚର୍ତୁ ବିଂଶତମ ପାଠଚକ୍ର ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରବୀନ୍ଦ୍ର ରାଉତ, ତାପସ ମହାପାତ୍ର, ସୁବାସ ମହାପାତ୍ର ଯୋଗଦେଇ ଶ୍ରୀମା ଅରବିନ୍ଦଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନସ୍ମିତା ବେହୁରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରଶ୍ମିତା ବେହୁରା ସ୍ୱାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ ସହେଯାଗ କରିଥିଲେ।

## ଆପେକ୍ସ ଆଙ୍ଗ୍ଲୋ-ଆରବିକ ସ୍କୁଲର ବାର୍ଷିକୋତ୍ସବ




ସ୍କୁଲ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡା ଅଫିସ, ୨୦।୧

ସହରର କୋର୍ଟଛକସ୍ଥିତ ଆପେକ୍ସଆଙ୍ଗ୍ଲୋ-ଆରବିକ ସ୍କୁଲର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ବିଦ୍ୟାଳୟ ସଭାପତି ସେକ୍ ଜାକିରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲାପାଳ ଦାଶରଥି ଶତପଥୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ସମୀର ସାମଲ, ବୁଦ୍ଧିଜୀବୀ ଦେବେନ୍ଦ୍ର ସୁଆର, ସାମାଜିକ କର୍ମୀ ସଲିମ ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର ଆବଶ୍ୟକତା ସହ ଗୁଣାତ୍ମକ ମାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ସମ୍ପାଦକ ଅବଦୁଲ ମାଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାକୁ ସେକ୍ ଆମିରୁଦ୍ଦିନ ପରିଚାଳନା କରିଥିଲେ। ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିଲେ।

## ଶିକ୍ଷକଙ୍କ ଆଶୀର୍ବାଦ ଭିକ୍ଷା କଲେ ପୁରାତନ ଛାତ୍ରୀଛାତ୍ର

ରଘୁନାଥପୁର,୨୦।୧(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ପାଟେଣୀ ଗାଁ ବର୍ତ୍ତୀସ୍ଥିତ ହରିକୃଷ୍ଣ ବିଦ୍ୟାପୀଠ ୧୯୯୭ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ, ସ୍କୁଲ ପରିସରରେ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ପୂର୍ବତନ ଶିକ୍ଷକ ଅଭୟ କୁମାର ପରିଡା, ଗୋପବନ୍ଧୁ ମିଶ୍ର, ଲଛମନ ଭୂୟାଁ, ପ୍ରଶାନ୍ତ କୁମାର ଦାସ, ବୈରାଗୀ ଚରଣ ସାହୁ, ଗୋଲଖ ବିହାରୀ ରାଉତ ଓ ଅରିକ୍ଷୀତ ନାୟକଙ୍କୁ ଫୁଲଚନ୍ଦନ ଦେଇ ଆର୍ଶୀବାଦ ଭୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଯଜ୍ଞଜା ପଢିଆରୀ ନିଜର ଅନୁଭୂତି ପ୍ରକାଶ କରି ଗୁରୁଙ୍କ ଆର୍ଶୀବାଦ ବିନା ଜୀବନ ନିରର୍ଥକ ବୋଲି କହିଥିଲେ। ସେହିପରି ପୁରାତନ ଛାତ୍ର ସନ୍ତୋଷ ସ୍ୱାଇଁ, ଭଞ୍ଜକିଶୋର ବେହେରା, ରଶ୍ମି ରଞ୍ଜନ ଲେଙ୍କା ଓ ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, ଇଲାବନ୍ତ ନାୟକ, ଝୁନୁପ୍ରିୟା ରାଉତ, ନରେନ୍ଦ୍ର ସ୍ୱାଇଁ ଓ ପରିକ୍ଷୀତ ପଣ୍ଡା ଯୋଗ ଦେଇଥିଲେ। ସେମାନେ କହିଥିଲେ ବନ୍ଧୁମିଳନ କେବଳ ହସଖୁସିରେ ସୀମିତ ନ ରହି ସମାଜରେ ସଂସ୍କାରମୂଳକ କାର୍ଯ୍ୟ, ଶିକ୍ଷା, ବିଦ୍ୟାଳୟ ଉନ୍ନତିକରଣ, ପ୍ଲାଷ୍ଟିକ୍ ମୁକ୍ତ ସମାଜ ଓ ବିଶେଷ କରି ନାବାଳିକା ଅତ୍ୟାଚାର ଭଳି ସଙ୍ଗୀନ ଅପରାଧ ପ୍ରତି ସଚେତନତା ଧର୍ମୀ କାର୍ଯ୍ୟ କରିବା ଦରକାର।

■ ରେଢୁଆ ସିଏଚସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉପଲବ୍ଧ ପ୍ରସଙ୍ଗ

# ୬ ଦିନରେ ପହଞ୍ଚିଲା ଗଣଧାରଣା



ଗଣଧାରଣାରେ ସାମିଲ୍ ହୋଇଥିବା ଜନସାଧାରଣ।

ରଘୁନାଥପୁର,୨୦।୧(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆ ସିଏଚସିରେ ୨୪ ଘଣ୍ଟିଆ ଇଣ୍ଡୋର ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ନେଇ ଆଖପାଖ ୧୧ ପଞ୍ଚାୟତବାସୀଙ୍କ ପକ୍ଷରୁ ଜାରି ରହିଥିବା ଗଣଧାରଣାକୁ ୬ ଦିନ ପୂରିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆନ୍ତରିକତା ପ୍ରକାଶ ନ ପାଇବାରୁ ରବିବାର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ଧାରଣା ସ୍ଥଳରେ ଏକ ବୈଠକ ହୋଇଥିଲା। ଆଗାମୀ ଦିନରେ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଅଫିସ ଓ ବ୍ୟାଙ୍କକୁ ଅଚଳ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରଘୁନାଥ ସ୍ୱାଇଁ ଅଧକ୍ଷତା କରିଥିଲେ। ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣାଙ୍କ ପରିଚାଳନାରେ ସରପଞ୍ଚ ଜ୍ୟୋତିର୍ମୟୀ ଜେନା, ଛବିତା ମହାନ୍ତି, କାହ୍ନୁଚରଣ ରାଉତ, କୈଳାସ ମଲ୍ଲିକ, ଗୋପାଳ ବିଶ୍ୱାଳ ସରକାରଙ୍କ ଅପାରଗତାକୁ ଦାୟୀ କରିଥିଲେ। ଯେଉଁଠି ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟାର ସମାଧାନ କରିବାକୁ ସରକାର ନିଦ୍ରାରେ ରହିଛନ୍ତି, ତାଙ୍କଠାରୁ ଅନ୍ୟ କିଛି ଆଶା ରଖିବା ନିରର୍ଥକ ବୋଲି କହିଥିଲେ। ଗଣତାନ୍ତ୍ରିକ ଉପାୟରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ପାଇଁ ଅଗାମୀଦିନରେ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ସୌଭାଗ୍ୟ ସ୍ୱାଇଁ, ସୁଧୀର ପଣ୍ଡା, ମନୋରଞ୍ଜନ ସାହୁ , ଶୁଭକାନ୍ତ ଜେନା ପ୍ରମୁଖ ଚେତାଇ ଦେଇଛନ୍ତି। ନାର୍ଯ୍ୟ ଅଧିକାର ସାବ୍ୟସ୍ତ ପାଇଁ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଧାରଣାସ୍ଥଳକୁ ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରତିମା ମଲ୍ଲିକ, ରଘୁନାଥପୁର ଜୋନ-୨ କଂଗ୍ରେସ ସଭାପତି ସର୍ବେଶ୍ୱର ପଣ୍ଡା, ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇ ଆସି ନୈତିକ ସମର୍ଥନ ଜଣାଇଛନ୍ତି।

■ ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍

# ପାରାଦୀପକୁ ହରାଇ ହିନ୍ଦୁସ୍ଥାନ ସ୍ପୋର୍ଟିଂ ସେମିରେ

ଜଗତ୍‌ସିଂହପୁର ଅଫିସ, ୨୦।୧



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ରବିବାର ସ୍ଥାନୀୟ ପୁନଙ୍ଗସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନିଲ ମେମୋରିଆଲ ଗୋଲଡେନ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ସ୍ପୋର୍ଟିଂକୁ ୨ ୱିକେଟ୍‌ରେ ହରାଇ ଜଗତ୍‌ସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଟସ୍ ଜିତି ପାରାଦୀପ ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପାରାଦୀପ ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ବିନିମୟରେ ୧୫୩ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ସେନାପତି ସର୍ବାଧିକ ୪୬ ରନ୍ ସଂଗ୍ରହ କରିଥିଲେ। ଅପରପକ୍ଷରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ପକ୍ଷରୁ ସୋହେବ, ସୁପ୍ରଭାତ ଓ ଅଙ୍କିତ ପ୍ରତ୍ୟେକ ୧ଟି ଲେଖାଏଁ ଉଇକେଟ୍ ନେଇଥିଲେ। ୧୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହିନ୍ଦୁସ୍ଥାନ ସ୍ପୋର୍ଟିଂ ବ୍ୟାଟିଂ କରିଥିଲା। ଏହି ଦଳ ୧୯.୪ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିପାରିଥିଲା। ଦଳ ପକ୍ଷରୁ ସ୍ୱୟଂ ସମ୍ବିତ ୨୨ ଓ ଅଙ୍କିତ ପାତ୍ର ୨୧ ରନ୍ ସଂଗ୍ରହ କରିଥିଲେ। ପାରାଦୀପ ସ୍ପୋର୍ଟିଂ ପକ୍ଷରୁ ନିହାର ହାତୀ ଓ ସାର୍ଥକ ପରିଡ଼ା ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚ ପୂର୍ବରୁ ଅତିଥିଭାବେ ପୂର୍ବତନ ସରପଞ୍ଚ ବ୍ରଜେନ ଚକ୍ରବର୍ତ୍ତୀ ଓ ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ସାନ୍ଧ୍ୟକାଳୀନ ଅତିଥି ଭାବେ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘର ପୂର୍ବତନ ଖେଳାଳୀ ଦୁର୍ଗାପ୍ରସାଦ ମହାପାତ୍ର, ତ୍ରିଲୋଚନ ସାହୁ ଓ ସଂଘର କୋଷାଧ୍ୟକ୍ଷ ସମୀର ଭଟ୍ଟାଚାର୍ଯ୍ୟ ଯୋଗଦେଇ ହିନ୍ଦୁସ୍ଥାନ ସ୍ପୋର୍ଟିଂର ଅଙ୍କିତ ପାତ୍ରଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅଶୋକ ଦାସ ଓ ସୁମିତ ବେହେରା ପରିଚାଳନା କରିଥିଲେ। ମ୍ୟାଚ୍ ପରିଚାଳନାରେ ସ୍ୱସ୍ତିକ ଷଡ଼ଙ୍ଗୀ ଓ ରଞ୍ଜୀତ ରଣା ସହାୟତା କରିଥିଲେ। ସୋମବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଟକର ବିଶ୍ୱଭାରତୀ ଓ ଆୟୋଜକ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ମଧ୍ୟରେ ମୁକାବିଲା ହେବ।


ମେଳାରେ ପଡ଼ିଥିବା ଦୋଳି।


ଯତୀନ ଦାସଙ୍କ ଦ୍ୱାରା ନିର୍ମିତ ଶ୍ରୀଗଣେଶଙ୍କ ବାଲୁକା କଳାକୃତି।


ବାଉଁଶ ପାତିଆରେ ନିର୍ମିତ ସାମଗ୍ରୀ ମେଳାରେ ବିକ୍ରି ହେଉଛି।

# ବରୁଣେଶ୍ୱର ପଡ଼ିଆ ଜନସମୁଦ୍ର

ବିଞ୍ଝାରପୁର,୨୦।୧(ଡି.ଏନ.ଏ)

ପ୍ରସିଦ୍ଧ ବରୁଣେଶ୍ୱର ମେଳା ରବିବାର ସପ୍ତମ ଦିନରେ ପହଞ୍ଚିଛି। ରବିବାର ଛୁଟିଦିନ ଥିବାରୁ ମେଳା ପଡିଆରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହୋଇଥିଲା। ଯାଜପୁର ଜିଲାର ସମସ୍ତ ରାସ୍ତା ବରୁଣେଶ୍ୱର ମେଳା ପଡ଼ିଆକୁ ଯିବା ଭଳି ଲାଗୁଥିଲା। ମଇଁଦାରୁ ମେଳା ପଡିଆ, ଜଇରାମପୁର, ଚିକଣା ଓ ଅରେଇ ଛକରୁ ମେଳା ପଡିଆକୁ ଯାଇଥିବା ରାସ୍ତାରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା। ଏହି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ରବିବାର ଛୁଟି ଦିନ ଥିବାରୁ ଏହି ମେଳା ବୁଲିବାରୁ ନିଜକୁ ବଞ୍ଚିତ କରି ନ ଥିଲେ ଲୋକେ। ବିଶେଷ କରି ଯୁବବର୍ଗ ଓ ମହିଳା ଅଧିକ ସଂଖ୍ୟାରେ ପଡ଼ିଆକୁ ଆସିଥିଲେ। ମେଳା ସରିବାକୁ ଆଉ ମାତ୍ର ୨ଦିନ ବାକିଥିବା ବେଳେ ମହିଳାମାନେ ଘରକରଣା ସାମଗ୍ରୀ କିଣିବାରେ ବ୍ୟସ୍ତ ଥିବାବେଳେ ଯୁବପୀଢ଼ି ଫାଷ୍ଟଫୁଡ୍ ଓ ସେଲ୍ଫିର ଆନନ୍ଦ ନେଇଥିଲେ। ମେଳାର ଭିଡ଼ ଯୋଗୁ ଗୋଟିଏ ପଟରୁ ଅନ୍ୟ ପଟକୁ ଯିବା ପାଇଁ ଘଣ୍ଟାଘଣ୍ଟା ଲାଗୁଥିଲା। ଲକ୍ଷାଧିକ ଯାତ୍ରୀଙ୍କ ଭିଡ ଯୋଗୁ କେତେଜଣ ଶିଶୁ ଓ ମହିଳା ପରିବାରରୁ ଅଲଗା ହୋଇଯାଇଥିଲେ। ତେବେ ପୋଲିସର ଉଦ୍ୟମ ଯୋଗୁ ଉଦ୍ଧାର ହୋଇଥିବା ଶିଶୁ ଓ ମହିଳା ସେମାନଙ୍କ ପରିବାର ନିକଟରେ ପହଞ୍ଚି ପାରିଥିଲେ। ସେହିପରି ଅତ୍ୟଧିକ ଭିଡ ଯୋଗୁ ବହୁ ଯାତ୍ରୀ ମୋବାଇଲ ଓ ପର୍ସ ହଜାଇ ଦେଇଥିଲେ। ଅରେଇ ସରପଞ୍ଚ ୫ଟି ମୋବାଇଲ ଓ ୨ଟି ପର୍ସ ପାଇ ସମ୍ପୃକ୍ତ ମାଲିକଙ୍କୁ ଫେରାଇ ଦେଇଥିବା ଜଣାପଡିଛି।

ରବିବାର ମେଳାର ପ୍ରମୁଖ ଆକର୍ଷଣ ଥିଲା ଶିଳ୍ପୀ ଯତୀନ ଦାସଙ୍କ ବାଲୁକା କଳା । ଆଳି ଧାନମଣ୍ଡଳ ଅଞ୍ଚଳର ଯତୀନ ମେଳା ପଡିଆରେ ବିନାୟକ ଶ୍ରୀଗଣେଶଙ୍କ ବାଲୁକା ବେଶ ଆକର୍ଷଣୀୟ ହୋଇଥିଲା। ଯାତ୍ରୀ ତଥା ଯୁବବର୍ଗର ଶ୍ରଦ୍ଧାଳୁ ଏହି ବାଲୁକା କଳାକୁ ପସନ୍ଦ କରିବା ସହ ସେଲ୍ଫି ଉଠାଉଥିବା ଦେଖିବାକୁ ମିଳିଥିଲା।

## ବ୍ୟବସାୟୀଙ୍କ ଜମିଲା ବେପାର

ସପ୍ତମ ଦିନ ମେଳାରେ ଲକ୍ଷାଧିକ ଯାତ୍ରୀଙ୍କ ଭିଡ଼ ଯୋଗୁ ବ୍ୟବସାୟୀଙ୍କ ବେପାର ବେଶ୍ ଜମିଛି। ରବିବାର ଦିନ ତମାମ ବ୍ୟବସାୟୀଙ୍କ ହାତ ବନ୍ଦ ନ ଥିଲା। ଛୋଟରୁ ଆରମ୍ଭ କରି ସମସ୍ତ ବଡ ବଡ ବ୍ୟବସାୟୀ ସମସ୍ତେ ବେଶ୍ ଖୁସିଥିଲେ। ମେଳାର ପ୍ରାରମ୍ଭରେ ଯାତ୍ରୀ ମରୁଡି ଦେଖି ବ୍ୟବସାୟୀ ମାନେ ବିଚଳିତ ହୋଇପଡ଼ିଥିଲେ। ତେବେ ଶୁକ୍ରବାରଠାରୁ ଯାତ୍ରୀଙ୍କ ସଂଖ୍ୟା ବଢିବା ଆରମ୍ଭ ହୋଇଥିଲା। ଫଳରେ ଏବେ ବ୍ୟବସାୟୀମାନେ ମାଲାମାଲ ହେଉଥିବା ଦେଖିବାକୁ ମିଳିଛି। ମେଳାର ଅଷ୍ଟମ ଦିନ ସୋମବାର ଥିବାରୁ ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ହଜାର ହଜାର ଯାତ୍ରୀଙ୍କ ଆସିବାର ସମ୍ଭବନା ରହିଛି । ମେଳା ସରି ସରି ଆସୁଥିବା ବେଳେ ଯାତ୍ରୀଙ୍କ ସଂଖ୍ୟା ବେଳକୁ ବେଳ ବଢିବାରେ ଲାଗିଛି।

## ମେଳାକୁ କରୁଛନ୍ତି ଶୃଙ୍ଖଳିତ ପରିଚାଳନା

ବରୁଣେଶ୍ୱର ମେଳା କେବଳ ଯାଜପୁର ନୁହେଁ ସମଗ୍ର ଓଡିଶାରେ ବେଶ ପରିଚିତ ହୋଇଛି। ଏହା କେବଳ ଆୟୋଜକଙ୍କ ଶୃଙ୍ଖଳିତ ପରିଚାଳନା ପାଇଁ ହୋଇପାରିଛି। ପୂର୍ବରୁ ପଲ୍ଲୀମେଳା ଭାବେ ପରିଚିତ ଏହି ବରୁଣେଶ୍ୱର ମେଳା ଏବେ ମହାମେଳାରେ ପରିଣତ ହୋଇଛି। ତେବେ ଏହାର ସଫଳତା ଯେଉଁ କେତେଜଣ ବ୍ୟକ୍ତିଙ୍କ ପରିଶ୍ରମରୁ ମିଳିଛି ସେମାନଙ୍କ ମଧ୍ୟରେ ରବୀନ୍ଦ୍ର ପରିଡା ଅନ୍ୟତମ ହୋଇ ରହିଛନ୍ତି। ରବୀନ୍ଦ୍ର ସ୍ଥାନୀୟ ବରୁଣେଶ୍ୱର ମହାବିଦ୍ୟାଳୟର ଗ୍ରାନ୍ଥଗାରିକ ଥିଲେ ମଧ୍ୟ ଏହି ଅଞ୍ଚଳରେ ତାଙ୍କର ଖୁବ୍ ପତିଆରା ରହିଥିବା ଦେଖିବାକୁ ମିଳିଛି। ସାହିତ୍ୟ ଅନୁଷ୍ଠାନଠାରୁ ଆରମ୍ଭ କରି ସାଂସ୍କୃତିକ, ସାମାଜିକ, ଖେଳ ଓ ପରିବେଶ ଆଦି ସମସ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ରଙ୍କ ପ୍ରଭାବ ରହିଥାଏ। ବରୁଣେଶ୍ୱର ମେଳାର ପ୍ରସ୍ତୁତି ବୈଠକରୁ ଆରମ୍ଭ କରି ବାବା ବରୁଣେଶ୍ୱରଙ୍କ ପୂଜାର୍ଚ୍ଚନା, ରୁଦ୍ରାଭିଷେକ, ବରୁଣେଶ୍ୱର ମହୋତ୍ସବ, ଅପେରା ଦଳ ଆଦି ସମସ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ରଙ୍କ ଶୃଙ୍ଖଳିତ ପରିଚାଳନା ମେଳାକୁ ସଫଳ କରୁଥିବା କୁହାଯାଏ।



## ଯାତ୍ରା ପାସ୍ ପାଇଁ ବ୍ୟାକୁଳ



ବରୁଣେଶ୍ୱର ମେଳା ସମ୍ପର୍କରେ କୁହାଯାଏ ଦିନରେ ଯେତେ, ରାତିରେ ସେତେ। ଏହାର ଅର୍ଥ ମେଳାରେ ଦିନରେ ଯେତିକି ଯାତ୍ରୀ ହୁଅନ୍ତି, ରାତିରେ ମଧ୍ୟ ସେତିକି ଲୋକ ହୁଅନ୍ତି। ଏହାର କାରଣ ହେଉଛି ମେଳା ପଡିଆରେ ପ୍ରଦର୍ଶିତ ହେଉଥିବା ଯାତ୍ରା ପାର୍ଟି। ବରୁଣେଶ୍ୱର ମେଳା ପଡିଆରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକାଥରକେ ୫ଟି ଯାତ୍ରାପାର୍ଟି ସେମାନଙ୍କ ଅପେରା ପ୍ରଦର୍ଶନ କରିଥାନ୍ତି। ଗୋଟିଏ ଯାତ୍ରା ଦେଖିବାକୁ ୫ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଆସିଥାନ୍ତି। ଏମତି ୫ଟି ପାର୍ଟିରେ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମେଳା ପଡିଆରେ ଅପେରା ଉପଭୋଗ କରିଥାନ୍ତି। ତେବେ ଯାତ୍ରା ପାସ୍‌କୁ ନେଇ ଯାତ୍ରାପ୍ରେମୀଙ୍କ ମଧ୍ୟରେ ବ୍ୟାକୁଳତା ଦେଖାଦେଇଛି। ଆୟୋଜକମାନେ ଯାତ୍ରା ପାସ୍ ପାଇଁ କେତେଗୁଡ଼ିଏ ନିୟମ କରିଛନ୍ତି। ଯେପରିକି ନେତା, ଜିଲା ପ୍ରଶାସନ, ପୋଲିସ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗଣମାଧ୍ୟମ, ବ୍ଲକ ପ୍ରଶାସନ, ଅଗ୍ନିଶମ ବିଭାଗ, ତହସିଲ କାର୍ଯ୍ୟାଳୟ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପାସ୍‌ର କୋଟା ଥାଏ। ତେବେ ମାଗଣାରେ ଯାତ୍ରା ଦେଖିବା ପାଇଁ କେତେଜଣ ପାସ ପାଇଁ ଏହି ଅଧିକାରୀଙ୍କୁ ଅନୁରୋଧ କରୁଥିବା ଜଣାପଡିଛି। ଯାତ୍ରା ପ୍ରେମୀମାନେ ସନ୍ଧ୍ୟା ହେବାମାତ୍ରେ ପାସ୍‌ଧାରୀଙ୍କ ପଛରେ ପଡିଯାଇଥାନ୍ତି । ତେବେ ଚଳିତ ବର୍ଷ କମ୍ ପାସ୍ ଦେବାକୁ ଯାତ୍ରା କମିଟି ନିଷ୍ପତ୍ତି ନେଇଥିବା ଶୁଣିବାକୁ ମିଳୁଛି। ଫଳରେ ପାସପ୍ରେମୀ ହତାଶ ହୋଇପଡ଼ିଛନ୍ତି।

# ସରକାରୀ ଯୋଜନା ସମ୍ପର୍କିତ ପରାମର୍ଶ ମେଳା

ରସୁଲପୁର,୨୦।୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତରେ ସରକାରୀ ଯୋଜନା ସମ୍ପର୍କିତ ପରାମର୍ଶ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମେଳାକୁ ଯାଜପୁର ଏମ୍‌ପି ରୀତା ତରାଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଆରତୀ ପହି ମେଳାରେ ଅଧକ୍ଷତା କରିଥିଲେ। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ୪୨ଟି ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କୃଷକଙ୍କ ଉନ୍ନତି ଦିଗରେ କାଳିଆ ଯୋଜନା ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରଦୀପ୍ତ କୁମାର ନାୟକ, ଯୁବନେତା ପ୍ରକାଶ ସାମଲ, ଅରୁଣ ରାଉତ, ସାମାଜିକ କର୍ମୀ ଅନନ୍ତ କିଶୋର ସ୍ୱାଇଁ, ଧନେଶ୍ୱର ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, କାମଦେବ ରାଉତ, ଅଭିନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ୪୬ଟି ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ସେମାନଙ୍କ ଜମାଖାତାକୁ ୧୫ହଜାର ଟଙ୍କା ମୂଳଧନ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମେଳାରେ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରି ସରକାରୀ ଯୋଜନା ସମ୍ପର୍କରେ ଅଧିକାରୀଙ୍କ ସହ ପରାମର୍ଶ କରିଥିଲେ। ଏଥିସହ ବିଭିନ୍ନ ଯୋଜନା ପାଇଁ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ଯୋଜନା ପାଇଁ ୨ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ନାମ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରସୁଲପୁର,୨୦।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଶୁକ୍ରବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର ଶିଶୁ ଓ ଯୁବ ପ୍ରତିଭାଙ୍କ ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲା ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ଦଶରଥ ପୃଷ୍ଟି, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ରେଣୁ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମିତି ସଭ୍ୟା ଉମାରାଣୀ ମହାଳିକ, ଚିତ୍ତରଞ୍ଜନ ଭୂୟାଁ, ସନ୍ତୋଷ ମିଶ୍ର, ମଧୁସ୍ମିତା ଜେନା, ମଞ୍ଜୁଲତା ମିଶ୍ର, ଅନନ୍ତ ମହାଳିକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚିନ୍ମୟ ପୃଷ୍ଟି ନୃତ୍ୟ ପରିବେଷଣ କରି ପଞ୍ଚାୟତର ମୁଁ ହିରୋ ଭାବେ ପୁରସ୍କୃତ ହୋଇଥିଲେ। ସରପଞ୍ଚ ସେଠୀ ପଞ୍ଚାୟତର ଏଲଇଡି ବଲ୍‌ବ ଯୋଜନାର ଶୁଭାରମ୍ଭ କରିଥିଲେ। ରାଶନ କାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏ ବଲବ୍ ମାଗଣାରେ ପ୍ରଦାନ କରାଯାଇଥିଲା।

# ୩୧୬ ଏସ୍‌ଏଚ୍‌ଜିକୁ ପ୍ରୋତ୍ସାହନ ରାଶି ପ୍ରଦାନ

ବିରଜାକ୍ଷେତ୍ର,୨୦।୧(ଡି.ଏନ୍.ଏ)

ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତରେ ପଞ୍ଚାୟତର ପିଠା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତବାସୀ ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ସେମାନଙ୍କ ଲକ୍ଷ୍ୟ ପୂରଣ ପାଇଁ ଯାହା ମାଗିଥିଲେ ତାହା ପୂରଣ ହୋଇଥିବାରୁ ରାଜ୍ୟ ସରକାରଙ୍କ ପିଠା ଯୋଜନା ମେଳାରେ ପରିଣତ ହୋଇଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଣବ ପ୍ରକାଶ ଯୋଗଦେଇ ମହିଳାଙ୍କର ଉନ୍ନତି ହେଲେ ଜାତିର ସମ୍ମାନ ବଢ଼ିବ ବୋଲି କହିବା ସହ କାଳିଆ, ସୁନେତ୍ର, ଆମ ଏଲଇଡି ବଲବ୍ ଯୋଜନା, ମହିଳା ସଶକ୍ତିକରଣ ବ୍ୟବସ୍ଥାରେ ମହିଳାଙ୍କୁ ଆର୍ଥିକ ନିର୍ଭରଶୀଳ କରାଇବା ସହ ଚାଷୀ ଓ ଚାଷର ଉନ୍ନତି କରାଯାଉଛି ବୋଲି କହିଥିଲେ। କଟକ ସମବାୟ କେନ୍ଦ୍ରର ନିର୍ଦ୍ଦେଶକ ଗୋକୁଳି ରାଉତଙ୍କ ସଭାପତିତ୍ୱରେ ଯାଜପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ସିଡିପିଓ, ସମିତି ସଭ୍ୟ ବାବାଜୀ ଚରଣ ଜେନା ଓ ସରପଞ୍ଚ ଜୟନ୍ତୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପାଲା ଓ ନୃତ୍ୟ ମାଧ୍ୟମରେ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଥିଲା । ଜିଲା ବିଜେଡ଼ି ଉପସଭାପତି ପ୍ରକାଶ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ପହି, ସୁରିଆ ଧଳ, ସୁରିଆ ପ୍ରଧାନ, ଦୀପକ ରାଉତ, ଯଯାତି ରାଉତ ଓ ପଞ୍ଚାୟତର ବିଜୁ ଯୁବ ବାହିନୀ ଏହି କାର୍ଯ୍ୟକ୍ରମ ସଫଳ ପାଇଁ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୩୧୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଥିଲା।


ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ସିଂହପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରମାମଣୀ ସାହୁ
ସରପଞ୍ଚ, ସିଂହପୁର ଗ୍ରା.ପ., ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଉମାକାନ୍ତ ମଲ୍ଲିକ
ବରିଷ୍ଠ ବିଜେଡି ନେତା, କପିଳା, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ଜରୀ ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ସ୍ୱପ୍ନାମଞ୍ଜରୀ ଲେଙ୍କା
ସରପଞ୍ଚ, ଜରୀ ଗ୍ରା.ପ., ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ କଲ୍ୟାଣପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଶଙ୍କର୍ଷଣ ବାରିକ
ଯୁବ ସଂଗଠକ ବିଜେଡି, କଲ୍ୟାଣପୁର ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ହଳଦୀଡିହ ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
କ୍ଷୀରୋଦ କୁମାର ମଲ୍ଲିକ
ସମିତି ସଭ୍ୟ, ହଳଦୀଡିହ ଗ୍ରା.ପ., ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଅହଲ୍ୟା ସ୍ୱାଇଁ
ସଭାନେତ୍ରୀ,
ବ୍ଲକ ମହିଳା ବିଜୁ ଜନତା ଦଳ, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଗଣିନାଥ ନାୟକ
ବରିଷ୍ଠ ବିଜେଡି ନେତା, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ପ୍ରୀତିପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଝୁନୁଲତା ବେହେରା
ସରପଞ୍ଚ, ପ୍ରୀତିପୁର ଗ୍ରା.ପ., ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ଘଣ୍ଟିଆଳି ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ମିଳି ଜେନା
ସରପଞ୍ଚ, ଘଣ୍ଟିଆଳି ଗ୍ରା.ପ., ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଓ ନୂଆବର୍ଷ ଅବସରରେ ସୟଦପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ସ୍ନେହଲତା କାଣ୍ଡି
ସରପଞ୍ଚ, ସୟଦପୁର ଗ୍ରା.ପ., ବିଞ୍ଝାରପୁର

## ସଂକ୍ଷେପରେ

ଆଜି ମହାପ୍ରଭୁଙ୍କ ସୁନାବେଶ

### ଶ୍ରୀନଅରରେ ଗଜପତିଙ୍କ ହେବ ପୁଷ୍ୟାଭିଷେକ

**ପୁରୀ ଅଫିସ,୨୦।୧:** ସୋମବାର ପବିତ୍ର ପୌଷ ପୂର୍ଣ୍ଣମୀରେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ଅନୁଷ୍ଠିତ ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ହଜାର ହଜାର ଭକ୍ତ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିବେ। ସକାଳ ଧୂପ ସରି ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କମାନଙ୍କୁ ସୁନାବେଶରେ ବିଭୂଷିତ କରାଯିବ। ସେହିପରି ଶ୍ରୀନଅରରେ ମଧ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ। ସାଧାରଣତଃ ଅଧିକାଂଶ ବର୍ଷ ପ୍ରଥମେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ସମ୍ପନ୍ନ ହେବା ପରଦିନ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଗୋଟିଏ ଦିନରେ ଦେବାଭିଷେକ ଏବଂ ପୁଷ୍ୟାଭିଷେକ ପଡିଛି। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୌଷ ପୂର୍ଣ୍ଣିମା ଦିନ ସକାଳ ଧୂପ ପରେ ୧୦୮ ଗରା ଘିଅ ମିଶ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଏ। ଏହାପରେ ଶ୍ରୀବିଗ୍ରହମାନଙ୍କ ଅତ୍ୟନ୍ତ ଚିତ୍ତାକର୍ଷକ ସୁନାବେଶ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ।

### ସୁଲତା, କସ୍ତୁରୀ ବିଜେଡି ମୁଖପାତ୍ର ନିଯୁକ୍ତ

ନନ୍ଦଲାଲ ଅପ୍ରବାସୀ ସାମ୍ମୁଖ୍ୟ ଆବାହକ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଦୁଇଜଣ ମହିଳା ନେତ୍ରୀଙ୍କୁ ମୁଖପାତ୍ର ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ଏହି ଦୁଇ ଜଣ ହେଉଛନ୍ତି ସୁଲତା ଦେଓ ଏବଂ କସ୍ତୁରୀ ମହାପାତ୍ର। ସୁଲତା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଏବଂ କସ୍ତୁରୀ ଉପଦେଷ୍ଟା ଭାବେ ପୂର୍ବରୁ କାର୍ଯ୍ୟ କରିଆସୁଛନ୍ତି। ସେହିପରି ବିଜେଡିର ଅପ୍ରବାସୀ ସାମ୍ମୁଖ୍ୟର ଆବାହକ ଭାବେ ନନ୍ଦଲାଲ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉପରୋକ୍ତ ନିଯୁକ୍ତି କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବହିଷ୍କାର ପରେ ବର୍ଷିଲେ ଶ୍ରୀକାନ୍ତ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

- ନିରଞ୍ଜନଙ୍କୁ କହିଲେ ଖଣି ଲୁଟେରା, ଲାଞ୍ଚୁଆ
- ନବୀନ-ରାହୁଲଙ୍କ ମଧ୍ୟରେ ସମ୍ପର୍କ ରହିଛି
- ପଟ୍ଟନାୟକ ପରିବାର ବିରୋଧରେ ସାରା ରାଜ୍ୟରେ ପ୍ରଚାର କରିବି
- ଶ୍ରୀକାନ୍ତଙ୍କ ଅଭିଯୋଗକୁ ନିରଞ୍ଜନଙ୍କ ଖଣ୍ଡନ



କଂଗ୍ରେସରୁ ବହିଷ୍କାର ହେବା ପରେ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ରାଜଧାନୀରେ ନିଜ ବାସଭବନରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏମିତିକି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ହାଇକୋର୍ଟ ଦ୍ୱାରା ଆଖ୍ୟାୟିତ ଅଭ୍ୟାସଗତ ଲାଞ୍ଚଦାତା କହିବାକୁ ସେ ପଛାଇ ନାହାନ୍ତି। ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରିଥିବା ପଟ୍ଟନାୟକ ପରିବାର ସହ ରାହୁଲ ଗାନ୍ଧୀ ରହିବାକୁ ସ୍ଥିର କରିଛନ୍ତି, ତେଣୁ ପ୍ରଦେଶ କଂଗ୍ରେସରେ ତାଙ୍କର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ପଟ୍ଟନାୟକ ପରିବାରର କଳଙ୍କିତ ଅଧ୍ୟାୟର ମୁଖା ଖୋଲିବା ସହ ରାଜ୍ୟ ସାରା ବୁଲି ସଭା କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି।

୨୦୧୮ ଡିସେମ୍ବର ୬ରେ ଶ୍ରୀକାନ୍ତଙ୍କୁ ପିସିସି ଇସ୍ତାହାର କମିଟିରୁ ବରଖାସ୍ତ କରାଯାଇଥିଲା। ଏହାର ୩ ଦିନ ପରେ ନିଜ ପକ୍ଷ ରଖି ରାହୁଲଙ୍କୁ ଲେଖିଥିବା ଚିଠିକୁ ସେ ସାର୍ବଜନୀନ କରିଛନ୍ତି। ଉକ୍ତ ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି ଯେ, ବିଜେଡି ସରକାର ସମୟରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଖଣି ଦୁର୍ନୀତି ହୋଇଛି। ଏହି ଦୁର୍ନୀତି ରାଫାଲ ଦୁର୍ନୀତିଠାରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଦେଶ କଂଗ୍ରେସ ବେଆଇନ ଖଣି ଦୁର୍ନୀତି କରିଥିବା ମାଲିକମାନଙ୍କ ବିରୋଧରେ ଚାର୍ଜଶିଟ୍ ପ୍ରସ୍ତୁତ କରିବା ସହ ଲଢ଼େଇ କରୁ ବୋଲି ସେ ମତ ଦେଇଥିଲେ। ହେଲେ ଏହାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଜିତେନ୍ଦ୍ର ସିଂ ଗୁରୁତ୍ୱ ଦେଇ ନାହାନ୍ତି। ସେହିପରି କେବଳ ଗତବର୍ଷ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରିବାର ୨୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବେଆଇନ ଖଣି କାରବାର କରିଛନ୍ତି। ୧୯୮୫ରେ ଅଦାଲତରେ ଦାଖଲ କରିଥିବା ଏକ ସତ୍ୟପାଠରେ ନିଜର ଖଣି ବ୍ୟବସାୟ ପାଇଁ ନିରଞ୍ଜନ କିଛି ବ୍ୟକ୍ତିବିଶେଷଙ୍କୁ ଲାଞ୍ଚ ଦେଇ ଆସୁଥିବା ଉଲ୍ଲେଖ କରିଥିଲେ। ତେଣୁ ନିରଞ୍ଜନଙ୍କୁ ଜଣେ ଅଭ୍ୟାସଗତ ଲାଞ୍ଚଦାତା ବୋଲି ଅଦାଲତ ଅଭିହିତ କରିଥିଲା। ଯେଉଁ କଂଗ୍ରେସ ଦଳରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ଗୋପବନ୍ଧୁ ଦାସ ପ୍ରମୁଖ ଜାତୀୟ ତଥା ରାଜ୍ୟସ୍ତରରେ ନେତୃତ୍ୱ ନେଇଛନ୍ତି, ସେ ଦଳରେ ଲାଞ୍ଚଦାତାଙ୍କୁ ପିସିସି ସଭାପତି କରାଯିବା ଦୁର୍ଭାଗ୍ୟଜନକ। କର୍ଣ୍ଣାଟକ ବେଲାରୀ ରେଡ୍ଡି ବ୍ରଦର୍ସ ଉପାଖ୍ୟାନ ଭଳି ଓଡ଼ିଶାରେ ପଟ୍ଟନାୟକ ଭାଇମାନଙ୍କ କାରନାମା, କିନ୍ତୁ ଏହାକୁ ପ୍ରଭାରୀ ଜିତେନ୍ଦ୍ର ଅଣଦେଖା କରିଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ରାଜ୍ୟକୁ ଦୁଇ ପଟ୍ଟନାୟକ ପରିବାର ମଧ୍ୟରୁ ବିଜୁ ପଟ୍ଟନାୟକ(୭ ବର୍ଷ), ଜାନକୀ ପଟ୍ଟନାୟକ(୧୪ବର୍ଷ) ଏବଂ ନବୀନ ପଟ୍ଟନାୟକ(୧୯ବର୍ଷ) ପ୍ରାୟ ୪୦ ବର୍ଷ ଶାସନ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ପ୍ରଭାରୀ ଓ ସଭାପତି କଂଗ୍ରେସର ସାମାଜିକ ନ୍ୟାୟ ଆଦର୍ଶକୁ କୋଣଠେସା କରିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ନବୀନ ପଟ୍ଟନାୟକ କଂଗ୍ରେସ ରାଜନୀତିକୁ ନିରଞ୍ଜନଙ୍କ ଭାଇ ତଥା ବିଜେଡି ରାଜ୍ୟ ସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଭାବିତ କରୁଛନ୍ତି। ତେଣୁ କଂଗ୍ରେସ ରାଜ୍ୟରେ ବିଜେଡିର ବି ଟିମ୍ ହୋଇଯାଇଛି। ଯଦି ଏଥିରେ ପରିବର୍ତ୍ତନ ନ କରାଯାଏ, ତେବେ ଭାଜପାକୁ ଫାଇଦା ହେବ ବୋଲି ଶ୍ରୀକାନ୍ତ ରାହୁଲଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିବା କହିଛନ୍ତି। ରାହୁଲ-ନବୀନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଛି, କିଛି ଖଣିମାଫିଆ ଏହାର ସୂତ୍ରଧର। ଏପରିକି ଆସନ୍ତା ୨୫ରେ ରାହୁଲଙ୍କ ଓଡ଼ିଶା ଗସ୍ତ ସମୟରେ ସେ ଏମିତି କିଛି ତଥ୍ୟ ଦେବେ, ଯାହାଦ୍ୱାରା ସାରା ଭାରତରେ ରାହୁଲ ନିନ୍ଦିତ ହେବେ ବୋଲି ଶ୍ରୀକାନ୍ତ କହିଛନ୍ତି।

ଶ୍ରୀକାନ୍ତଙ୍କ ଅଭିଯୋଗର ପ୍ରତିକ୍ରିୟା ରଖି ନିରଞ୍ଜନ କହିଛନ୍ତି ଯେ, ଦଳରେ ଶୃଙ୍ଖଳା ରକ୍ଷା ନ କଲେ କାର୍ଯ୍ୟାନୁଷ୍ଠାନ ହେବ। ଖଣି କାରବାର ଲାଞ୍ଚ ପ୍ରସଙ୍ଗରେ ଶ୍ରୀକାନ୍ତବାବୁ ହାଇକୋର୍ଟଙ୍କ ରାୟ ଶୁଣିଛନ୍ତି, ହେଲେ ସୁପ୍ରିମ୍‌କୋର୍ଟ କହିଥିବା କଥା ଶୁଣିନାହାନ୍ତି। ରାହୁଲଙ୍କ ବିରୋଧରେ ମହାଖୁଲାସା ପୂର୍ବରୁ ନ କରି କାହିଁକି ଚୁପ୍ ଥିଲେ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ଶ୍ରୀକାନ୍ତଙ୍କ କଂଗ୍ରେସକୁ ବିଜେଡିର ବି ଟିମ୍ କହିବା କଥାକୁ ପ୍ରତାପ ଦେବ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କିଛିଦିନ ପୂର୍ବେ ଶ୍ରୀକାନ୍ତ ବାବୁ ଭାଜପା-ବିଜେଡି ମେଣ୍ଟ କଥା କହୁଥିଲେ। ଏବେ କଂଗ୍ରେସ-ବିଜେଡି ମେଣ୍ଟ କଥା କହିଲେଣି, ତେଣୁ ତାଙ୍କ କଥାରେ କୌଣସି ତାଳମେଳ ନାହିଁ ବୋଲି ପ୍ରତାପ କହିଛନ୍ତି।

- କୋଷ୍ଟ ଗାର୍ଡ ପକ୍ଷରୁ ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ

# ୪ ପାଟ୍ରୋଲିଂ ଜାହାଜରେ କୌଶଳ ପ୍ରଦର୍ଶନ




**ପାରାଦୀପ,୨୦।୧(ସ୍ୱ.ପ୍ର.)**

ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟ ଗାର୍ଡ)ର ପ୍ରତିଷ୍ଠା ଦିବସ ଅବସରରେ ରବିବାର ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ପାଟ୍ରୋଲିଂ ଜାହାଜ ନିମନ୍ତ୍ରିତ ଅତିଥିଙ୍କୁ ନେଇ ପାରାଦୀପ ନିକଟସ୍ଥ ସମୁଦ୍ରରେ କଳାକୌଶଳ ଦେଖାଇଥିଲେ। କୋଷ୍ଟ ଗାର୍ଡର ଦୁଇ ନୂଆ ଜାହାଜ ସୁଜୟ-ବିଜୟରେ ଅତିଥି ସମୁଦ୍ରକୁ ଯାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେଇଥିଲେ। ସମୁଦ୍ରରେ ବିପଦରେ ପଡ଼ିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଏ, ଶତ୍ରୁ ଦେଶର ବୋଟ କିମ୍ବା ସନ୍ଦିଗ୍ଧ ଲୋକଙ୍କୁ ଠାବ କରିବାର ପ୍ରଣାଳୀ, ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ, ସାମୁଦ୍ରିକ ପ୍ରଦୂଷଣକୁ ରୋକିବା ଆଦି କଳାକୌଶଳ ଯବାନମାନେ ଦେଖାଇଥିଲେ। ଏଥିସହିତ ହେଲିକପ୍ଟର ଅବତରଣ କରିବା, ଉଡ଼ାଣ କରିବା, ପାଣିରୁ ଲୋକଙ୍କୁ ଉଦ୍ଧାର କରିବା କୌଶଳ ପ୍ରଦର୍ଶିତ ହୋଇଥିଲା। କୋଷ୍ଟଗାର୍ଡ ଡିଆଇଜି ରାଜେଶ ମ୍ୟାକ୍‌ଓ୍ୱାବ୍‌ଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିଜେଡି, କଂଗ୍ରେସ ଉପରେ ବର୍ଷିଲେ ଭୂପିନ୍ଦର

- ବିରୋଧୀ ମହାମେଣ୍ଟକୁ ସମାଲୋଚନା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭୂପିନ୍ଦର ଯାଦବ (ମଝି)।

କେନ୍ଦ୍ର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ। ରାଜ୍ୟବାସୀ ଏହା ଜାଣିସାରିଲେଣି। ତେଣୁ ଓଡ଼ିଶାରେ ଏଥର ଭାଜପା ସରକାର କରିବ। ରାଜ୍ୟରେ ଦୀର୍ଘଦିନ ଶାସନ କରୁଥିବା ବିଜେଡିକୁ ଏଥର ଶାସନଗାଦିରୁ ଲୋକେ ହଟାଇବେ ଏବଂ ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭାଜପା ଜନମତ ପାଇବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଏମ୍‌ପି ଭୂପିନ୍ଦର ଯାଦବ କହିଛନ୍ତି। ଏହିଅବସରରେ ଭୂପିନ୍ଦର ଉଭୟ ରାଜ୍ୟ ସରକାର ଏବଂ କଂଗ୍ରେସ ଉପରେ ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଶନିବାର ଏକାଠି ହୋଇଥିବା ବିରୋଧୀ ମହାମେଣ୍ଟକୁ ନେଇ ମଧ ଭୂପିନ୍ଦର କଡ଼ା ସମାଲୋଚନା କରି ଦେଶବାସୀ ଭାଜପାକୁ ପୁନର୍ବାର ସରକାରରେ ବସାଇବାକୁ ଚାହୁଁଥିବା ଯାଦବ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୂପିନ୍ଦର କହିଛନ୍ତି ଯେ, ନିକଟରେ ଦଳର ରାଷ୍ଟ୍ରୀୟ ଅଧିବେଶନରେ ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଭାରତକୁ ପ୍ରଗତିର ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତାକୁ ନେଇ ଦଳ ଆଗାମୀ ନିର୍ବାଚନରେ ଲୋକଙ୍କ ପାଖକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟକାଳ ମଧ୍ୟରେ କୃଷି କ୍ଷେତ୍ର ପାଇଁ କେନ୍ଦ୍ର କରିଥିବା ଯୋଜନା ପୂର୍ବରୁ ଆଉ କୌଣସି ସରକାର ସମୟରେ ହୋଇ ନ ଥିଲା। କୃଷକ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ହେବ। ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟରେ ଏହି ସରକାର ସମୟରେ ବ୍ୟାପକ ବଢ଼ାଯାଇଛି। ୟୁପିଏର ଶେଷ ୫ବର୍ଷର କଂଗ୍ରେସ ସରକାର ସମୟରେ ଯାହା ବଜେଟ ଆସୁଥିଲା ତାହା ଏବେ ଦୁଇଗୁଣ ହୋଇଯାଇଛି। ଜନତା ଭାଜପା ସହ ଅଛନ୍ତି। ମୋଦିଙ୍କ ନେତୃତ୍ୱରେ ୨୦୧୯ ନିର୍ବାଚନରେ ବହୁମତ ସହିତ ଭାଜପା ସରକାର ଗଢ଼ିବା ନିଶ୍ଚିତ। ୨୦୨୨ସୁଦ୍ଧା ପ୍ରଧାନମନ୍ତ୍ରୀ ନୂଆ ଭାରତର ସ୍ୱପ୍ନ ଦେଖାଇଛନ୍ତି। କଂଗ୍ରେସ ଏଭଳି ଏକ ଅସହାୟ ସରକାର ଭ୍ରଷ୍ଟାଚାର, ସୁରକ୍ଷା କ୍ଷେତ୍ରରେ ଦଲାଲି, ରଣଛାଡ କରିବା ପାଇଁ ଚାହୁଁଛି। ମାତ୍ର ଜନସାଧାରଣ 'ମଜଭୁତ ସରକାର'ଚାହୁଁଛନ୍ତି ବୋଲି ସେ କହିଛନ୍ତି।

ଯାଦବ ଆହୁରି କହିଛନ୍ତି ଯେ, ସ୍ୱାର୍ଥ ଏବଂ ସତ୍ତା ପାଇଁ କଂଗ୍ରେସ ଏବଂ କମ୍ପାନୀ ଏଭଳି ମେଣ୍ଟ କରୁଛନ୍ତି, ଯାହାର କେହି ନେତା ନାହାନ୍ତି କି କୌଣସି ନୀତି ନାହିଁ। ଏହି ମେଣ୍ଟ ଜାଣିସାରିଲାଣି ସେମାନେ ଭାଜପାର ମୁକାବିଲା କରିପାରିବେ ନାହିଁ। ଗତ ପାଞ୍ଚବର୍ଷ ଶାସନରେ କେନ୍ଦ୍ରରେ ଭାଜପା ସରକାରରେ ଦୁର୍ନୀତିର ଗୋଟିଏ ବି ଦାଗ ଲାଗିନି। କିନ୍ତୁ କଂଗ୍ରେସ ସରକାର ସେତେବେଳେ ଅନ୍ତରୀକ୍ଷରୁ ପାତାଳ ପର୍ଯ୍ୟନ୍ତ ଲୁଟିବାର କାମ କରୁଥିଲା। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହୁଥିବା ମିଛକୁ ଜନତାଙ୍କ ସାମ୍ନାକୁ ଆଣିଛନ୍ତି। ଭାଜପା ସରକାର ସାମାନ୍ୟ ଶ୍ରେଣୀର ଗରିବ ଯୁବକଙ୍କୁ ଶିକ୍ଷା ଓ ସରକାରୀ ଚାକିରିରେ ୧୦% ସଂରକ୍ଷଣ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି ଯାଦବ କହିଛନ୍ତି।

# ୨୮ରୁ ଅନିର୍ଦ୍ଦିଷ୍ଟ କାଳ ପାଇ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଓ ସିପାହି ମହାସଙ୍ଘର ଧାରଣା

**କଟକ ଅଫିସ, ୨୦।୧**

ନିଜର ମୌଳିକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆସନ୍ତା ୨୮ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଧାରଣାରେ ବସିବ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଓ ସିପାହି ମହାସଂଘ। ଏ ନେଇ ରବିବାର ମହାସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଘରଭଡା, ସ୍ୱାସ୍ଥ୍ୟବୀମା, ବାଟାଲିୟନ ଭତ୍ତା, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା, ପୋଷାକର ରକ୍ଷଣାବେକ୍ଷଣ ଭତ୍ତା ଭଳି ମୌଳିକ ଦାବିଗୁଡିକ ପୂରଣ ପାଇଁ ଆମେ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀମାନଙ୍କୁ ବହୁବାର ଅବଗତ କରାଇଛୁ। ହେଲେ ସେମାନେ ଆମର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଆସନ୍ତା ୨୮ ତାରିଖରେ ଆମେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ। ଏଥିସହିତ ସେହିଦିନ ଆମର ୫୦ଟି ଶାଖା ସଂଘର କର୍ମକର୍ତ୍ତାମାନଙ୍କୁ ନିଜ ଜିଲା କିମ୍ବା ବାଟାଲିୟନ ସଦର ମହକୁମାଠାରେ ଧାରଣା ଦେବାକୁ କୁହାଯାଇଛି। ଏହାପରେ ଯଦି ସରକାର ଆମର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନର ପ୍ରଥମ ଦିନରୁ ସମସ୍ତ ହାବିଲଦାର, ସିପାହି ଏବଂ କନଷ୍ଟେବଲ ସମୂହ ଛୁଟିରେ ରହିବା ସହ ଧାରଣାରେ ଯୋଗଦେବେ ବୋଲି ସେ କହିଛନ୍ତି।

# ଏଏସ୍‌ଓ ପରୀକ୍ଷାରେ କପି କରି ଧରାପଡ଼ିଲେ ପରୀକ୍ଷାର୍ଥୀ

**ବୌଦ୍ଧ,୨୦।୧(ସ୍ୱ.ପ୍ର.)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ରବିବାର ଆସିଷ୍ଟାଣ୍ଟ ସେକ୍‌ସନ ଅଫିସର (ଏଏସ୍‌ଓ) ପଦବୀ ପାଇଁ ପରୀକ୍ଷାରେ କପି କରି ଜଣେ ପରୀକ୍ଷାର୍ଥୀ ଧରାପଡିଛନ୍ତି। ଧରାପଡିଥିବା ପରୀକ୍ଷାର୍ଥୀ ହେଲେ ନୟାଗଡ ଜିଲା ନୂଆଗାଁର ମୂଳବାସିନ୍ଦା ଅଜୟ କୁମାର ସାହୁ। ଅଜୟ ହାତରେ ପିନ୍ଧିଥିବା ସ୍ମାର୍ଟ ୱାଚ୍ ସାହାଯ୍ୟରେ କପି କରୁଥିବା ବେଳେ ଧରାପଡିଥିଲେ। ପରୀକ୍ଷା ନିୟନ୍ତ୍ରକଙ୍କ ଅଭିଯୋଗ ପରେ ପରୀକ୍ଷାର୍ଥୀ ସାହୁଙ୍କୁ ବୌଦ୍ଧ ମଡେଲ ଥାନାରେ ଅଟକ ରଖାଯାଇଛି। ଏ ନେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ତାଙ୍କର କାଗଜପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ସମ୍ପୂର୍ଣ୍ଣ ହେଲା ପରେ ଥାନାରେ ଏତଲା ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ପରୀକ୍ଷାର୍ଥୀଙ୍କୁ ଅଟକ ରଖାଯାଇଛି। ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଆସିନାହିଁ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରବିବାର ସାରା ରାଜ୍ୟରେ ଏଏସ୍‌ଓ ପରୀକ୍ଷା ହେଉଥିବା ବେଳେ ବୌଦ୍ଧ ଜିଲାର ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି । ଜିଲାରେ ସମୁଦାୟ ୫୯୨ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CENTRAL CIRCLE (R&B) BHUBANESWAR**
**Mail id: seccbbsr@gmail.com**
**No.1147-B:-** **INVITATION OF BIDS**
**E-procurement Tender Call Notice No. 22 of 2018-19**
No. 187 (Estg) Bhubaneswar Dated the 17th January 2019
The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate Estimated cost put to Tender (Rs.) | Cost of Bid Document | Class of Contractor | Period of Completion |
|---|---|---|---|---|---|
| 1 | Improvement of road from Mendhasal Chhak to Deras via Kalajhari from 2/500 Km to 4/700 Km under State Plan (Normal) in the District of Khurda for the year 2018-19. | Rs. 2,97,40,300.00 | Rs. 10000.00 Online | B Class/ A Class | 6 (Six) Calendar Months |

Date & Time of available of bid document in the portal/ online : From 4.00 PM of 24.01.2019 to 5.00 PM of 02.02.2019
Date of opening : 11.30 AM of 04.02.2019
Name and address of officer inviting Bid : Superintending Engineer, Central Circle (R&B) Bhubaneswar.
Further details can be seen from the e-procurement portal: https://tendersorissa.gov.in.

Sd./- Er. R.K. Sahu
Superintending Engineer
Central Circle (R&B) Bhubaneswar
34005/11/0040/1819

# ପୁଣି ଲାଗିଲା ମାଓବାଦୀ ପୋଷ୍ଟର

- ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ

**ବାଲିଗୁଡ଼ା,୨୦।୧(ଡି.ଏନ୍.ଏ.)**



ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ଲାଗିଥିବା ପୋଷ୍ଟର।

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳରେ ଗତ ୨ ଦିନ ହେଲା ମାଓବାଦୀ ପୋଷ୍ଟର ମରାଯାଉଥିବାରୁ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଶନିବାର ସୁଡ୍ରା ପଞ୍ଚାୟତରେ ମାଓବାଦୀ ପୋଷ୍ଟର ଲାଗିଥିଲା। ରବିବାର କୋଟଗଡ଼ ବ୍ଲକ ତଥା ଥାନା ଅନ୍ତର୍ଗତ ପକାରୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଓ ସମିତି ସଭ୍ୟଙ୍କ ଘର ଆଗରେ ଧମକପୂର୍ଣ୍ଣ ପୋଷ୍ଟର ଲାଗିଥିବା ଦେଖାଯାଇଛି। ଏଥିରେ ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ ଦିଆଯାଇଛି।

ସରପଞ୍ଚ ବହୁ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ବିଜୁ ପକ୍କାଘର ଓ ରାଶନ କାର୍ଡ ପ୍ରଦାନରେ ପାତରଅନ୍ତର କରାଯାଉଛି। ଠିକାଦାରଙ୍କଠାରୁ ଆଗୁଆ ଲାଞ୍ଚ ନେଉଥିଲେ ମଧ ଠିକ ଭାବେ ବିଲ କରୁନାହାନ୍ତି। ଯଦ୍ୱାରା ଶ୍ରମିକମାନେ ସେମାନଙ୍କ ଅର୍ଥ ନ ପାଇ ଅସୁବିଧା ଭୋଗୁଛନ୍ତି। ୧୫ ଦିନ ଭିତରେ ଏସବୁ ସମସ୍ୟାର ସମାଧାନ ନ ହେଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଏକ ଧଳା କାଗଜରେ ନାଲି ଅକ୍ଷରରେ ଲେଖାଯାଇଛି। କାଗଜ ଉପରେ ମରାଯାଇଥିବା ଏକ ଷ୍ଟାମ୍ପରେ ଦୁର୍ନୀତି ବିରୋଧରେ ଲଢ଼ିବ ଓଡ଼ିଶା ବୋଲି ଲେଖାଅଛି। ତଳକୁ ସିପିଆଇ ମାଓବାଦୀ କମାଣ୍ଡର, ଓଡ଼ିଶା ବୋଲି ଉଲ୍ଲେଖ ରହିଛି। ରବିବାର ସକାଳୁ ଏହି ପୋଷ୍ଟର ଦେଖିବା ପରେ ସରପଞ୍ଚ ଓ ସମିତିସଭ୍ୟ ଭୟଭୀତ ହୋଇପଡ଼ିଛନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଉକ୍ତ ପଞ୍ଚାୟତରେ ପହଞ୍ଚି ନ ଥିଲା। ପୋଷ୍ଟର ମରାଯାଇଥିବା ଖବର ପହଞ୍ଚିଛି, ତେବେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ। ଏ ନେଇ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।

**GOVT. OF ODISHA, DEPARTMENT OF WATER RESOURCES**
**O/o THE EXECUTIVE ENGINEER, RENGALI RIGHT CANAL DIVISION NO.II, DHENKANAL**
Email Id– eerrc2dkl@gmail.com
**'e' Procurement Notice**
**No. 1150-A:-** The Executive Engineer, Rengali Right Canal Division No.II, Mahisapat, Dhenkanal on behalf of the Governor of Odisha invites on line percentage rate bids for construction of the work as detailed below:
1. Name of the work : 03 (three) nos. of works
2. Tender Cost : Rs. 19.90 lakh to 74.79 lakh
3. Bid Document Cost : As per DTCN
4. Bid Security : Rs. 19,900.00 to 74,800.00
5. Class of Contractor : D class to A class
6. Period of Completion : 03 months to 06 months
7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid (single cover)/ Technical Bid (Double cover) |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No.II, Dhenkanal | EERRCIIDKL -11/2018-19 | 23.01.2019 10.00AM | 06.02.2019 5.00PM | 07.02.2019 11.00AM |

8. For further details and on line bidding, visit Govt. website www.tendersodisha.gov.in
32084/11/0002/1819
*Executive Engineer, Rengali Right Canal Division No.II, Dhenkanal*

**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
No.185 Date.17.01.2019
**NOTICE INVITING TENDER FOR CIVIL WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**
**Bid Identification No: EERWDJYP – Online - 07/2018-19**
1434-O
1) Type of works : Bridges
2) Class of contractor : "B & A" Class Contractor (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in https://tendersodisha.gov.in
4) Period of completion : 11 months
5) Period of availability of tenders online/Date & time of bidding online / Date of opening of tender papers : The details are as follows:

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP Online-07/2018-19 | 2 (Two) Nos. | 23.01.2019 at 11.00AM | 30.01.2019 upto 5.00PM | 31.01.2019 at 11.30AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.
25160/11/0010/1819
*Sd./- Executive Engineer, Rural Works Division, Jeypore*

**Expression of Interest (EOI)**
**Odisha Tribal Empowerment & Livelihoods Programme Plus (OTELP Plus)**
**Programme Support Unit (PSU)**
**ST & SC Development Department, Govt. of Odisha**
OTELP
**No. CAD-1299:-** Expression of Interest (EoI) is invited from FNGO of national repute with prior experience in implementing community empowerment and watershed development programmes, to be engaged for the implementation of OTELP Plus activities in 7 blocks of 2 districts viz. Bamara, Jamankira & Kuchinda under Kuchinda ITDA of Sambalpur district & Telkoi Block under Keonjhar ITDA, Joda, Jhumpura & Champua Blocks of Champua ITDA of Keonjhar districts under OTELP Plus.

Interested FNGOs may download the details from www.otelp.org. RFP with required documents should be sent through speed post/ registered post only in a closed envelope superscribed as "RFP for FNGO under OTELP Plus" to the Office of the PSU, OTELP Plus, 2nd Floor, TDCCOL Building, Rupali Square Bhubaneswar-751022. The last date of receipt of application is 07.02.19 upto 4.00PM & the date of opening of Bid documents is 07.02.19 at 5.00PM. The Programme Director reserves the right to accept or reject any or all bid without assigning any reason thereof.
26019/11/0013/1819
*Sd./- Programme Director*

# ପ୍ରାକୃତିକ ପେନ୍‌କିଲର



ଡା. ଆଶିଷ ବାନାର୍ଜୀ

ସୁସ୍ଥ ଶରୀରରେ ସ୍ନାୟୁମାନଙ୍କରେ ବାୟୁ ସୁଚାରୁରୂପେ ପ୍ରବାହିତ ଯୋଗୁ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଚାଲିଥାଏ। ଏହି ବାୟୁ କୌଣସି କାରଣରୁ ଅବରୋଧ ହେଲେ ସେହି ପ୍ରବାହିତ ହେଉଥିବା ସ୍ଥାନରେ ଯନ୍ତ୍ରଣା ଉତ୍ପନ୍ନ ହୋଇ ସେ ଅଞ୍ଚଳଟି କାର୍ଯ୍ୟାକ୍ଷମ ହୋଇପଡ଼େ ଏବଂ ସନ୍ଧିସ୍ଥାନକୁ ଆକ୍ରାନ୍ତ କଲେ ଫୁଲା, ଯନ୍ତ୍ରଣା ସହ ପାଣି ଜମିବାକୁ ଲାଗେ ଏବଂ ସ୍ନାୟୁ ସମ୍ପର୍କୀୟ ଅଙ୍ଗଗୁଡ଼ିକ କାଲୁଆ ଓ ଦୁର୍ବଳ ହୋଇ ଅକାମୀ ହେବାକୁ ବସେ। ଏଥିପାଇଁ ଶୋଥ, ବେଦନା ନାଶକ ଓ କାଲୁଆବସ୍ଥାକୁ ଲକ୍ଷ୍ୟ କରି ସ୍ନାୟୁ ଉତ୍ତେଜକ ଔଷଧ ଦେବାକୁ ପଡ଼େ। ଯଦ୍ଦ୍ୱାରା ସ୍ନାୟୁର କ୍ଷତ ଦୂର ହୋଇ ବାୟୁ ଚାଳାଚଳ ପଥକୁ ସୁଗମ କରେ।

ଏତଦ୍‌ବ୍ୟତୀତ ଉଚ୍ଚ ରକ୍ତଚାପ ବା ଆଘାତଜନିତ ଅନ୍ତ ମସ୍ତିଷ୍କ ରକ୍ତନଳୀରୁ ରକ୍ତସ୍ରାବ ହେବା ଯୋଗୁ ସେହି ଅଞ୍ଚଳକୁ ରକ୍ତ ନ ପହଞ୍ଚିବା କାରଣରୁ ସେ ଅଞ୍ଚଳଟି ଅକାମୀ ହୋଇଯାଏ, ଫଳରେ ସେଠାରୁ ପ୍ରେରିତ ସ୍ନାୟୁ ଅପରପାର୍ଶ୍ୱ ଅଙ୍ଗକୁ ଅକାମୀ କରି ଏକାଙ୍ଗୀବାତ ବା ସର୍ବାଙ୍ଗବାତ ଏପରି ପରିସ୍ଥିତି ନେଇ ରୋଗ ସୃଷ୍ଟି ହୋଇଥାଏ। ଏହି ଅବରୋଧ ରକ୍ତକୁ ତରଳାଇ ପୁନଃ କାର୍ଯ୍ୟଶୀଳ କରିବାରେ ଓ ସ୍ନାୟୁକୁ ବଲ୍ୟପ୍ରଦାନକାରୀ ଔଷଧର ପ୍ରୟୋଗ ଅନେକ କ୍ଷେତ୍ରରେ ସଫଳତା ଦେଇଥାଏ।

ଏହି ଯନ୍ତ୍ରଣା ସାମୟିକ ଲାଘବ ନିମନ୍ତେ କୃତ୍ରିମ ରାସାୟନିକ ଯୌଗିକ ଔଷଧ ବଟିକାର ସେବନ ପାକସ୍ଥଳୀ ଅନ୍ତରେ କ୍ଷତି ପହଞ୍ଚାଇବା ସମୟରେ ବୃକକ୍ ନଷ୍ଟର କାରଣ ଅଟେ। ଏହା ସେବନ ଦ୍ୱାରା ସାମୟିକ ଆରାମ ମିଳେ। ମାତ୍ର ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଏପରି ଭସ୍ମଘଟିତ ଔଷଧ ବନୌଷଧି ଓ ରସଘଟିତ (ପାରଦ, ଗନ୍ଧକ) ଔଷଧ ରହିଅଛି, ଯାହା ରୋଗ ସହ ଏହାର ଯନ୍ତ୍ରଣାକୁ ଦୂର କରେ, ସେଥିମଧ୍ୟରୁ ଅଳ୍ପକିଛି ତଳେ ଉଲ୍ଲେଖ କରାଯାଇଅଛି: ଯଥା:–

**ଅଶ୍ୱଗନ୍ଧା:** ଫୁଲା ଯନ୍ତ୍ରଣା ହେଉଥିବା ସ୍ଥାନରେ ଏହାକୁ ବାଟି ଲେପଦେଲେ ଶୀଘ୍ର ଉପଶମ ମିଳେ, ବାତବ୍ୟାଧିଜନିତ ଦୁର୍ବଳତାରେ ଏହାର କ୍ଷୀରପାକ ସେହି ଅଙ୍ଗରେ ଅଭ୍ୟଙ୍ଗ କଲେ ଅଙ୍ଗର ସ୍ନାୟୁ ସକ୍ରିୟ ହୋଇ ଶକ୍ତିଶାଳୀ ହୋଇଥାଏ। ଏତଦ୍‌ବ୍ୟତୀତ ଏହାର ଚୂର୍ଣ୍ଣ ଭ୍ରମ, ମୂର୍ଚ୍ଛା, ନିଦ୍ରାହୀନତା, ଶ୍ୱାସ ଓ ଧାତୁଦୌର୍ବଲ୍ୟରେ ଗାଈକ୍ଷୀର ସହ ସେବନ କଲେ ସୁଫଳ ମିଳେ।

**ଶୋଧିତ ଗୁଗ୍ଗୁଳ:** ସାଇଟିକା, ରିଉମାଟିଡ୍ ଆର୍ଥ୍ରାଇଟିସ୍ ଇତ୍ୟାଦି ବାତବ୍ୟାଧି ଜନିତ ଯନ୍ତ୍ରଣାରୁ ଶୀଘ୍ର ଉପଶମ ମିଳେ।

**ଅପାମାର୍ଗ ପତ୍ର:** ଯୋନି ଶୂଳେ ଅପାମାର୍ଗ ପତ୍ର ଦୁଇଟି ଯୋନିରେ ଧାରଣ କଲେ ଶୀଘ୍ର ଶୂଳ ପ୍ରଶମିତ ହୋଇଥାଏ।

**ଶୋଧିତ ବୃଦ୍ଧଦାରକ ବୀଜ–** ଏହା ସେବନ କଲେ ଗାଉଟ୍, ଗଣ୍ଠିବାତ ଓ ପ୍ରମେହ ଜନ୍ୟ ପୀଡ଼ାରେ ଲାଭଦାୟକ।

**ରାସ୍ନା–** ସାଇଟିକ୍ ଓ ସମସ୍ତ ସ୍ନାୟବିକ ବ୍ୟାଧିରେ ଲାଭଦାୟକ।

**ଶୋଧିତ ହେଙ୍ଗୁ–** ଗୁଳ୍ମ, ଉଦରଶୂଳ, ଆଧ୍ମାନ, ହୃଦ୍‌ରୋଗ, ରଜଃ ଅବରୋଧଜନିତ ବ୍ୟଥା, ବାଳକମାନଙ୍କ ଅବିଚ୍ଛିନ୍ନ କାଶ ନିବାରକ ସହ ପ୍ରସବା ନାରୀଙ୍କ ଦୂଷିତ ରକ୍ତ ବହିଃନିସରଣରେ ସହାୟକ ହୋଇଥାଏ।

**ହିଙ୍ଗୁଳ–** ବଳବୀର୍ଯ୍ୟ ବର୍ଦ୍ଧକ, ଆମବାତ (ରିଉମାଟିଜିମ୍) ପାଇଁ ଉପକାରୀ।

**ନବସାଦର–** ଶିରଃଶୂଳ, ଅର୍ବୁଦ, ମୂତ୍ରକୃଚ୍ଛ୍ର, ଅସ୍ଥିଭଗ୍ନରେ ନବସାଦର ଜଳ ଲେପ୍ ଓ ପୁରାତନ ଘା'ରେ ଏହାର ଚୂର୍ଣ୍ଣ କନାପଟି ଦେଇ ଲଗାଇଲେ ଘା'ଟି ଶୁଖିଯାଏ ଓ ବେଦନା ଦୂରୀଭୂତ ହୋଇଥାଏ।

**ଗୋଲମରିଚ–** ଯନ୍ତ୍ରଣା ନିବାରକ, ହୃଦ୍‌ରୋଗ, ପୁରାତନ ଜ୍ୱର ଓ ଦନ୍ତଶୂଳ ଓ ଅମ୍ଳଜନିତ ପେଟ ବ୍ୟଥାରେ ଆଶୁ ଲାଭକାରୀ।

**ଅସ୍ଥି ସଂହାର–** ଏହାକୁ ବାଟି ଲେପ ଦେଲେ ଭଗ୍ନାସ୍ଥି ଯୋଡ଼ିଯିବା ସହ ସ୍ନାୟବିକ ପୀଡ଼ା ଦୂରୀଭୂତ ହୋଇଥାଏ।

**ଗଙ୍ଗଶିଉଳି ମୂଳ–** ସାଇଟିକା ରୋଗୀକୁ ଏହାର କ୍ୱାଥ ପାନ କରାଇଲେ ଶୀଘ୍ର ଆରୋଗ୍ୟ ମିଳେ।

**ଗଜପିପ୍ପଳି–**ପେଟଫାମ୍ପି ଯନ୍ତ୍ରଣାରେ ଏହାର ଚୂର୍ଣ୍ଣ ଉଷୁମ ପାଣିରେ ସେବନ କଲେ ଶୀଘ୍ର ବ୍ୟଥା ଦୂରହୋଇ ଉପଶମ ମିଳେ।

**ଶୋଧିତ ଅହିଫେନ–** ବାତିକ ବେଦନାକୁ ତୁରନ୍ତ ଶାନ୍ତ କରେ।

**ସଜନା ଛାଲି–** ଦନ୍ତଶୂଳ, ପକ୍ଷାଘାତ, ଗୃଧ୍ରସୀ, ପେଟର ଟ୍ୟୁମରକୁ ଭଲ କଲେ। ବେଗନିଆ ପତ୍ର ଓ ଗନ୍ଧାଳି ପତ୍ର ସ୍ୱରସ ଉଷୁମ କରି ସେବନ କଲେ ଗଣ୍ଠିବାତ ବେଦନା ଦୂର ହୁଏ।

**ଶୋଧିତ କୁଚିଲା ବୀଜ–** ମୁଖମଣ୍ଡଳ ଓ ସର୍ବାଙ୍ଗ ପକ୍ଷାଘାତ, ଅଙ୍ଗ ଦୁର୍ବଳତା, ହିଷ୍ଟିଆ, ଅଣ୍ଟାଧରା ଓ ଛାତି ବ୍ୟଥାରେ ଲାଭକାରୀ।

**ଶଙ୍ଖଭସ୍ମ–** ଉଦରଶୂଳ, ପରିଣାମ ଶୂଳରେ ଉଷୁମ ପାଣି ସହ ସେବ୍ୟ। ଏହି ଔଷଧି ଦ୍ରବ୍ୟଗୁଡ଼ିକ ଗୋଟିକିଆ ବଦଳରେ ବିଭିନ୍ନ ଯୋଗ ସହ କୋଡ଼ିଏରୁ ଊର୍ଦ୍ଧ୍ୱ ଦ୍ରବ୍ୟ ମିଶି ଔଷଧ ପ୍ରସ୍ତୁତ କରାଯାଇଥାଏ। ତତ୍‌ସଙ୍ଗେ ସ୍ୱର୍ଣ୍ଣ, ମୁକ୍ତା, ଲୌହ, କାନ୍ତଲୌହ, ସ୍ୱର୍ଣ୍ଣମାକ୍ଷିକ, ବଙ୍ଗଭସ୍ମ, ଶୁଦ୍ଧ ଶିଳା ଜତୁ, ରସ ସିନ୍ଦୂର, ରସକର୍ପୁର ଇତ୍ୟାଦି ଔଷଧର ମିଶ୍ରଣ ବାତ ବ୍ୟାଧିକୁ ନାଶ କରି ବ୍ୟଥା ଦୂର କରିଥାଏ।

**ବାହ୍ୟ ଅଭ୍ୟଙ୍ଗାର୍ଥେ–** କର୍ପୂର, ପିପରମେଣ୍ଟ, ଯୁଆଣିଫୁଲ, ନୀଳଗିରି ତେଲ, ତାରପିନ୍ ତେଲ, ଲବଙ୍ଗ ତେଲ, ଇଉକାଲିପଟାସ ତେଲର ଯୌଗିକ ମିଶ୍ରଣ ମାଲିସ ଦ୍ୱାରା ବ୍ୟଥା ଦୂର ହୁଏ।

ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ। ପ୍ରୋତ୍ସାହନ ଅଭାବରୁ ଆୟୁର୍ବେଦରେ ଗବେଷଣା କରି ଔଷଧ ଉଦ୍ଧାର କରିଥିବା ଆୟୁର୍ବେଦ ଡାକ୍ତରମାନେ ଲୋକଲୋଚନକୁ ଆସି ପାରୁନାହାନ୍ତି ଏବଂ ବହୁ ଦୁର୍ଲଭ ବୃକ୍ଷ ଜ୍ଞାନାଭାବରୁ ଅଦରକାରୀ ଭାବେ ଲୋପ ହେବାକୁ ବସିଲାଣି। ଯଦି ଏହି ବିଜ୍ଞାନକୁ ପ୍ରୋତ୍ସାହନ ମିଳେ ତେବେ ଏହା ବିଶ୍ୱକୁ ଚିକିତ୍ସା ବିଜ୍ଞାନରେ ଦିଗ୍‌ଦର୍ଶନ ଦେବାକୁ ସକ୍ଷମ ହେବ।

*–ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ*
*ମୋ:୯୮୬୧୩୭୪୩୮୫*



"ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ, ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି, ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ।"





# ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରାଏ ସନ୍ତୁଳିତ ଖାଦ୍ୟ



ମସ୍ତିଷ୍କ ଯଦି ଠିକ୍ ଭାବରେ କାର୍ଯ୍ୟ କରେ ତେବେ ଆମେ କେତେକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିଥାଉ। ବିଶେଷଭାବରେ ଏଥିପାଇଁ ଆମକୁ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ମସ୍ତିଷ୍କର କାର୍ଯ୍ୟଧାରା ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ନିକଟରେ ବୋଷ୍ଟନ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରେ ସେମାନେ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟପ୍ରକାଶିତ ଗବେଷଣା ରିପୋର୍ଟରେ ଏ ସମ୍ପର୍କରେ ସବିଶେଷ ଉଲ୍ଲେଖ କରାଯାଇଛି। ଏଥିରୁ ଜାଣିବାକୁ ମିଳିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ତାହା ତାଙ୍କର ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କୁ ଏହି ଗବେଷଣା ପରିସରଭୁକ୍ତ କରି ସେମାନଙ୍କର ଖାଦ୍ୟପେୟ ଏବଂ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିଲେ ସେମାନଙ୍କ ମସ୍ତିଷ୍କର କାର୍ଯ୍ୟଧାରା ଅନ୍ୟମାନଙ୍କ ତୁଳନାରେ ସକ୍ରିୟ ଥିଲା ବୋଲି ଉକ୍ତ ଗବେଷଣାରୁ ଜଣାପଡିଛି।

# ଅଲ୍‌ରାଉଣ୍ଡର ସ୍ପେଶଶିପ୍



ମହାକାଶ ହେଉ ଅବା ପୃଥିବୀ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀ ଗବେଷଣା ଜାରି ରଖିଛନ୍ତି। ନିକଟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ବୈଜ୍ଞାନିକମାନେ ଏକ ଅତ୍ୟାଧୁନିକ ସ୍ପେଶଶିପ୍ ପ୍ରସ୍ତୁତ କରିଛନ୍ତି। ଏହା ପୃଥିବୀ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିପାରିବ। ତା'ସହ ଓଜୋନ ସ୍ତର ସ୍ଥିତି ବିଷୟରେ ଏଥିରୁ ମଧ୍ୟ ନୂଆ ତଥ୍ୟ ମିଳିପାରିବ ବୋଲି ପ୍ରକାଶ କରିଛନ୍ତି ଉକ୍ତ ୟୁନିଭର୍ସିଟିର ବୈଜ୍ଞାନିକମାନେ। କେବଳ ସେତିକି ନୁହେଁ, ଜଳବାୟୁ ଏବଂ ପାଣିପାଗ ସମ୍ପର୍କରେ ତାଜା ଖବର ଏଥିରୁ ସଂଗ୍ରହ କରାଯାଇପାରିବ।

# ଧୂମପାନ ପରିତ୍ୟାଗ କରିବାର ନୂଆ ଉପାୟ



ଧୂମପାନ ଏପରି ଏକ ଅଭ୍ୟାସ ଯାହା ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ତଥାପି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସ ଭାବେ ଭାବି ନିଅନ୍ତି ଏବଂ ଏହି ସାଇଲେଣ୍ଟ କିଲରକୁ ଆପଣାର କରିନିଅନ୍ତି। ଆପଣ ଯଦି ଧୂମପାନ ପରି ଖରାପ ଅଭ୍ୟାସ ସହ ଜଡ଼ିତ ଏବଂ ସେଥିରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ବ୍ୟସ୍ତ ହେବା ଦରକାର ନାହିଁ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଆପଣ ଯଦି ନିୟମିତ ଧୂମପାନ କରୁଛନ୍ତି ତେବେ ଏପରି କିଛି ସାଙ୍ଗ ବାଛନ୍ତୁ ଯେଉଁମାନେ ଆପଣଙ୍କୁ ଏଥିରୁ ମୁକୁଳାଇ ପାରିବେ। ଏକ ସଦ୍ୟ ସର୍ଭେ ଅନୁସାରେ ଏପରି କେତେଜଣ ସାଙ୍ଗ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କର କେତେକ ଖରାପ ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଆଗେଇ ଆସିଥାଆନ୍ତି। ସେପରି ସାଙ୍ଗମାନଙ୍କ ସହ ପ୍ରତିଦିନ କିଛି ସମୟ କଟାଇଲେ ଜଣେ ନିଜକୁ ଧୀରେ ଧୀରେ ଧୂମପାନଠାରୁ ଦୂରେଇ ରଖିପାରିବ ବୋଲି ଜଣାପଡ଼ିଛି। ଏପରି ବିଷୟକୁ ନେଇ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କୁ ସେମାନଙ୍କର ଅତି ନିକଟତର ସାଙ୍ଗଙ୍କ ସହ ପ୍ରତିଦିନ ଅତିକମ୍‌ରେ ଦୁଇଘଣ୍ଟା କଟାଇବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୫ ପ୍ରତିଶତ ଧୂମପାନ ପ୍ରତି ଧୀରେ ଧୀରେ ବିମୁଖ ହେଉଥିବାର ଦେଖିବାକୁ ମିଳିଥିଲା। ହେଲେ ଏହି ସମୟରେ ଧୂମପାନ କରୁଥିବା ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

# ନିଃସଙ୍ଗତା ଓ ମେଦବୃଦ୍ଧି

ଏକୁଟିଆ ରହିବାକୁ କାହାକୁ ଭଲ ଲାଗେ କହିଲେ? ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହନ୍ତି ତେବେ ତାହା ମେଦ ବୃଦ୍ଧି କରିଥାଏ। ୟୁନିଭର୍ସିଟି ଅଫ୍ ଓ୍ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ନିକଟରେ 'ନିଃସଙ୍ଗତା ଓ ମେଦବୃଦ୍ଧି' ଉପରେ ସର୍ଭେ କରିଥିଲେ। ପ୍ରତିଦିନ ଅଧିକାଂଶ ସମୟ ନିଃସଙ୍ଗ ଜୀବନଯାପନ କରୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ଏହାର ପ୍ରଭାବ ସେମାନଙ୍କର ଓଜନ ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ ଚେକ୍‌ଅପ୍ ପରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଓଜନ ବଢୁଥିବାର ଜଣାପଡ଼ିଥିଲା। ନିଃସଙ୍ଗତା ପ୍ରଭାବରୁ ଏପରି ହେଉଛି ବୋଲି ସେମାନେ ଆକଳନ କରବା ସହ ଏହା ପଛରେ ଆଉ କେତେ ସତ୍ୟତା ରହିଛି ସେ ବିଷୟରେ ସେମାନେ ଗବେଷଣା ଜାରି ରଖିଛନ୍ତି।



# ଉପକାରୀ କଦଳୀ



❖ଉଚ୍ଚ ରକ୍ତଚାପ ରୋଗୀ ଯଦି ଦିନକୁ ଦୁଇଟି ଲେଖାଏ ପାଚିଲା କଦଳୀ ଖାଆନ୍ତି ତେବେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ସର୍ଭେରୁ ଜାଣିପାରିଛନ୍ତି।

❖ଆପଣ ଅବସାଦଗ୍ରସ୍ତ ରହୁଛନ୍ତି କି ? ଯଦି ହଁ, ତେବେ ଏଥିରୁ ରକ୍ଷା ପାଇବାର ସରଳ ଉପାୟ ରହିଛି। ପ୍ରତିଦିନ ପାଚିଲା କଦଳୀ ଖାଇଲେ ଜଣେ ନିଜକୁ ଅବସାଦଠାରୁ ଦୂରେଇ ରଖିପାରିବ ବୋଲି ମତ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଟୋକିଓର ଖାଦ୍ୟ ବିଶେଷଜ୍ଞମାନେ।

❖ପାଚିଲା କଦଳୀରେ ଫାଇବର ଭରି ରହିଛି। ଏହାକୁ ଖାଇବା ଦ୍ୱାରା ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ।

❖କ୍ୟାଲସିୟମର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ପାଚିଲା କଦଳୀ। ଏହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

❖ନିୟମିତ କଦଳୀ ଖାଇଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।

❖ପାଚିଲା କଦଳୀରେ ଆନିମିଆ ସହ ଲଢ଼ିବାର ଶକ୍ତି ରହିଛି।

❖ଏହା ଶରୀର ଭିତରେ ଅମ୍ଳଜନିତ ପ୍ରଦାହ ସୃଷ୍ଟି କରିବାକୁ ଦିଏ ନାହିଁ।

❖ପାଚିଲା କଦଳୀ ଖାଇଲେ ତାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ।

❖ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣି ସହ ଦୁଇଟି କଦଳୀ ଖାଇଲେ ଏଭଳି ସମସ୍ୟା କେତେକାଂଶରେ ଦୂର ହୋଇଥାଏ।



ପାଚିଲା କଦଳୀରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

ଧରିତ୍ରୀ
DHARITRI
Monday, 21 January 2019



## ସଂକ୍ଷେପରେ

### ସ୍ୱାୟତ୍ତତା ନେଇ ଜଲାନଙ୍କ ମନ୍ତବ୍ୟ
## ଦେଶରେ ରାଜନୈତିକ ସଂସ୍କାର ଜରୁରୀ

**ନୂଆଦିଲ୍ଲୀ,୨୦-୧:** ନିର୍ବାଚନ କମିଶନ, କମ୍ପ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି),ୟୁପିଏସ୍‌ସି ଭଳି ସଂସ୍ଥାଗୁଡିକୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବାକୁ ହେଲେ ଦେଶରେ ରାଜନୈତିକ ସଂସ୍କାର ଜରୁରୀ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନ କହିଛନ୍ତି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଆର୍‌ବିଆଇ, ସିବିଆଇ, ନିର୍ବାଚନ କମିଶନର ସ୍ୱାୟତ୍ତତା ନେଇ ଦେଶରେ ଚର୍ଚ୍ଚା ହେଉଛି। ସରକାରଙ୍କୁ ଏଥିପାଇଁ ସମାଲୋଚନା କରାଯାଉଛି। କେନ୍ଦ୍ର ସରକାରଙ୍କ ସହ ମତାନ୍ତର ପରେ ଡ.ଉର୍ଜିତ ପଟେଲ ଆର୍‌ବିଆଇ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯିବାରୁ ସେ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର। ସେ କହିଛନ୍ତି ଯେ, ଭାରତର ଆର୍ଥିକ ସ୍ଥିତି ଅତ୍ୟନ୍ତ ସୁଦୃଢ଼। ତଥାପି ଦାରିଦ୍ର୍ୟ ସୀମା ରେଖା ତଳେ ବିଶ୍ୱର ସର୍ବାଧିକ ଲୋକ ଭାରତରେ ବସବାସ କରୁଛନ୍ତି। ଦୁର୍ବଳ ପ୍ରଶାସନ ଓ ପ୍ରଶାସନିକ ଦକ୍ଷତା ଅଭାବରୁ ଆର୍ଥିକ କ୍ଷେତ୍ରରେ ଭାରତ ସେଭଳି ସଫଳତା ହାସଲ କରିପାରିନାହିଁ ବୋଲି ଜଲାନ କହିଛନ୍ତି। ପ୍ରଶାସନକୁ ସରକାରଙ୍କ ହିତ ଛାଡ଼ି ଜନ ହିତ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ବୋଲି ପୂର୍ବତନ ଗଭର୍ନର କହିଛନ୍ତି।

## ଫେବୃୟାରୀରେ କେତେକ ବ୍ୟାଙ୍କ ପିସିଏରୁ ବାହାରିବେ: ରାଜୀବ କୁମାର



**ନୂଆଦିଲ୍ଲୀ,୨୦-୧:** ଆସନ୍ତା ମାସରେ ଉନ୍ନତ ପ୍ରଦର୍ଶନ କରୁଥିବା କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଣୀତ ତ୍ୱରିତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ(ପିସିଏ)ରୁ ବାଦ୍ ପଡିପାରନ୍ତି ବୋଲି ଆର୍ଥିକ ବ୍ୟାପାର ସଚିବ ରାଜୀବ କୁମାର କହିଛନ୍ତି। ବିଭିନ୍ନ ମାନଦଣ୍ଡକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କଗୁଡିକ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଜଣାପଡିବ ସେଗୁଡିକୁ ପିସିଏରୁ ବାଦ୍ ଦିଆଯିବ। ସୂଚନାଥାଉ କି, ବର୍ତ୍ତମାନ ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୧୧ଟି ପିସିଏ ଅଧୀନରେ ରହିଛି। ଫଳରେ ସେମାନଙ୍କୁ ଋଣ ଦେବାରୁ ରୋକାଯାଇଛି। ସେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଇ ଦିଆଯାଉଛି। ଫଳରେ ସେମାନେ ସହଜରେ ପିସିଏରୁ ବାଦ୍ ପଡିପାରିବେ। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୨୮,୬୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସର୍ବାଧିକ ୧୦,୦୮୬ କୋଟି ଟଙ୍କା ମିଳିଛି।

## କୁମ୍ଭ ମେଳାରୁ ମିଳିବ ୧.୨ ଲକ୍ଷ କୋଟି ରାଜସ୍ୱ: ସିଆଇଆଇ

**ନୂଆଦିଲ୍ଲୀ,୨୦-୧:** ଗତ ୧୫ ତାରିଖରୁ ଉତ୍ତରପ୍ରଦେଶରେ ଆରମ୍ଭ ହୋଇଥିବା କୁମ୍ଭ ମେଳା ପାଇଁ ରାଜ୍ୟ ସରକାର ବଡ଼ ଧରଣର ଖର୍ଚ୍ଚ କରିଛନ୍ତି। ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ତେବେ ଉଦ୍ୟୋଗ ଜଗତର ପ୍ରତିନିଧି କନଫେଡ଼େରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ଏ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏଥିରେ କୁହାଯାଇଛି ଯେ, କୁମ୍ଭ ମେଳା ଆୟୋଜନ ମାଧ୍ୟମରେ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିବାକୁ ଯାଉଛି। ଏହି ଆଧାତ୍ମିକ ତଥା ଧାର୍ମିକ ଆୟୋଜନ ଯୋଗୁ ପ୍ରାୟ ୬ ଲକ୍ଷ ବ୍ୟକ୍ତି ପ୍ରତ୍ୟକ୍ଷ ତଥା ପରୋକ୍ଷ ନିଯୁକ୍ତି ପାଇଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ଉତ୍ତର ପ୍ରଦେଶ ସରକାର ୫୦ ଦିନ ଧରି ଚାଲିଥିବା କୁମ୍ଭ ମେଳା ଲାଗି ପ୍ରାୟ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକି ୨୦୧୩ ମହାକୁମ୍ଭ ମେଳା ତୁଳନାରେ ୩ ଗୁଣ ଅଧିକ। ଆଜି ସୁଦ୍ଧା ଏହା ସର୍ବବୃହତ ମହଙ୍ଗା ମେଳା କୁହାଯାଉଛି। ସିଆଇଆଇ ରିପୋର୍ଟ ଅନୁଯାୟୀ, ହସ୍ପିଟାଲିଟି ସେକ୍ଟରରେ ୨.୫ ଲକ୍ଷ, ଏୟାରଲାଇନ୍ସ ଓ ବିମାନବନ୍ଦରରେ ପ୍ରାୟ ୧.୫ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାବ୍ୟତୀତ ଟୁର୍ ଅପରେଟରମାନେ ୪୫ ହଜାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିଭଳି ଇକୋ ଓ ମେଡିକାଲ ଟୁରିଜମ୍‌ରେ ୮୫ ହଜାର ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ଟୁର୍ ଗାଇଡ, ଟ୍ୟାକ୍ସି ଡ୍ରାଇଭର, ଉଦ୍ୟୋଗ ସହିତ ଜଡ଼ିତ ଅସଂଗଠିତ କ୍ଷେତ୍ରରେ ପ୍ରାୟ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଏହାଦ୍ୱାରା ସରକାରୀ ଏଜେନ୍ସି ଓ ବ୍ୟବସାୟୀଙ୍କ ଆୟ ବଢ଼ିବ।

ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ୨୮,୩୬୦ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।
– ବିଜୟ ରୁପାନୀ, ଗୁଜରାଟ ମୁଖ୍ୟମନ୍ତ୍ରୀ



ଇନଫୋସିସ୍ ଅଧିକ ସଂଖ୍ୟାରେ ଆମେରିକୀୟଙ୍କୁ ନିଜ ଦେଶରେ ନିଯୁକ୍ତି ଦେଇଛି ।
– ରବି କୁମାର, ପ୍ରେସିଡେଣ୍ଟ ତଥା ଡେପୁଟି ସିଓଓ, ଇନଫୋସିସ୍



### ■ ଏନସିଏଲ୍‌ଏଟି ରାୟ ପ୍ରକାଶ
# ଏଣିକି ଖସିପାରିବେନି କର୍ପୋରେଟ ଗ୍ୟାରେଣ୍ଟର

ନୂଆଦିଲ୍ଲୀ,୨୦-୧

- ୩ ଜଣିଆ ଖଣ୍ଡପୀଠ ଦେଇଛନ୍ତି ରାୟ
- ଆଇବିସିର ଧାରା ୭ ଅନୁଯାୟୀ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ
- ଆର୍‌ଇସି ବିରୋଧରେ ଫେରୋ ଆଲଏଜର ବିବାଦ



ଗ୍ରାମୀଣ ବିଦ୍ୟୁତିକରଣ କର୍ପୋରେଶନ (ଆରଇସି) ବିରୋଧରେ ଫେରୋ ଆଲଏଜ ମାମଲାରେ ରାୟ ପ୍ରକାଶ କରି ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଏଟି) କହିଛନ୍ତି ଯେ, ଦେବାଳିଆ ଆଇନ (ଆଇବିସି) ଅଧୀନରେ ଋଣଖିଲାପୀ କମ୍ପାନୀଙ୍କ ବିରୋଧରେ ଋଣ ସମାଧାନ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଋଣପ୍ରଦାନକାରୀ ବ୍ୟାଙ୍କ ଅଥବା ସଂସ୍ଥା କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ତିନି ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କର୍ପୋରେଟ ଗ୍ୟାରେଣ୍ଟରମାନଙ୍କୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଋଣଦାତା ଭାବେ ବିଚାର କରାଯିବ। ଖଣ୍ଡପୀଠ ମତରେ ମୂଳ ଋଣ ଖିଲାପକାରୀଙ୍କ ବିରୋଧରେ ଦେବାଳିଆ ସମାଧାନ ପ୍ରକ୍ରିୟା(ସିଆଇଆର୍‌ପି) ଆରମ୍ଭ କରିବା ପୂର୍ବରୁ କର୍ପୋରେଟ ଗ୍ୟାରେଣ୍ଟି ପ୍ରଦାନକାରୀଙ୍କ ବିରୋଧରେ କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯାଇପାରେ। ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ବିଚାରପତି ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ରାୟ ଦେଇ କହିଛନ୍ତି ଯେ, ଆଇବିସିର ଧାରା ୭ ଅନୁସାରେ ଗୋଟିଏ ଅଥବା ଏକାଧିକ ଋଣପ୍ରଦାନକାରୀ ମିଶି କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି)ରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାର ପାଇଛନ୍ତି। କମ୍ପାନୀ ପାଇଁ ସମାଧାନ ପ୍ରକ୍ରିୟା ଅଧିକାରୀ କିଏ ହେବ ତାହା ମଧ୍ୟ ସୁପାରିସ କରିବାର ଅଧିକାର ଋଣପ୍ରଦାନକାରୀଙ୍କ ହାତରେ ରହିଛି ବୋଲି ଉକ୍ତ ଧାରାରେ ଉଲ୍ଲେଖ କରାଯାଇଛି। ଆଇବିସି କୋଡ୍‌ରେ କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ରୋକାଯାଇନି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ଏନ୍‌ସିଏଲ୍‌ଟିର କୋଲକାତା ବେଞ୍ଚ ଏ ସମ୍ପର୍କରେ ଏକ ରାୟ ଦେବା ପରେ ଏନ୍‌ସିଏଲ୍‌ଏଟିରେ ଏକାଧିକ ମାମଲା ଦାୟର କରାଯାଇଥିଲା। କୋଲକାତା ବେଞ୍ଚ ରାଷ୍ଟ୍ରାୟତ୍ତ ଗ୍ରାମୀଣ ବିଦ୍ୟୁତିକରଣ କର୍ପୋରେଶନ(ଆର୍‌ଇସି)କୁ ଫେରୋ ଆଲଏଜ କର୍ପୋରେଶନ ବିପକ୍ଷରେ ପଦକ୍ଷେପ ନେବାକୁ ଅନୁମତି ଦେଇଥିଲେ। ସୂଚନାଥାଉ କି, ୨୦୦୯ ମେ'ରେ ଫାକର ପାୱାରକୁ ୫୧୭.୯୦ କୋଟି ଟଙ୍କା ଋଣ ଦେଇଥିଲା। ଏଥିପାଇଁ ଫାକର ଆଲଏଜ କର୍ପୋରେଟ ଗ୍ୟାରେଣ୍ଟର ସାଜିଥିଲା। ପରେ ଆଲଏଜ ପକ୍ଷରୁ ୧୯.୮୦ କୋଟି ଶେୟାର ପ୍ରଦାନ କରାଯାଇଥିଲା। କିନ୍ତୁ ଫାକର ପାୱାର ଋଣ ଫେରସ୍ତ କରି ନ ଥିଲା ଏବଂ ଋଣ ପ୍ରଦାନ ଅର୍ଥକୁ ଏନ୍‌ପିଏ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଇଇସି ଫେରୋ ଆଲଏଜକୁ କର୍ପୋରେଟ ଗ୍ୟାରେଣ୍ଟି ବାବଦରେ ୨୦୧୫ ସେପ୍ଟେମ୍ବର ୩୦ ସୁଦ୍ଧା ୫୬୪.୬୩ କୋଟି ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ୨୦୧୭ ଜୁଲାଇ ୬ରେ ଟ୍ରିବ୍ୟୁନାଲ ଆର୍‌ଇସିର ମାମଲାକୁ ଗ୍ରହଣ କରିଥିଲା।

## କ୍ଷେଶନରେ ପୁଣି ମିଳିବ ମାଟିପାତ୍ରରେ ଚା'

ନୂଆଦିଲ୍ଲୀ,୨୦-୧



ଦୀର୍ଘ ୧୫ ବର୍ଷ ପରେ ରେଳ ଷ୍ଟେଶନରେ ପୁଣି ମାଟି ପାତ୍ର ଚା' ମିଳିବ। ପୂର୍ବତନ ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ତାଙ୍କ କାର୍ଯ୍ୟକାଳରେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ। କିନ୍ତୁ କିଛି ଦିନ ପରେ ଏହାର ସ୍ଥାନ ନେଇଥିଲା ପେପର ଓ ପ୍ଲାଷ୍ଟିକ କପ୍। ଉତ୍ତର ଓ ଉତ୍ତର-ପୂର୍ବ ରେଲୱେର ମୁଖ୍ୟ ବାଣିଜ୍ୟିକ ମାନେଜରଙ୍କୁ ରେଲୱେ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ପତ୍ର ପଠାଯାଇଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲ ବାରାଣସୀ ଓ ରାୟବରେଲି ଷ୍ଟେଶନରେ ମାଟିରେ ତିଆରି ପାତ୍ର, ଗ୍ଲାସ ଓ ପ୍ଲେଟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରେଲୱେର ଏହି ପଦକ୍ଷେପ ଯୋଗୁ ଯାତ୍ରୀମାନେ ମାଟିପାତ୍ରରେ ଚା' ପିଇବାର ମଜା ଉଠାଇପାରିବେ ଏବଂ ଏହାଦ୍ୱାରା ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବା ଲାଗି ସଂଘର୍ଷ କରୁଥିବା କୁମ୍ଭାରମାନଙ୍କୁ ବଡ଼ ବଜାର ମିଳିଯିବ। ଜୋନାଲ ରେଲୱେ ଓ ଆଇଆରସିଟିସିକୁ ତୁରନ୍ତ ଏହା ଲାଗୁ କରିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଟ୍ରେନ ଓ ଷ୍ଟେଶନରେ ଯାତ୍ରୀଙ୍କୁ ପରଷା ଯାଉଥିବା ଭୋଜନ, ପାନୀୟ ଆଦି ପାଇଁ ପରିବେଶ ଅନୁକୂଳ ମାଟିରେ ତିଆରି ସାମଗ୍ରୀ ବ୍ୟବହାର କରିବାକୁ କୁହାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ(କେଭିଆଇସି) ଅଧ୍ୟକ୍ଷ ବି.କେ. ସାକ୍‌ସେନା ଗତ ବର୍ଷ ସେପ୍ଟେମ୍ବରରେ ଉକ୍ତ ପ୍ରସ୍ତାବ ଦେଇଥିଲେ। ସେ ରେଳମନ୍ତ୍ରୀ ଗୋୟଲଙ୍କୁ ପତ୍ର ଲେଖି ଷ୍ଟେଶନ ଆଖପାଖରେ ବସବାସ କରୁଥିବା କୁମ୍ଭାରଙ୍କୁ ରୋଜଗାର ଦେବା ପାଇଁ ଉକ୍ତ ପଦକ୍ଷେପ ନିଆଯିବା ଜରୁରୀ। ସେ କହିଛନ୍ତି ଯେ, ବିଜୁଳିରେ ଚାଲୁଥିବା ଚକ ସାହାଯ୍ୟରେ ଦିନକୁ ୧୦୦ରୁ ୬୦୦ ମାଟି କପ୍ ତିଆରି କରାଯାଇପାରିବ।

# ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ୍ ହେବ

ଭୁବନେଶ୍ୱର,୨୦-୧

**ପୁରୀ ଘଟଣା ପରେ ପୂର୍ବତଟ ରେଳପଥର ପଦକ୍ଷେପ**



ଶନିବାର ପୁରୀ ନିକଟରେ ଲେଭଲ କ୍ରସିଂ ଖୋଲାଥିବା ବେଳେ ହଠାତ ଏକ ଏକ୍ସପ୍ରେସ ଟ୍ରେନ ଅତିକ୍ରମ କରିବା ଭଳି ଅଭାବନୀୟ ଘଟଣାକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଯେଭଳି ପୁନରାବୃତ୍ତି ନ ଘଟେ ତାକୁ ଧ୍ୟାନରେ ରଖି ରେଲୱେ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବତଟ ରେଳପଥ ଏହାର ପରିସରରେ ଆସୁଥିବା ସବୁ ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ କରିବ। ଆଗାମୀ ଦିନରେ ଏଭଳି ଘଟଣାକୁ ଏଡାଇବା ପାଇଁ ପ୍ରଣାଳୀର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିବା ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପି.ଏସ୍. ମିଶ୍ର ସୂଚନା ଦେଇଛନ୍ତି।

ଏହି ପଦକ୍ଷେପ ବେଳେ କୌଣସି ଅବହେଳା ତଥା ତୃଟି ବିଚ୍ୟୁତିକୁ ପ୍ରଶୟ ଦିଆଯିବ ନାହିଁ। ପ୍ରଣାଳୀର ବ୍ୟାପକ ସମୀକ୍ଷା କାର୍ଯ୍ୟ ଆରମ୍ଭ କରାଯାଇଛି। ସିଷ୍ଟମରେ ରହିଥିବା ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସୂଚନା ଦେବାକୁ ମିଶ୍ର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ହେଲେ ତ୍ରୁଟିକୁ ସୁଧାରିବାରେ ସୁବିଧା ହେବ। ସମସ୍ୟା ସମ୍ପର୍କରେ କନିଷ୍ଠ କର୍ମଚାରୀଙ୍କଠାରୁ ସୂଚନା ନେବାକୁ ବରିଷ୍ଠ ଅଧିକାରୀଙ୍କୁ କୁହାଯାଇଛି। ବର୍ତ୍ତମାନ ପୂର୍ବତଟ ରେଳପଥର ୮୨୮ ଲେଭଲ କ୍ରସିଂ ରହିଛି। ଏହା ମଧ୍ୟରେ ଓଡ଼ିଶାରେ ୫୫୯, ଛତିଶଗଡରେ ୪୫ ଏବଂ ଆନ୍ଧ୍ର ପ୍ରଦେଶରେ ୨୨୪ଟି ଲେଭଲ କ୍ରସିଂ ରହିଛି। ବୁମ ବ୍ୟାରିୟର, ସଂଯୁକ୍ତ ସଡକ, ସାଇରନ,ସତର୍କତା ଫଳକ ଭଳି ବିଭିନ୍ନ ଦିଗକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। ସେହିଭଳି ଗେଟ୍‌ମ୍ୟାନମାନଙ୍କର କାର୍ଯ୍ୟକାରୀ ଜ୍ଞାନ ଏବଂ ଲେଭଲ କ୍ରସିଂ ପାର ହେବା ନେଇ ଲୋକୋ ପାଇଲଟମାନଙ୍କୁ ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଯିବ। କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମିଶ୍ର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ସମସ୍ୟାକୁ ସମାଧାନ କରାଯାଇ ପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଜିଏସଟି ରିଟର୍ନକୁ ଇ-ୱେ ବିଲ ସହ ଯୋଡ଼ାଯିବ

ନୂଆଦିଲ୍ଲୀ,୨୦-୧

କ୍ରମାଗତ ୬ ମାସ ଧରି ଅର୍ଥାତ ଦୁଇଟି ତ୍ରୈମାସରେ ଜିଏସ୍‌ଟି ରିଟର୍ନ ଦାଖଲ କରାଯାଇ ନ ଥିଲେ ମାଲ୍ ପରିବହନ ଲାଗି ଇ-ୱେ ବିଲ୍ ଜେନେରେଟ ହେବ ନାହିଁ। କେନ୍ଦ୍ର ସରକାର ଏଭଳି ଏକ ନୂଆ ସର୍ତ୍ତ ଲାଗୁ କରିବାକୁ ଯାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ଜିଏସ୍‌ଟି ନେଟୱର୍କ(ଜିଏସ୍‌ଟିଏନ୍)ରେ ଉପରୋକ୍ତ ବ୍ୟବସ୍ଥା ଆଣିବାକୁ ଯାଉଛନ୍ତି। ସେ କହିଛନ୍ତି ଯେ, ଏହି ନୂଆ ପ୍ରଣାଳୀ କାମ ଆରମ୍ଭ କରିବା ମାତ୍ରେ ସରକାରଙ୍କ ପକ୍ଷରୁ ନୋଟିଫିକେଶନ ଜାରି କରାଯିବ। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ରୋକାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଏପ୍ରିଲ-ଡିସେମ୍ବର ଅବଧିରେ ଅଧିକାରୀମାନେ ଜିଏସ୍‌ଟି ଫାଙ୍କି/ନିୟମ ଉଲ୍ଲଂଘନର ୩,୬୨୬ଟି ମାମଲା ଧରିପାରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି କେନ୍ଦ୍ର ସରକାର ଗତ ବର୍ଷ ଏପ୍ରିଲରୁ ଇ-ୱେ ବିଲ୍ ଲାଗୁ କରିଛନ୍ତି।

## ଡାକାରରେ ଶ୍ରେଷ୍ଠ ୧୦ରେ ହିରୋ ମୋଟୋ ସ୍ପୋର୍ଟସ ଟିମ୍



ନୂଆଦିଲ୍ଲୀ,୨୦-୧

ଡକାର ର୍‍ୟାଲି ୨୦୧୯ରେ ହିରୋମୋଟୋ ସ୍ପୋର୍ଟସ ଟିମ୍ ର୍‍ୟାଲି ଦ୍ୱିତୀୟଥର ଲାଗି ୧୦ମ ସ୍ଥାନ ହାସଲ କରିଛି। ଓରିଲେଏଲ୍ ମିନା ୯ମ ସ୍ଥାନ ହାସଲ କରିଥିବା ବେଳେ ଜ୍ୟାକ୍ସିମ ରୋଡ୍ରିଗ୍ସ ଶ୍ରେଷ୍ଠ ୨୦ତମ ସ୍ଥାନ ହାସଲ କରିଛନ୍ତି। ପିସାକୋରେ ଓରିଏଲ ମିନା ଶେଷ ପର୍ଯ୍ୟାୟରେ ୧୨ତମ ତଥା ୧୭ତମ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ମୋଟ ର୍‍ୟାଙ୍କିଂରେ ସେ ୯ମ ଏବଂ ରୋଡ୍ରିଗ୍ସ ୧୭ତମ ସ୍ଥାନରେ ଅଛନ୍ତି। ସେ ଚଳିତ ବର୍ଷ ହିରୋଜ ଅଫ ଡକାର ସମ୍ମାନ ଲାଭ କରିଥିବା କମ୍ପାନୀ ପ୍ରକାଶ କରିଛି।

## ଏଏସ୍‌ବିଏମ୍‌ରେ ଜାତୀୟ ମାର୍କଲୋଜିଷ୍ଟିକ୍ସ ସିମ୍ପୋଜିୟମ



ଭୁବନେଶ୍ୱର,୨୦-୧

ଏସିଆନ୍ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସବିଏମ୍) ପକ୍ଷରୁ ୮ମ ଜାତୀୟ ମାର୍କଲଜିଷ୍ଟିକ୍ସ ସିମ୍ପୋଜିୟମ ଅନୁଷ୍ଠିତ ହୋଇ ଯାଇଛି। ଅର୍ଥନୀତିର ବିକାଶ ଲାଗି ଲଜିଷ୍ଟିକ୍ସ କ୍ଷେତ୍ରର ଭୂମିକା ଉପରେ କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ସୁକିନ୍ଦା ରେଲୱେର ଏମ୍‌ଡି ଡି.କେ. ସାମନ୍ତରାଏ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ପ୍ରତିଷ୍ଠାନର ପ୍ରତିଦ୍ୱନ୍ଦ୍ୱିତାମୂଳକ କାର୍ଯ୍ୟଶୈଳୀ ଉପରେ ଏମ୍‌ଏମ୍‌ଟିସିର ମ୍ୟାନେଜର କେ.କେ. ପଲ ଆଲୋଚନା କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଯୁକ୍ତି ବିଦ୍ୟା, ନବୀନ ପ୍ରକ୍ରିୟା ଏବଂ ବ୍ୟବସାୟିକ କୌଶଳ ଉପରେ ମତ ରଖିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାଏ, ହୋଟେଲିୟର ଏ.ତାଲୁକଦାର,ଏକ୍ସିମ ଲଜିଷ୍ଟିକ୍ସର ଏମ୍‌ଡି ହିମାଦ୍ରୀ କେଶରୀ ପଟ୍ଟନାୟକ, ଇଉନିବ୍ରୋ ମାରକଟର ସହପ୍ରତିଷ୍ଠାତା ଶିସାସିସ ଆଚାର୍ଯ୍ୟ, ଭାରତୀ ଏୟାରଟେଲର ଓଡ଼ିଶା ମାର୍କେଟିଂ ମୁଖ୍ୟ ବିଶାଳ ଶୁରାନା, ଡ. ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନାଇଟେଡ ବ୍ୟାଙ୍କ-ଷ୍ଟାର ହେଲ୍‌ଥ ଚୁକ୍ତି

କଲିକତା,୨୦-୧

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ), ଷ୍ଟାର ହେଲ୍‌ଥ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ଗ୍ରାହକଙ୍କୁ ଇନସ୍ୟୁରାନ୍ସ ସଲ୍ୟୁଶନ ପ୍ରଦାନ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ୟୁବିଆଇର ବ୍ୟାଙ୍କାସୁରାନ୍ସ ଜିଏମ୍ ବିନୋଦ ବବର , ଷ୍ଟାର ହେଲଥ ଇନସ୍ୟୁରାନ୍ସ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଯୁଗ୍ମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱଜିତ ମୋହନତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆୟକର ରିହାତି: ୫ଟି ବଜେଟ୍‌ରୁ କେତେ ମିଳିଛି

**ଅନ୍ତରୀଣ ବଜେଟ ୨୦୧୯ ଉପସ୍ଥାପନ ହେବାକୁ ଆଉ କେଇଟା ଦିନ ବାକି ରହିଛି। ଏଭଳି ସ୍ଥିତିରେ ଆୟକର କ୍ଷେତ୍ରରେ ଆଶ୍ୱସ୍ତି ମିଳିବା ନେଇ ସମସ୍ତେ ଆଶାବାଦୀ ରହିଛନ୍ତି। ତେବେ ଗତ ୫ଟି ବଜେଟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶବାସୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିଛନ୍ତି ସତ ସେସ୍ ଓ ସରଚାର୍ଜ ଆଦି କେତେକ ନୂଆ ନିୟମ ମଧ୍ୟ ଲାଗୁ କରିଛନ୍ତି।**




ନୂଆଦିଲ୍ଲୀ,୨୦-୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳର ଏହା ଶେଷ ବଜେଟ ହୋଇଥିବାରୁ ଆୟକର ଦୃଷ୍ଟିରୁ ଦେଶବାସୀଙ୍କୁ ଅଧିକ ଖୁସି ମିଳିବ ବୋଲି ଆଶାକରାଯାଉଛି। ଆୟକର ବାବଦରେ କ'ଣ ପରିବର୍ତ୍ତନ ହୋଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।

### ବଜେଟ ୨୦୧୪ରେ କ'ଣ ମିଳିଥିଲା

କ୍ଷମତାକୁ ଆସିବା ପରେ ଏନ୍‌ଡିଏ ସରକାର ୨୦୧୪ ଜୁଲାଇରେ ତାଙ୍କର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ।

- ଆୟକର ଛାଡ଼ ସୀମାକୁ ବାର୍ଷିକ ୨ ଲକ୍ଷରୁ ବଢ଼ାଇ ୨.୫ ଲକ୍ଷ ଟଙ୍କା କରାଯାଇଥିଲା।
- ଆୟକର ଆଇନର ଧାରା ୮୦ସି ଅନ୍ତର୍ଗତରେ ଛାଡ଼ ସୀମା ୧ ଲକ୍ଷରୁ ବୃଦ୍ଧି ପାଇ ୧.୫ ଲକ୍ଷ ଟଙ୍କା ହୋଇଥିଲା।
- ଗୃହ ଋଣ ଉପରେ ଟିକସ ଛାଡ଼ସୀମାକୁ ୧.୫ ଲକ୍ଷରୁ ବଢ଼ାଇ ୨ ଲକ୍ଷ ଟଙ୍କା କରାଯାଇଥିଲା। ଏଥିରେ ମୂଳ ଟଙ୍କା ଲାଗି ଟିକସ ଛାଡ଼ସୀମା ୧.୫ ଲକ୍ଷ ଟଙ୍କା ଏବଂ ଗୃହ ଋଣ ଲାଗି ପ୍ରଦାନ କରାଯିବାକୁ ଥିବା ସୁଧ ଲାଗି ଟିକସ ଛାଡ଼ସୀମାକୁ ୨ ଲକ୍ଷ ଟଙ୍କା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଲାଗି ଏହା ୩ ଲକ୍ଷ ଟଙ୍କା ଥିଲା।

### ୨୦୧୫ ବଜେଟରେ କ'ଣ ଦିଆଯାଇଥିଲା

- ଏନ୍‌ପିଏସ୍‌ରେ ଯୋଗଦାନ କରିବା ଉପରେ ଅତିରିକ୍ତ ୫୦ ହଜାର ଟଙ୍କା ଉପରେ ଟିକସ ଛାଡ଼ ସୁବିଧା।
- ସୁକନ୍ୟା ସମୃଦ୍ଧି ଯୋଜନାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଥିଲା।
- ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଛାଡ଼ସୀମାକୁ ୧୫ ହଜାର ଟଙ୍କାରୁ ବଢ଼ାଇ ୨୫ ହଜାର ଟଙ୍କା କରାଯାଇଥିଲା। ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ଏହି ଛାଡ଼ସୀମା ୫୦ ହଜାର ଟଙ୍କା ହୋଇଥିଲା।
- ସମ୍ପତ୍ତି ଟିକସକୁ ପ୍ରତ୍ୟାହାର କରି ନିଆଯାଇଥିଲା।

### ୨୦୧୬ରେ କେନ୍ଦ୍ର କ'ଣ ଦେଇଥିଲା

- ଘରଭଡ଼ା ଦେଉଥିବା ମାଲିକଙ୍କ ଲାଗି ଟିକସ ଛାଡ଼ସୀମାକୁ ୨୪ ହଜାରରୁ ୬୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା।
- ୫ ଲକ୍ଷ ଟଙ୍କାରୁ କମ୍ ଆୟକାରୀ ବ୍ୟକ୍ତିଙ୍କ ଲାଗି ଟିକସ ରିବେଟ୍ ୨ ହଜାରରୁ ବଢ଼ାଇ ୫ ହଜାର ଟଙ୍କା କରିଦିଆଯାଇଥିଲା।
- ନୂଆ ଘର କିଣୁଥିବା ବ୍ୟକ୍ତିଙ୍କୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପରିଶୋଧ କରିବା ଉପରେ ସୁଧରେ ଅତିରିକ୍ତ ୫୦ ହଜାର ଟଙ୍କା ଟିକସଛାଡ଼ କରାଯାଇଥିଲା।

### ବଜେଟ ୨୦୧୭

- ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ଆୟକର ହାରକୁ ୧୦ ପ୍ରତିଶତରୁ ୫%କୁ ହ୍ରାସ କରାଯାଇଥିଲା।
- ସମସ୍ତ ଟିକସଦାତାଙ୍କୁ ୧୨,୫୦୦ ଟଙ୍କାର ଟିକସ ରିବେଟ୍ ଦିଆଯାଇଥିଲା।

### ବଜେଟ ୨୦୧୮

- ୧୫ ହଜାର ଟଙ୍କାର ମେଡିକାଲ ରିଇମ୍ବର୍ସମେଣ୍ଟ ଏବଂ ୧୯,୨୦୦ ଟଙ୍କାର ପରିବହନ ଭତ୍ତା ଉପରେ ଟିକସ ଛାଡ଼ କରିବା ବଦଳରେ ଚାକିରି କରିଥିବା ବ୍ୟକ୍ତିଙ୍କ ଲାଗି ୪୦ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ଫେରାଇ ଅଣାଯାଇଥିଲା।
- ୧ ଲକ୍ଷ ଟଙ୍କାରୁ ଅଧିକ ଇକ୍ୱିଟିରେ ମିଳୁଥିବା ଏଲ୍‌ଟିସିଜି (ଦୀର୍ଘକାଳୀନ ଆର୍ଥିକ ଲାଭ) ଉପରେ ୧୦ ପ୍ରତିଶତ ଟିକସ ଆଦାୟ କରାଗଲା।

### ୧% ବଢ଼ିଲା ସେସ୍

୨୦୧୪-୧୫ରେ ଟିକସ ଉପରେ ୨% ଶିକ୍ଷା ସେସ୍ ଏବଂ ୧ ପ୍ରତିଶତ ସେକେଣ୍ଡାରୀ ଓ ହାୟାର ସେକେଣ୍ଡାରୀ ସେସ୍ ଲାଗୁ କରାଯାଇଥିଲା। ୨୦୧୮ ବଜେଟ୍‌ରେ ଜେଟ୍‌ଲୀ ଏହି ସେସ୍‌କୁ ଆହୁରି ୧% ବଢ଼ାଇ ୪ % କରିଦେଲେ।

### ବୃଦ୍ଧି ପାଇଲା ସରଚାର୍ଜ

ବଜେଟ୍ ୨୦୧୫ରେ ଅର୍ଥମନ୍ତ୍ରୀ ଜେଟ୍‌ଲୀ ୧ କୋଟିରୁ ଅଧିକ ଆୟକାରୀଙ୍କ ଲାଗି ସରଚାର୍ଜକୁ ୧୦ ପ୍ରତିଶତରୁ ୧୨ପ୍ରତିଶତକୁ ବୃଦ୍ଧି କଲେ। ୨୦୧୬ ବଜେଟ୍‌ରେ ଏହା ୧୫%କୁ ବୃଦ୍ଧି ପାଇଲା। ୨୦୧୭ ବଜେଟରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ନୂଆ ୧୦ ପ୍ରତିଶତ ସରଚାର୍ଜ ଲାଗୁ କରାଯାଇଥିଲା।

### ଟିକସ ରିବେଟ୍

ବଜେଟ ୨୦୧୪-୧୫ରେ ଧାରା ୮୭ଏ ଅନ୍ତର୍ଗତରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସଯୋଗ୍ୟ ଆୟ ଉପରେ ୨୦୦୦ ଟଙ୍କାର ଟିକସ କ୍ରେଡିଟ ହେଉଥିଲା। ଏଥିସହିତ ଏହି ଆୟ ପର୍ଯ୍ୟନ୍ତ ଟିକସ ରିବେଟ୍ ଦାବି କରାଯାଇପାରୁଥିଲା। କିନ୍ତୁ ଏବେ ଏହି ସୀମାକୁ ହ୍ରାସ କରି ୩.୫ ଲକ୍ଷ ଟଙ୍କା କରାଯାଇଛି।



"ମହେନ୍ଦ୍ର ସିଂ ଧୋନୀଙ୍କୁ ମୁଁ ଏବେ ମଧ୍ୟ ୫୦ ଓଭର ଫର୍ମାଟରେ ବିଶ୍ୱର ଶ୍ରେଷ୍ଠ ମ୍ୟାଚ୍ ଫିନିଶର ବୋଲି ମନେକରେ।
**-ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**

"ଭାରତୀୟ ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଏପର୍ଯ୍ୟନ୍ତ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ।
**-ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**



## ସଂକ୍ଷେପରେ

### ବର୍ଷର ପ୍ରଥମ ଟାଇଟଲ ଜିତିଲେ ଅଙ୍କିତା

**ନୂଆଦିଲ୍ଲୀ, ୨୦।୧ (ପି.ଟି.):** ଭାରତର ଏକ ନମ୍ବର ଟେନିସ ଖେଳାଳି ଅଙ୍କିତା ରାଇନା ଚଳିତ ବର୍ଷର ପ୍ରଥମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ସିଙ୍ଗାପୁରରେ ଅନୁଷ୍ଠିତ ୨୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଆଇଟିଏଫ୍ ସିଙ୍ଗାପୁର ଇଭେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଅଙ୍କିତା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଅଙ୍କିତା ୬-୩, ୬-୨ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ନେଦରଲାଣ୍ଡ୍ସର ଆରାନସ୍କା ରସ୍‌ଙ୍କୁ ପରାସ୍ତ କରିଛନ୍ତି। ଚଳିତ ବର୍ଷର ଏହା ତାଙ୍କ ପ୍ରଥମ ଏବଂ ମୋଟ୍ ଉପରେ ୮ମ ସିଙ୍ଗଲ୍ସ ଟାଇଟଲ୍ ଥିଲା। ଅଙ୍କିତାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ଓ ୨୩ ମିନିଟ୍ ସମୟ ଲାଗିଥିଲା। ଟୁର୍ଣ୍ଣାମେଣ୍ଟରେ ସେ ୪ଜଣ ସିଡ୍ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ହରାଇଥିଲେ। ଏଥିସହ ୨୫ ବର୍ଷୀୟା ଏହି ଅହମ୍ମଦାବାଦ୍ ଖେଳାଳି ପ୍ରତିଯୋଗିତାରୁ ୫୦ ପଏଣ୍ଟ ଅର୍ଜନ କରିଛନ୍ତି। ସୋମବାର ନୂତନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଲେ ଅଙ୍କିତା କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ପାଇବାର ସମ୍ଭାବନା ରହିଛି।

### ଲାଗଟ୍, ୱର୍କନେଶଙ୍କୁ ମୁମ୍ବାଇ ମାରାଥନ ଟାଇଟଲ

**ମୁମ୍ବାଇ, ୨୦।୧ (ପି.ଟି.):** ଚାରି ଲକ୍ଷ ୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଟାଟା ମୁମ୍ବାଇ ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। କେନିଆର କସ୍‌ମସ ଲାଗଟ୍ ଓ ଇଥିଓପିଆର ୱର୍କନେଶ ଅଲେମୁ ଭାରତର ଏହି ଶ୍ରେଷ୍ଠ ମାରାଥନରେ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୨୦୧୬ ସେଭିଲା ମାରାଥନ ଚାମ୍ପିୟନ ଲାଗଟ୍ ୪୨.୧୯୫ କି.ମି. ବିଶିଷ୍ଟ ଏହି ଦୂରତାକୁ ୨ ଘଣ୍ଟା ୯ ମିନିଟ୍ ୧୫ ସେକେଣ୍ଡରେ ଶେଷ କରି ଟ୍ରଫି ହାସଲ କରିଥିଲେ। ୧୬ ବର୍ଷର ମୁମ୍ବାଇ ମାରାଥନ ଇତିହାସରେ ଏହା ୨ୟ ଶ୍ରେଷ୍ଠ ଟାଇମିଂ ଥିଲା। ୨୦୧୬ରେ କେନିଆର ଅନ୍ୟତମ ଧାବକ ଗିଡିଅନ କିପ୍‌କେଟର ଏହି ଦୂରତାକୁ ୨:୦୮:୩୫ ରେ ଫିନିଶ କରିଥିଲେ, ଯାହା ଟୁର୍ଣ୍ଣାମେଣ୍ଟର ଅଦ୍ୟାବଧି ଶ୍ରେଷ୍ଠ ଟାଇମିଂ ରହିଛି। ଇଥିଓପିଆର ଦୁଇ ଧାବକ ଆଟିଡ ବଣ୍ଟି (୨:୧୦:୦୫) ଓ ଏକଲନ୍ୟୁ ଶମେଟ୍ (୨:୧୦:୧୪) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ବର୍ଗରେ ପ୍ରଥମ ୩ଟି ସ୍ଥାନ ଇଥିଓପିଆର ଧାବିକାମାନେ ଅକ୍ତିଆର କରିନେଇଥିଲେ। ଇଥିଓପିଆର ଅଲେମୁ ୨:୨୫:୪୫ ସେକେଣ୍ଡରେ ରେସ୍ ସମାପ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଅମାନେ ଗୋବେନା (୨:୨୬:୦୯) ଓ ବିର୍କି ଡେବେଲେ (୨:୨୬:୩୯) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

### ଏଆଇଏଫଏଫ ସି ଲାଇସେନ୍ସ କୋଚିଂ କୋର୍ସ ୧୬ରେ

**କଟକ ଅଫିସ, ୨୦।୧:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ) ଆନୁକୂଲ୍ୟରେ 'ସି' ଲାଇସେନ୍ସ କୋଚିଂ କୋର୍ସ ଫେବୃୟାରୀ ୧୬ ତାରିଖରେ କଟକରେ ଅନୁଷ୍ଠିତ ହେବ । ଇଚ୍ଛୁକ ବ୍ୟକ୍ତି ଏଆଇଏଫ୍ଏଫର ପୋର୍ଟାଲରେ ନାମ ପଞ୍ଜୀକରଣ କରି ପାରିବେ । ତେବେ ପଞ୍ଜୀକରଣ କରିବାକୁ ଥିବା ବ୍ୟକ୍ତିମାନେ ଅତିକମରେ ଏଆଇଏଫଏଫ 'ଡି' ଲାଇସେନ୍ସ ଯୋଗ୍ୟତା ହାସଲ କରିଥିବା ଉଚିତ । ଆସନ୍ତା ୨୨ ତାରିଖ ପଞ୍ଜୀକରଣର ଶେଷ ତାରିଖ ରହିଛି ।

# ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିପର୍ଯ୍ୟୟର ଦିନ

## ଫେଡରର, କର୍ବରଙ୍କ ପରାଜୟ, କ୍ୱାର୍ଟରରେ ନାଡାଲ

ମେଲବୋର୍ନ, ୨୦।୧ (ଏଏଫ୍‌ପି)

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୭ମ ଦିବସ ବେଶ୍ ଘଟଣା ବହୁଳ ରହିଥିଲା। ବିଶେଷ କରି ରବିବାର ବିପର୍ଯ୍ୟୟର ଦିନ ଥିଲା କହିଲେ ମଧ୍ୟ କିଛି କମ୍ ହେବନାହିଁ। କ୍ୟାରିୟରର ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ଡିଫେଣ୍ଡିଂ ଚାମ୍ପିୟନ ରୋଜର ଫେଡରରଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସ୍ଥାନୀୟ ରଡ୍ ଲାଭର ଏରେନାଠାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ୩୭ ବର୍ଷୀୟ ସୁଇସ୍ ତାରକା ଫେଡରର ନିଜଠାରୁ ୨୦ ବର୍ଷ ସାନ ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କ ନିକଟରୁ ହାରିଯାଇଛନ୍ତି। ଷ୍ଟିଫାନୋସ ଏହି ମ୍ୟାଚ୍‌କୁ ୬-୭(୧୧/୧୩), ୭-୬ (୭/୩), ୭-୫, ୭-୬ (୭/୫) ସେଟ୍‌ରେ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସରେ ମଧ୍ୟ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ବିଶ୍ୱର ୨ ନମ୍ବର ମାନ୍ୟତା ଆଞ୍ଜେଲିକ କର୍ବର ପରାଜୟବରଣ କରିଛନ୍ତି। ଆମେରିକାର ଡାନିଏଲ୍ କୋଲିନ୍ସ ୬-୦, ୬-୨ ସିଧାସଳଖ ସେଟ୍‌ରେ ୱିମ୍ବେଲଡନ ଚାମ୍ପିୟନ କର୍ବରଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ସେହିଭଳି ୫ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ତଥା ରୁଷୀୟ ଟେନିସ ସୁନ୍ଦରୀ ମାରିଆ ଶାରାପୋଭା ମଧ୍ୟ ନିଜ ମୁକାବିଲାରେ ହାରିଯାଇଛନ୍ତି। ଅଷ୍ଟ୍ରେଲିଆର ଆଶଲୀ ବାର୍ଟିଙ୍କ ୪-୬, ୬-୧, ୬-୪ ସେଟ୍‌ରେ ଶାରାପୋଭାଙ୍କୁ ମାତ୍ ଦେଇଅନ୍ତିମ-୮ରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୬ଷ୍ଠ ସିଡ୍ ମାରିନ ସିଲିକ ୭-୬ (୮/୬), ୩-୬, ୨-୬, ୬-୪, ୪-୬ ସେଟ୍‌ରେ ସ୍ପେନର ରର୍ବଟ ବୌତିସ୍ତାଙ୍କ ନିକଟରୁ ହାରି ଅଭିଯାନ ଶେଷ କରିଛନ୍ତି। ତେବେ ଦ୍ୱିତୀୟ ସିଡ୍ ରାଫାଲ ନାଡାଲ ୬-୦, ୬-୧, ୭-୬ (୭/୪)ରେ ବିଶ୍ୱର ପ୍ରାକ୍ତନ ୪ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଥୋମାସ ବର୍ଡିଚ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭା ୫-୭, ୬-୭ (୬/୮), ୭-୬ (୭/୧), ୫-୭ ସେଟ୍‌ରେ ଯୁବ ଆମେରିକୀୟ ଖେଳାଳି ଫ୍ରାନସେସ ତିଆଫୋଏଙ୍କ ନିକଟରୁ ହାରିଯାଇଛନ୍ତି।



ରୋଜର ଫେଡରର



ଷ୍ଟିଫାନୋସ ସିତ୍‌ସିପାସ

### କ୍ରିକେଟରୁ କ୍ୱାର୍ଟର ଫାଇନାଲ



ମେଲବୋର୍ନ, ୨୦।୧

ଅଷ୍ଟ୍ରେଲିଆନ୍ ଓପନ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଘରୋଇ ତାରକା ଆସ୍‌ଲେଇଘ ବାର୍ଟି। ରବିବାର ଖେଳାଯାଇଥିବା ୪ର୍ଥ ରାଉଣ୍ଡର ଏକ ମୁକାବିଲାରେ ୨୪ ବର୍ଷୀୟା ବାର୍ଟି ୪-୬, ୬-୧, ୬-୪ ସେଟ୍‌ରେ ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜୟିନୀ ମାରିଆ ଶାରାପୋଭାଙ୍କୁ ପରାସ୍ତ କରିଛନ୍ତି। ବାର୍ଟି ଅଷ୍ଟ୍ରେଲିଆର ମହିଳା ସିଙ୍ଗଲ୍ସ ଓ ଡବଲ୍ସର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। ତେବେ ବାର୍ଟିଙ୍କ ବିଷୟରେ ସବୁଠାରୁ ରୋଚକ କଥା ହେଉଛି, ସେ ମଧ୍ୟ ଜଣେ ପ୍ରଫେଶନାଲ କ୍ରିକେଟ ଖେଳାଳି। ୨୦୧୧ରେ ୱିମ୍ବେଲଡନ ବାଳିକାବର୍ଗ (ଜୁନିୟର) ଟାଇଟଲ ଜିତିଥିବା ବାର୍ଟି ୨୦୧୪ରେ ପ୍ରଫେଶନାଲ ଟେନିସରୁ ବିଶ୍ରାମ ନେଇ ଅଷ୍ଟ୍ରେଲିଆର ଘରୋଇ ଟି୨୦ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ବ୍ରିସବେନ ହିଟ୍ସ ପକ୍ଷରୁ ପୁରା ସିଜନ ମ୍ୟାଚ୍ ଖେଳିଥିଲେ। ଦୁଇବର୍ଷ କାଳ କ୍ରିକେଟରେ ଅତିବାହିତ କରିବା ପରେ ବାର୍ଟି ପୁଣିଥରେ ଟେନିକ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଶନ୍ଧିର ପ୍ରଥମ ଅଷ୍ଟ୍ରେଲିଆ ଖେଳାଳିଭାବେ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି।

### ଓଡ଼ିଶା ପ୍ରିମିୟର ଲିଗ୍ ଜିତିଲା ଚିଲିକା

ଭୁବନେଶ୍ୱର, ୨୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋର ସମ୍ପ୍ରସିଦ୍ଧି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବ୍ରହ୍ମପୁର ଟାଇଗର୍ସଙ୍କୁ ୫ ଉଇକେଟ୍‌ରେ ପରାସ୍ତ କରି ଟେଅକ୍ ଚିଲିକା ଇଲେଭେନ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ୧୫ ଓଭରରେ ୯ ଉଇକେଟ୍ ହରାଇ ୧୪୪ ରନ କରିଥିଲା। ଜବାବରେ ଚିଲିକା ୧୪.୨ ଓଭରରେ ୫ ଉଇକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ୪୫ ବଲରୁ ୮୧ ରନ କରିଥିବା ଅଙ୍କିତ ଦାବସ ଉଭୟ ମ୍ୟାଚ୍ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଙ୍କିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୬୫ ରନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଚିଲିକା ୨ ରନରେ ସମ୍ବଲପୁର ପାଇରେଟ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଚିଲିକା ପକ୍ଷରୁ ଧାର୍ଯ୍ୟ ୧୮୨ ରନର ଟାର୍ଗେଟ୍‌କୁ ପିଛା କରି ସମ୍ବଲପୁର ୯ ଉଇକେଟ୍ ବିନିମୟରେ ୧୭୯ ରନ କରିପାରିଥିଲା। ସେହିପରି ୨ୟ ସେମିଫାଇନାଲରେ ବ୍ରହ୍ମପୁର ୪୮ ରନରେ ପୁରୀ ଲାୟନ୍ସକୁ ମାତ୍ ଦେଇଥିଲା। ଏହି ମ୍ୟାଚ୍‌ରେ ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୭୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ପିଛା କରି ପୁରୀ ୬ ଉଇକେଟ୍‌ରେ ୧୨୭ ରନ କରିପାରିଥିଲା। ଆୟୋଜକ ଓଡ଼ିଶା ୟୁଥ୍‌ର ସଦସ୍ୟ ଭରତ ମହାପାତ୍ର, ଦେବେନ୍ଦ୍ର ଦାସ, ମନ୍ମଥ ରାୟ, ସୁନୀଲ କୁମାର ମଲିକ, ସଞ୍ଜୀବ ଦାଶ, ଆକାଶ ଦାଶ, ସୁନୀଲ କୁମାର ନାୟକ, ଗୋପୀନାଥ ବିଶ୍ୱାଳ, ଅରୁନ ଗୋଲ୍ଡେନ, ସୀତାଂଶୁ ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରୋ-ହକି ଲିଗ୍ ପାଇଁ ପାକିସ୍ତାନର ନୂଆ ଦଳ

କରାଚୀ, ୨୦।୧ (ପି.ଟି.)

ଆସନ୍ତା ମାସରେ ଆରମ୍ଭ ହେବାକୁଥିବା ଏଫ୍ଆଇଏଚ୍ ପ୍ରୋ- ଲିଗ୍ ସିରିଜ ପାଇଁ ପାକିସ୍ତାନ ଚୟନକର୍ତ୍ତାମାନେ ରବିବାର ଦେଶର ହକି ଦଳ ଘୋଷଣା କରିଛନ୍ତି। ସେମାନେ ଅଧିନାୟକ ମହମ୍ମଦ ରିଜୱାନ(ସିନିୟର)ଙ୍କ ସମେତ ନିକଟରେ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦଳର ୧୧ଜଣ ଖେଳାଳିଙ୍କୁ ବାଦ୍ ଦେଇଛନ୍ତି। ଦଳ ମନୋନୟନ ପାଇଁ ଇସ୍‌ଲାମାବାଦ୍‌ଠାରେ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ନୂଆରୂପ ଦିଆଯାଇଥିବା ୧୮ ଜଣିଆ ପାକିସ୍ତାନ ଦଳର ନେତୃତ୍ୱ ନେବେ ମିଡ୍ ଫିଲ୍ଡର ଅଲି ଶାନ୍। ପ୍ରୋ-ଲିଗ୍ ସିରିଜ ଆସନ୍ତା ୬ମାସ ମଧ୍ୟରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ୟୁରୋପୀୟ ଦେଶଗୁଡ଼ିକରେ ହେବ। ୨୫ ବର୍ଷୀୟ ଅଲି ଶାନ ଦେଶ ତରଫରୁ ୧୩୫ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ୧୬ଟି ଦେଶକୁ ନେଇ ଅନୁଷ୍ଠିତ ବିଶ୍ୱକପ୍‌ରେ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ ନ ଜିତି ୧୧ତମ ସ୍ଥାନରେ ରହିଥିଲା। ମେଗା ଇଭେଣ୍ଟରେ ଖରାପ ପ୍ରଦର୍ଶନ ପାଇଁ ଟିମ୍ ମ୍ୟାନେଜର ହସନ ସର୍ଦ୍ଦାର ସିନିୟର ଖେଳାଳିମାନଙ୍କୁ ଦାୟୀ କରିଥିଲେ। କୌତୂହଳର କଥା ହେଲା ଆର୍ଥିକ ସଂକଟ ଯୋଗୁ ପ୍ରୋ-ଲିଗ୍‌ରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣ ଏବେ ଅନିଶ୍ଚିତ ଅବସ୍ଥାରେ ରହିଛି। ଦଳରୁ ବାଦ୍ ପଡ଼ିଥିବା ଖେଳାଳିମାନେ ହେଲେ ମଝର ଆବାସ, ଇରଫାନ ସିନିୟର, ମହମ୍ମଦ ତୌସିକ୍ ଅର୍ସାଦ, ରଶିଦ୍ ମେହେମୁଦ୍, ଅଜାଜ ଅହମ୍ମଦ, ଅମାଦ ସକିଲ ବଟ୍, ଇରଫାନ ଜୁନିୟର, ତାସାୱାର ଆବାସ, ଉମାର ଭୁଟା ଏବଂ ମହମ୍ମଦ ଜୁବେର। ଗୋଲକିପର ଇମରାନ ବଟ୍ ୨୦୧୮ ବିଶ୍ୱକପ୍ ପରେ ଅବସର ନେଇଯାଇଥିଲେ। ମୁଖ୍ୟ ଚୟନକର୍ତ୍ତା କହିଛନ୍ତି, ଅଲିମ୍ପିକ୍ସକୁ ନଜରରେ ରଖି ନୂଆ ପାକିସ୍ତାନ ଦଳ ଗଠନ କରାଯାଇଛି। ପ୍ରୋ-ଲିଗ୍‌ରେ ୯ଟି ଦେଶ ଯଥା ବେଲଜିୟମ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସ୍ପେନ ଓ ପାକିସ୍ତାନ ଭାଗ ନେବେ। ଏହାକୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଶ୍ରେଷ୍ଠ ଚାରୋଟି ଦଳ ଅଲିମ୍ପିକ କ୍ୱାଲିଫିକେଶନ ମ୍ୟାଚ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ। ଏହି ମ୍ୟାଚଗୁଡ଼ିକ ୨୦୨୦ରେ ଖେଳାଯିବ।

# ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ଚାମ୍ପିୟନ

ବାଙ୍କୀ, ୨୦।୧ (ସ୍ୱ.ପ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଓ ବୈଦେଶ୍ୱର ଦିଶା କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବୈଦେଶ୍ୱର ଦିଶାଦଳ ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ପ୍ରଧାନ ୬୫ ଓ ଗଣେଶ୍ୱର ମହାପାତ୍ର ୨୦ ରନ୍ କରିଥିଲେ। ବିପକ୍ଷ ଦଳର ଅସୀମାନନ୍ଦ ଦଳବେହେରା ୫ ଉଇକେଟ୍ ନେଇଥିଲେ। ଜବାବରେ ବାଙ୍କୀ ଆଥଲେଟିକ ଆସୋସିଏଶନ୍ ୧୯.୧ ଓଭରରେ ୭ ଉଇକେଟ ବିନିମୟରେ ୧୭୯ ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଆଦର୍ଶ ମହାପାତ୍ର ୫୬, ସାଗର ବେହେରା ୩୩ ରନ କରିଥିଲେ। ବିପକ୍ଷ ଦଳର ସନାତନ ଖଟୁଆ ଓ ବିବେକ ନାୟକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅସୀମା ନନ୍ଦ ଦଳବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଆଦର୍ଶ ମହାପାତ୍ର ମ୍ୟାନ ଅଫ୍ ଦି ସିରିଜ୍ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅରିନ୍ଦମ୍ ରୟ, ନରସିଂହ ଦାସ, ପୁଷ୍ପଲତା ସାମନ୍ତ, ପ୍ରଶାନ୍ତ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଢୀ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ରନର୍ସ ଦଳକୁ ୫ ହଜାର ଟଙ୍କା ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିବା ବେଳେ ବିଜୟୀ ଦଳ ବାଙ୍କୀକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସୁଧିରଞ୍ଜନ ପଣ୍ଡା ଓ ପ୍ରଦୀପ ସାହୁ ଫାଇନାଲ ଖେଳକୁ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଭାତ ରଞ୍ଜନ ପଣ୍ଡା କାର୍ଯ୍ୟ ତୁଲାଇଥିଲେ ହରିଶ୍ଚନ୍ଦ୍ର ତ୍ରିପାଠୀ ଓ ମନୋଜ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ସଦାଶିବ ଦାଶ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ବାଙ୍କୀ ଦଳର ଅଧିନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।




ବୋରାସମ୍ବର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ରନର୍ସଅପ୍ ଦଳକୁ ପୁରସ୍କୃତ କରାଯାଉଛି ।

# ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ଚାମ୍ପିୟନ

**ବୋରାସମ୍ବର କପ୍**

ପଦ୍ମପୁର, ୨୦।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ଖୋର୍ଦ୍ଧା ରେଲୱେକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୩୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରେଲୱେ ଦଳ ୨୮.୫ ଓଭରରେ ୧୭୫ ରନ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ୭୭ (୭୧), ରାକେଶ ମହାନ୍ତି ୨୪ (୨୧), ସୂର୍ଯ୍ୟକାନ୍ତ ପ୍ରଧାନ ୧୯(୭) ରନ କରିଥିଲେ। ରାଉରକେଲା ଦଳ ପକ୍ଷରୁ ଅୟକ୍ଷକାନ୍ତ ସାହୁ ୨୬ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଦଳ ୭୧ରନରେ ୫ଟି ଉଇକେଟ ହରାଇଥିଲା। ତେବେ ରଣ୍‌ଜୀ ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ଧୂଆଁଧାର ୧୧୦(୬୭), ବାସୁଦେବଙ୍କ ୨୫ରନ ସହାୟତାରେ ୨୩.୨ ଓଭରରେ ୧୭୬ ରନ ସଂଗ୍ରହ କରି ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଓ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଏବଂ ଚିତ୍ତରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧ଲକ୍ଷ ଏବଂ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଗୋବିନ୍ଦ ପୋଦ୍ଦାର, ଶ୍ରେଷ୍ଠ ଖେଳାଳି ରାଜୀବ ନାୟକ, ବେଷ୍ଟ ବୋଲର ଆଲୋକ ମଙ୍ଗରାଜ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ପ୍ରଦୀପ ପାଢ଼ୀଙ୍କ ସମ୍ପାଦନାରେ ସ୍ମରଣିକା-୨୦୧୯ ଲୋକାର୍ପିତ କରାଯାଇଥିଲା। ଭିଭାନ ଚାରିଟେବୁଲ ମୁଖ୍ୟ ଚନ୍ଦନ ବଂଶଲ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ବଳରାମ ପଟ୍ଟନାୟକ, ଅମିୟ ସାହୁ ମ୍ୟାଚ୍ ପରିଚାଳନା, ଆକାଶ କୁମାର ଦାଶ ସ୍କୋରର ଏବଂ ସନ୍ତୋଷ ନାୟାର ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ ବୋରାସମ୍ବର ସ୍ପୋର୍ଟିଂ ସମ୍ପାଦକ ଭରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଜୋସ ଓ ଧୂମ ମଚେଇବା ପାଇଁ ଆସିଗଲା
ଛୋଟ ଇନ୍ଦ୍ରୀୟ ଚିନ୍ତା କାହିଁକି ?


କାମ ନ କଲେ ଅର୍ଥ ଫେରସ୍ତ
Love Square Capsules
ବ୍ୟବହାର କରିବା ମାତ୍ରେ ହିଁ ପ୍ରଭାବ ଆରମ୍ଭ
କ୍ୟାପସୁଲ ସହିତ ଇନ୍ଦ୍ରୀୟ ବର୍ଦ୍ଧକ ଯନ୍ତ୍ର ମାଗଣା
ଏହି କ୍ୟାପ୍‌ସୁଲ ନିୟମିତ ସେବନଦ୍ୱାରା ଉର୍ଯ୍ୟା ବଢିବା ସହିତ ସହବାସରେ ଉତ୍ସାହ ମଧ୍ୟ ବଢିଥାଏ। ସ୍ୱପ୍ନଦୋଷ, ଶିଘ୍ର ପତନ, ଉତ୍ତେଜନାର ଅଭାବ, ନପୁଂସକତା, ଇନ୍ଦ୍ରୀୟର ପତଳାପଣ, ତଥା ଦୁର୍ବଳତା ଦୂର କରିବା ସହ ସମୟକୁ ବଢାଇଥାଏ।
(ସୌଖିନ ଲୋକ ବି ଥରେ ନିଶ୍ଚୟ ବ୍ୟବହାର କରନ୍ତୁ)
HERBAL CARE
Mob : 7462930397
8227874192

“ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଜାତୀୟ ଦଳର ଖରାପ ପ୍ରଦର୍ଶନ ନେଇ ତଦନ୍ତ ହେବ।
– ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ



“ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ପାଇଁ ଗ୍ଲେନ ମାକ୍ସୱେଲ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ସଫଳ ନେତୃତ୍ୱ ଦେଇପାରିବେ।
–ମିଚେଲ ଜନସନ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର



## ସଂକ୍ଷେପରେ

### ଜ୍ୟାକବ ମାର୍ଟିନଙ୍କ ଅବସ୍ଥା ସଙ୍କଟାପନ୍ନ

**ନୂଆଦିଲ୍ଲୀ,୨୦।୧:** ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ସେ ଏବେ ବଦୋଦରା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୪୬ ବର୍ଷୀୟ ପୂର୍ବତନ କ୍ରିକେଟରଙ୍କ ଚିକିତ୍ସା ଲାଗି ଏବେ ଅର୍ଥ ଅଭାବ ପଡ଼ିଛି। ସେ ଅନ୍ତର୍ଜାତୀୟ ସ୍ତରରେ ୧୦ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଜ୍ୟାକବ ଗତ ୨୮ ତାରିଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କର ଫୁସ୍‌ଫୁସ ଓ ଲିଭର କ୍ଷତିଗ୍ରସ୍ତ ହୋଇଛି। ସେ ଏବେ ଭେଣ୍ଟିଲେଟରରେ ଅଛନ୍ତି। ମାର୍ଟିନଙ୍କ ସ୍ତ୍ରୀ ମେଡିକାଲରେ ଅଧିକ ଖର୍ଚ୍ଚ ହେଉଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହାୟତା ଲୋଡ଼ିଛନ୍ତି। ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପୂର୍ବତନ ବିସିସିଆଇ ଓ ବରୋଦା କ୍ରିକେଟ ଆସୋସିଏଶନ (ବିସିଏ) ସମ୍ପାଦକ ସଞ୍ଜୟ ପଟେଲ କହିଛନ୍ତି। ତାଙ୍କ ମେଡିକାଲ ଚିକିତ୍ସା ବାବଦକୁ ଏପର୍ଯ୍ୟନ୍ତ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ବିସିସିଆଇ ପକ୍ଷରୁ ସିଧାସଳଖ ଅର୍ଥ ପୈଠ କରାଯିବା ପରେ ଚିକିତ୍ସା ଜାରି ରହିଛି ବୋଲି ପଟେଲ କହିଛନ୍ତି। ଏଥିସହ ପୂର୍ବତନ ପେସର ଜାହିର ଖାଁ ଓ ପଠାନ ଭ୍ରାତାମାନେ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜ୍ୟାକବଙ୍କ ନେତୃତ୍ୱରେ ବରୋଦା ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଜିତିଥିଲା।

### ପିଏସ୍‌ଜିର ରେକର୍ଡ ବିଜୟ

**ପ୍ୟାରିସ୍,୨୦।୧(ଏଏଫ୍‌ପି):** ଷ୍ଟାର ଫ୍ରେଞ୍ଚ ଖେଳାଳି କ୍ୟାଲିନ ଏମ୍‌ବାପ୍ପେ ଓ ଇଡିନସନ କାଭାନିଙ୍କ ହ୍ୟାଟ୍ରିକ ଗୋଲ ଯୋଗୁ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବ ଲିଗ୍ ୱାନର ଏକ ମ୍ୟାଚ୍‌ରେ ୯-୦ ଗୋଲରେ ଗୁଇନଗାମ୍ପ ଦଳକୁ ହରାଇଛି। ଏହା ପିଏସ୍‌ଜି ଦଳର ଘରୋଇ ଭେନ୍ୟୁରେ ସର୍ବବୃହତ୍ ବିଜୟ। ଏମ୍‌ବାପ୍ପେ (୩୭, ୪୫ ଓ ୮୦ତମ ମିନିଟ୍) ଓ କାଭାନି (୫୯, ୬୬ ଓ ୭୫ତମ) ହ୍ୟାଟ୍ରିକ ଗୋଲ ଦେଇଥିଲେ। ସେହିଭଳି ନେମାର (୧୧ ଓ ୬୮ତମ) ଦୁଇଟି ଓ ଥୋମାସ ମେଉନିର (୮୩ତମ) ଗୋଟିଏ ଗୋଲ ସ୍କୋର କରିଥିଲେ। ଏହି ବୃହତ୍ ବିଜୟ ସହ ପିଏସ୍‌ଜି କ୍ରମାଗତ ୬ଷ୍ଠ ଥର ଲାଗି ଲିଗ୍ ୱାନ ଟାଇଟଲ ଜିତିବା ନିଶ୍ଚିତ କରିଛି। ଦଳ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍ ଖେଳି ୧୭ ବିଜୟ ସହ ମୋଟ ୫୩ ପଏଣ୍ଟ ଅର୍ଜନ କରି ଅଙ୍କ ତାଲିକାର ଶୀର୍ଷରେ ରହିଛି। ପ୍ରାୟ ଏକ ବର୍ଷ ତଳେ ପାର୍କ ଡେସ ପ୍ରିନ୍ସେସ୍‌ଠାରେ ଅନୁଷ୍ଠିତ ଡିଜୋନ ଦଳ ବିପକ୍ଷ ମ୍ୟାଚ୍‌କୁ ପିଏସ୍‌ଜି ୮-୦ ବ୍ୟବଧାନରେ ଜିତିଥିଲା, ଯାହାକି ଦଳର ଘରୋଇ ଭେନ୍ୟୁରେ ବୃହତ୍ ବିଜୟ ଥିଲା। ତେବେ ୧୯୯୪ରେ କୋଟେ ଚାଉଡେ ଦଳକୁ ୧୦-୦ ଗୋଲରେ ପିଏସ୍‌ଜି ହରାଇଥିଲା। ଏହା ଏପର୍ଯ୍ୟନ୍ତ ପିଏସ୍‌ଜି ଦଳର ସବୁଠୁ ବଡ଼ ବିଜୟ।

### କୋହଲିଙ୍କୁ ପଛରେ ପକାଇଲେ ଆମଲା

**ପୋର୍ଟ ଏଲିଜାବେଥ,୨୦।୧:** ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକାର ଓପନର ହାସିମ ଆମଲାଙ୍କ ଶତକ ବେକାର ଯାଇଛି। ହେଲେ ସେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଆମଲା ୧୨୦ ବଲର ସମ୍ମୁଖୀନ ହୋଇ ୧୦୮ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୨୭ତମ ଅନ୍ତର୍ଜାତୀୟ ଦିନିକିଆ ଶତକ। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ। କୋହଲିଙ୍କୁ ୨୭ତମ ଦିନିକିଆ ଶତକ ହାସଲ କରିବା ପାଇଁ ୧୬୯ ମ୍ୟାଚ୍ ଲାଗିଥିଲା। ହେଲେ ଦକ୍ଷିଣ ଆଫ୍ରିକା ଓପନର ଦୁଇଟି କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି। ତେବେ ଆମଲା ବିଶ୍ୱର ସର୍ବାଧିକ ଶତକ ଅର୍ଜନ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାରେ ସଚିନ ତେନ୍ଦୁଲକର (୪୯), କୋହଲି (୩୯), ରିକି ପଣ୍ଟିଂ (୩୦) ଓ ଶନଥ ଜୟସୁରିୟା (୨୮) ରହିଛନ୍ତି।

### ବ୍ରୋଞ୍ଜ ପଦକ ମ୍ୟାଚରେ ହାରିଲା ଓଡ଼ିଶା

**କଟକ ଅଫିସ,୨୦।୧:** ପୁଣେଠାରେ ରବିବାର ଖେଲୋ ଇଣ୍ଡିଆ ଯୁଥ ଗେମ୍ସ ୨୧ବର୍ଷରୁ କମ୍ ବାଳିକା ହକି ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଓଡ଼ିଶା ୧-୨ ଗୋଲରେ ପଞ୍ଜାବଠାରୁ ପରାସ୍ତ ହୋଇଛି । ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟରେ ଓଡ଼ିଶା ପକ୍ଷରୁ ରୋଜିତା କୁଜୁର ପ୍ରଥମ ଗୋଲଟି ଦେଇଥିଲେ। ୨୮ତମ ମିନିଟରେ ପଞ୍ଜାବର କାଜଲ ଏକ ଗୋଲ ଦେବା ଫଳରେ ଦ୍ୱିତୀୟ କ୍ୱାର୍ଟରର ଶେଷ ସୁଦ୍ଧା ସ୍କୋର ୧-୧ ରହିଥିଲା । ୩ୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୪ର୍ଥ କ୍ୱାର୍ଟରରେ କାଜଲ ପଞ୍ଜାବ ନିମନ୍ତେ ଦ୍ୱିତୀୟ ତଥା ବିଜୟ ସୂଚକ ଗୋଲ ସ୍କୋର କରିଥିଲେ ।

ଯାଜପୁର ଜିଲା ଓପନ ଚେସ୍ ଉଦ୍‌ଯାପିତ

# ସୌମ୍ୟ, ତ୍ରିଦେବ ଚାମ୍ପିୟନ

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ଯାଜପୁର ରୋଡ଼ସ୍ଥିତ ଗ୍ଲୋରିୟସ ଇଂଲିଶ୍ ମିଡିୟମ ସ୍କୁଲରେ ଯାଜପୁର ଜିଲା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବର୍ଗରେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ଜୁନିୟରରେ ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଉଭୟ ପ୍ରତିଯୋଗୀ ୬ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୫.୫ ପଏଣ୍ଟ ଲେଖାଏ ପାଇଥିଲେ।



ଟ୍ରଫି ସହ ସୌମ୍ୟରଞ୍ଜନ ମିଶ୍ର।

**ସୌମ୍ୟ ୫୩ଁ**

ଟୁର୍ଣ୍ଣାମେଣ୍ଟର ଟପ୍ ସିଡ୍ ସୌମ୍ୟ ଏହାକୁ ମିଶାଇ କ୍ୟାରିୟରରେ ୫୩ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି। ୬ ରାଉଣ୍ଡ ମଧ୍ୟରୁ ସେ ୫ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖି ଅପରାଜେୟ ରହିଥିଲେ। ନିଜ ଟାଇଟଲ ପଥରେ ସେ ରାଜେଶ କୁମାର ଜେନା, ଜ୍ୟୋତି ରଞ୍ଜନ ପଣ୍ଡା, ସଞ୍ଜୀବନ ନାୟକ, ବସନ୍ତ କୁମାର ଦାସ ଓ ଆଶୁତୋଷ ମହାନ୍ତିଙ୍କୁ ହରାଇଥିବାବେଳେ ରବୀନ୍ଦ୍ର କୁମାର ଓଝାଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ସଞ୍ଜୀବନ ନାୟକ ୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଥିବାବେଳେ ବସନ୍ତ କୁମାର ଦାସ, ଆଶୁତୋଷ ମହାନ୍ତି ଓ ଧୀରେନ୍ଦ୍ର କୁମାର ଦାସ ୪ ପଏଣ୍ଟ ଲେଖାଏ ହାସଲ କରି ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ରାଜେଶ କୁମାର ଜେନା, ଦେବୀ ପ୍ରସାଦ ବିଶ୍ୱାଳ, ସୁବୋଧ ଆଚାର୍ଯ୍ୟ ଓ ପଲକ ମହାପାତ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଜୁନିୟର ବିଭାଗରେ ଅମନ ଲାହା, ନିଖିଲ ସାହୁ, ସିଦ୍ଧାର୍ଥ ଭୂୟାଁ, କୁମାର କୌଶିକ, ସ୍ୱରାଜ କୁମାର ସାହୁ, ଆରୁଷ ଦାଭାଡେ, ଚିନ୍ମୟ କୁମାର ମହାପାତ୍ର, ଉଦୟ ପରିଡ଼ା ଓ ରିତୁସ୍ମିତା ବିଶ୍ୱାଳ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍

# କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ)ର ଦ୍ୱିତୀୟ ସଂସ୍କରଣ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ପୁରୀ ୱେଭର୍ସକୁ ୩-୨(୨୬-୨୦) ଗେମ୍‌ରେ ହରାଇ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ପୁରୀ ଦଳର ସୁରଜ ଆର. ପ୍ରବୋଧ ୭-୦ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଜଗମୀତ ସିଂଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଆଲେକ୍ସ ସୋଲାଙ୍କିଙ୍କ ବିଜୟ ଫଳରେ କେନ୍ଦ୍ରାପଡ଼ା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସୋଲାଙ୍କି ୭-୧ରେ ପୁରୀ ୱେଭର୍ସର ଆଶୁତୋଷ ଦାସଙ୍କୁ ହରାଇ ଦେଇଥିଲେ। ତୃତୀୟ ଗେମ୍‌ରେ ଅଭିକା ସଗୱାଲ ପୁରୀର ଅନମ ଆଲମାସଙ୍କୁ ୭-୧ରେ ହରାଇ କେନ୍ଦ୍ରାପଡ଼ାକୁ ଅଗ୍ରଣୀ ଦେଇଥିଲେ। ୪ର୍ଥ ଗେମ୍‌ରେ ପୁରୀ ଦଳର ସୂରଜ-ଜଗଦୀଶ ତନୱାର ଯୋଡ଼ି କେନ୍ଦ୍ରାପଡ଼ାର ନିଶାନ୍ତ ଗୋଏଲ-ଜଗମୀତଙ୍କୁ ୭-୫ରେ ହରାଇବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ଗେମ୍‌ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଅଭିକା ସଗୱାଲ-ଆଲେକ୍ସ ସୋଲାଙ୍କି ଯୋଡ଼ି ପୁରୀ ୱେଭର୍ସର ଅନମ ଆଲମାସ-ଜଗଦୀଶ ତନୱାର ଯୋଡ଼ିଙ୍କୁ ୭-୪ରେ ପରାସ୍ତ କରି ଦଳକୁ ଟାଇଟଲ ବିଜୟୀ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଟିମ୍ ମାଲିକ ଡ. ପ୍ରକାଶ କୁମାରଙ୍କୁ ୨ ଲକ୍ଷ ଏବଂ ଭୁବନେଶ୍ୱର ଉତ୍ତରର ଜିଲା କାଉନସିଲର କୁନାଲ ରାଉତ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ରନର୍ସଅପ୍ ପୁରୀ ୱେଭର୍ସ ଦଳର ମାଲିକ ଅରୁଣ ଅଗ୍ରୱାଲଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।



ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଦଳ ଟ୍ରଫି ସହ ।

# ଜାତୀୟ ସବ୍‌ଜୁନିୟର ଉଷୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଫଗୱାରାଠାରେ ଚଳିତ ମାସ ୨୨ରୁ ୨୭ ପର୍ଯ୍ୟନ୍ତ ୧୮ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୩ ଜଣିଆ ଦଳ ଅଂଶଗ୍ରହଣ କରିବ। ୧୧ ବାଳିକା ଓ ୧୨ ବାଳକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ରବିବାର ପଞ୍ଜାବ ଯାତ୍ରା କରିଛି ବୋଲି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରକାଶ କରିଛନ୍ତି। ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ ଜୀତେନ୍ଦ୍ର ଦାଶ, ଦଲମ୍ବୁ ଖଡଗଙ୍କେଲ ଏବଂ ମ୍ୟାନେଜରଭାବେ ସୁଧାଂଶୁ ପଣ୍ଡା ଓ ଅନୁରାଧା ସ୍ୱାଇଁ ଦଳ ସହ ଯାଇଛନ୍ତି ବୋଲି ସେ କହିଛନ୍ତି। ପ୍ରଦ୍ୟୁମ୍ନ ବେହେରା ଓ ସୁଧାଂଶୁ ହରିଚନ୍ଦନ ଏହି ପ୍ରତିଯୋଗିତାରେ ଜଜ୍ ଦାୟିତ୍ୱ ନିର୍ବାହ କରିବେ। ଭୁବନେଶ୍ୱରସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରୁ ପ୍ରଦର୍ଶନ ଆଧାରରେ ଖେଳାଳି ଚୟନ କରାଯାଇ ଗତ ୧୪ରୁ ୧୯ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆ ଯାଇଥିଲା। ଓଡ଼ିଶା ଦଳ (ବାଳିକା): ସୃଷ୍ଟି ସିଂ, ସୋନାଲି ପାଟିଲ, ମୋନାଲିସା ଦେହୁରି, ପାୟଲ ପଟ୍ଟନାୟକ, ନୁପୂର ପଟ୍ଟନାୟକ, ତନିସା ସାହୁ, ସ୍ନେହ ସାମନ୍ତରାୟ, ଜିୟା ବାଜୋରିଆ, ସାକ୍ଷୀ ସଙ୍ଘି, କ୍ରିତିକା ପସେରି, ସୋନାଲି ବାରିକ। ବାଳକ: ସୋନୁ ଖୋସ୍‌ଲା, ସୋନି ଟକ୍ରି, ହ୍ରିତେଶ କୁମାର ସ୍ୱାଇଁ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ସ୍ୱୟଂଶୁ ପଣ୍ଡା, ଶୁଭମ୍ ଖୋସଲା, ଦୀନେଶ କୁମାର ବେହେରା, ଚନ୍ଦନ କୁମାର ଡାକୁଆ, ଆଦିତ୍ୟ ଜେନା, ଆଶୁତୋଷ ମହାରଣା, ଟୁନୁ ଟକ୍ରି, ଅର୍ପନ କୁମାର ମହାଲିକ।




ଜାତୀୟ ସବ୍‌ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ ।

# ଅକ୍‌ଲାଣ୍ଡରେ ପହଞ୍ଚିଲା ଭାରତୀୟ କ୍ରିକେଟ ଦଳ

ଅକ୍‌ଲାଣ୍ଡ, ୨୦।୧ (ପି.ଟି.)

ସୀମିତ ଓଭର ବିଶିଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଦଳ ରବିବାର ଅକ୍‌ଲାଣ୍ଡରେ ଅବତରଣ କରିଛି। ଏହି ସିରିଜ ଜାନୁୟାରୀ ୨୩ରୁ ଆରମ୍ଭ ହେବ। ଦେଶରେ ୩ ସପ୍ତାହ ଧରି ଅବସ୍ଥାନ କାଳରେ ଭାରତୀୟ ଦଳ ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବ। ଅକ୍‌ଲାଣ୍ଡ ବିମାନବନ୍ଦରରେ ଭାରତୀୟ କ୍ରିକେଟ ଦଳ ଅବତରଣ କରୁଥିବା ଦୃଶ୍ୟ ସମ୍ବଳିତ ଏକ କ୍ଷୁଦ୍ର ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅପ୍‌ଲୋଡ୍ କରିଛି। ଉପସ୍ଥିତ ଭାରତୀୟ ସମର୍ଥକମାନେ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। କେଦାର ଯାଦବ ଓ ଦୀନେଶ କାର୍ତ୍ତିକ ଅଟୋଗ୍ରାଫ ଦେଉଥିଲେ। ଅଧିନାୟକ ବିରାଟ କୋହଲି ଏବଂ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଲୋକେ ଚିୟରଅପ୍ କରିଥିଲେ। ଭାରତୀୟ ଦଳ ସୋମବାର ସକାଳେ ନାପିଏର ଗସ୍ତ କରିବ। ସେଠାରେ ବୁଧବାର ସକାଳେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଅନ୍ତର୍ଜାତୀୟ ଦିନିକିଆଗୁଡ଼ିକ ଯଥାକ୍ରମେ ଟରାଙ୍ଗା (ଜାନୁୟାରୀ ୨୬ ଓ ୨୮), ହାମିଲଟନ (ଜାନୁୟାରୀ ୩୧) ଏବଂ ୱେଲିଂଟନ (ଫେବୃୟାରୀ ୩)ଠାରେ ଖେଳାଯିବ। ସେହିପରି ତିନୋଟି ଅନ୍ତର୍ଜାତୀୟ ଟି୨୦ ୱେଲିଂଟନଠାରେ (ଫେବୃୟାରୀ ୬), ଅକ୍‌ଲାଣ୍ଡ (ଫେବୃୟାରୀ ୮) ଏବଂ ହାମିଲଟନ (ଫେବୃୟାରୀ ୧୦)ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ସକାଳ ୭ଟା ୩୦ରୁ ଏବଂ ତିନୋଟିଯାକ ଅନ୍ତର୍ଜାତୀୟ ଟି୨୦ ଅପରାହ୍ନ ୧୨ଟା ୩୦ରୁ ଆରମ୍ଭ ହେବ।

ଡୋପ୍‌ରେ ବିଫଳ ଏସିଆନ୍ ଗେମ୍ସ ଚାମ୍ପିୟନ

# ଅନୁ ରାଘବନଙ୍କୁ ମିଳିବ ବ୍ରୋଞ୍ଜ

କୋଚୀ,୨୦।୧

ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ନିଶ୍ଚିତ ହୋଇଛି। ମହିଳା ବିଭାଗର ୪୦୦ ମିଟର ବାଧାଦୌଡ଼ ଇଭେଣ୍ଟ ଚାମ୍ପିୟନ କେମି ଆଡେକୋୟା ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି। ବାହାରିନ ଧାବିକାଙ୍କ ନମୁନାରେ ଆନାବୋଲିକ ଷ୍ଟେରଏଡ୍ ମିଳିଛି। ଏ ନେଇ ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ୪ ଥର ଚାମ୍ପିୟନ ୨୫ ବର୍ଷୀୟ ବାସନ୍ଦ କରିଛି। ଏସିଆନ୍ ଗେମ୍ସ ୪୦୦ ମି. ବାଧାଦୌଡ଼କୁ କେମି ୫୪.୮୭ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପଛକୁ ଭିଏତନାମର କ୍ୱାଚ ଥି ଲାନ (୫୫.୩୦ ସେ) ଓ ବାହାରିନର ଆମିନାତ ଜମାଲ (୫୫.୬୫ ସେ) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। କେରଳର ଅନୁ ରାଘବନ ରେସ୍‌କୁ ୫୬.୯୨ ସେ. ଶେଷ କରି ୪ର୍ଥ ସ୍ଥାନ ଅଧିକାର କରିଥିଲେ। ରେସ୍ ପରେ ଧାର୍ଯ୍ୟ ଲାଇନ୍ ବାହାରେ ଜଣେ ପଦକଧାରୀ ଦୌଡ଼ିଥିବା ଅନୁ ଅଭିଯୋଗ ଆଣିଥିଲେ। ହେଲେ କୌଣସି ଫାଇଦା ମିଳି ନ ଥିଲା। ଏବେ କେମି ବାସନ୍ଦ ହେବାରୁ ଅନୁଙ୍କୁ ବ୍ରୋଞ୍ଜ ପଦକ ମିଳିବା ସ୍ପଷ୍ଟ ହୋଇଛି। ସେହିଭଳି ଥି ଲାନଙ୍କୁ ସ୍ୱର୍ଣ୍ଣ ଓ ଜମାଲଙ୍କୁ ରୌପ୍ୟ ମିଳିବ।

# ନ୍ୟୁଜିଲାଣ୍ଡ ମହିଳା ଟି୨୦ ଦଳରେ ମ୍ୟାକେ

ନୂଆଦିଲ୍ଲୀ,୨୦।୧

ଭାରତ ଗସ୍ତ କରିବା ଲାଗି ଘୋଷିତ ନ୍ୟୁଜିଲାଣ୍ଡ ମହିଳା ଟି୨୦ ଦଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଦୀର୍ଘ ୫ ବର୍ଷ ପରେ ଫ୍ରାନ୍ସେସ ମ୍ୟାକେ ଜାତୀୟ ଦଳକୁ ଫେରିଛନ୍ତି। ତାଙ୍କ ସମେତ କାଟଲିନ ଗରି ଓ ରେସମ୍ୟାରି ମେରଙ୍କୁ ୧୩ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ସାମିଲ କରାଯାଇଛି। ଏହି ଦଳରୁ ମ୍ୟାଡି ଗ୍ରୀନ, ଲୌରେନ ଡାଉନ, କାଟି ପର୍କିନ୍ସ, ହଲିଡ ହୁଡଲେଷ୍ଟନ ଓ ଆନ୍ନା ପିଟରସନ ବାଦ୍ ପଡ଼ିଛନ୍ତି। ମ୍ୟାକେ ଓ ଗରି ସୁପର ସ୍ମାଶ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟରେ ଭାରତଠାରୁ ନ୍ୟୁଜିଲାଣ୍ଡ ପରାସ୍ତ ହୋଇଥିଲା।

# ଯାଜପୁର ଇଲେଭେନ ଷ୍ଟାରକୁ ଚାମ୍ପିୟନ ଟ୍ରଫି

ଭଣ୍ଡାରିପୋଖରୀ, ୨୦।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡ଼ିଆଠାରେ ଚାଲିଥିବା ଆନ୍ତଃଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂକୁ ହରାଇ ଯାଜପୁର ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ଇଲେଭେନ ଷ୍ଟାର ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୪୭ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱପ୍ନେଶ ବିଶ୍ୱାଳ ୨ ଛକା, ୪ ଚୌକା ସହ ୩୭, ରାଜେଶ ସେଠୀ ୨ ଛକା, ୧ ଚୌକା ସହ ୨୬ ଏବଂ ଜୀତେନ୍ଦ୍ର

**ଗୋପୀନାଥ ଚ୍ୟାଲେଞ୍ଜ**

ରାଉତ ୨ ଛକା, ୨ ଚୌକା ସହାୟତାରେ ୨୭ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବ୍ରତୀସୁନ୍ଦର ବେହେରା ୫ ଓଭର ବୋଲିଂ କରି ୫ ଉଇକେଟ ଓ ନଦୀମ ଖାଁ ୫ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ୧୪୮ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା କ୍ରାଉନ ସ୍ପୋର୍ଟିଂ ୧୯.୩ ଓଭରରେ ୮୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କିଷାନ ରଥ ସର୍ବାଧିକ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରତିପକ୍ଷର ସ୍ୱପ୍ନେଶ ବିଶ୍ୱାଳ, ଅଂଶୁମାନ ନାୟକ, ଅଭିଷେକ ଦାସ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟାର ଲଲାଟ କେଶରୀ ନନ୍ଦ, ପରାସର ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ରଘୁନାଥ ମାଝୀ ସ୍କୋରର ଏବଂ ବିଷ୍ଣୁ ବୋଇତାଇ, ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ୱପ୍ନେଶ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ବ୍ରତୀସୁନ୍ଦର ବେହେରା ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସନ୍ଧ୍ୟାରେ ବିଷ୍ଣୁ ବୋଇତାଇଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସମ୍ବିତ ମହାପାତ୍ର, ବିକାଶ ରାୟ, ଗୋପୀନାଥ ନାୟକ, ବିଶ୍ୱନାଥ ମାଝି, ସକୁନ୍ତଳା ଲେଙ୍କା, ଗଗନ ସେଠୀ ଓ ବଟକୃଷ୍ଣ ମାଝି ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ଏବଂ ରନର୍ସଅପ୍‌କୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଯାଜପୁର ଇଲେଭେନ ଷ୍ଟାର ଦଳ ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୧/୨୦୧୯ Bhubaneswar, Monday, January 21/ 2019

■ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ଉଦ୍‌ଘାଟିତ

# ସତ୍ୟକୁ ଆୟୁଧ କଲେ ନ୍ୟାୟ ମିଳିବ




ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କୁଜଙ୍ଗ,୨୦।୧(ସ୍ୱ.ପ୍ର.)**

■ କୁଜଙ୍ଗବାସୀଙ୍କ ପାଇଁ ସ୍ମରଣୀୟ ଦିବସ
■ ୩୨ ବର୍ଷର ଦାବି ପୂରଣ ହେଲା
■ ଯୋଗଦେଲେ ଶତାଧିକ ଆଇନଜୀବୀ

ସତ୍ୟକୁ ଆୟୁଧ କଲେ ନ୍ୟାୟ ମିଳିବ। ଏଥିନିମନ୍ତେ ନ୍ୟାୟାଳୟରେ ସଂଯମତାର ସହିତ ତଥ୍ୟ ଓ ଯୁକ୍ତି ଉପସ୍ଥାପନା କରିବା ଆବଶ୍ୟକ ବୋଲି ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଡ. ଅକ୍ଷୟ କୁମାର ରଥ ପ୍ରକାଶ କରିଛନ୍ତି। ରବିବାର କୁଜଙ୍ଗବାସୀଙ୍କ ଦୀର୍ଘ ପ୍ରତୀକ୍ଷିତ ଅତିରିକ୍ତ ଜିଲା ଦୌରାଜଜ କୋର୍ଟ ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଷ୍ଟିସ ଡ. ରଥ ଉପରୋକ୍ତ ମତ ଦେବାସହ ନ୍ୟାୟାଳୟରେ ଶୃଙ୍ଖଳା ଓ ଆଇନଜୀବୀଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ଜିଲା ଦୌରା ଜଜ୍ ରବିନାରାୟଣ ମିଶ୍ର ଯୋଗଦେଇ ଏହି କୋର୍ଟ ଉଦ୍‌ଘାଟନ କୁଜଙ୍ଗବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିବା ସହିତ ଆଜି କୁଜଙ୍ଗକୁ ବିଚାର ବିଭାଗୀୟ ଜିଲା ମାନ୍ୟତା ମିଳିଥିବା କହିଥିଲେ। ଆୟୋଜିତ ସମାରୋହରେ କୁଜଙ୍ଗ ଓକିଲ ସଂଘ ସଭାପତି ଅନ୍ତର୍ଯାମୀ ନାରାୟଣ ଦାସଯାଦବ ଅଧ୍ୟକ୍ଷତା କରିଥିଲେ। ୩୨ ବର୍ଷର ଦାବି ପୂରଣ ହୋଇଥିବାରୁ ସେ କୁଜଙ୍ଗର ଏହି ସ୍ମରଣୀୟ ଦିବସକୁ ଓକିଲ ସଂଘ ସମେତ ଆଥ୍‌ଲେଟିକ୍ କ୍ଲବ, ଆଜାଦ୍ ହିନ୍ଦ କ୍ଲବ, ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ, ପ୍ରେସ୍ କ୍ଲବ ଓ ବିଭିନ୍ନ ସଙ୍ଗଠନକୁ ଶ୍ରେୟ ପ୍ରଦାନ କରିଥିଲେ। କୁଜଙ୍ଗ ସବ୍‌ଜଜ୍ ଅଭିଳାଷ ସେନାପତି, ସିଭିଲ୍ ଜଜ୍(ଜୁନିୟର ଡିଭିଜନ) ଅମିତାଭ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମାମୀ ବେହେରା, ଜଗତ୍‌ସିଂହପୁର ରେଜିଷ୍ଟ୍ରାର ପ୍ରଦୀପ୍ତ କୁମାର ପ୍ରଧାନ, ଓଡ଼ିଶା ହାଇକୋର୍ଟ ଆଡିସନାଲ କୋଅର୍ଡିନେଶନ ଅଥରିଟି ସତ୍ୟରଞ୍ଜନ ପ୍ରଧାନ, ଜିଲା ଲିଗାଲ ସର୍ଭିସ କମଳାକାନ୍ତ ରାଉତ, ଷ୍ଟେଟ୍ ବାର୍ କାଉନ୍‌ସିଲ ଚେୟାରମ୍ୟାନ ଟହଲି ମହାନ୍ତି ଓ ହାଇକୋର୍ଟ ବରଷ୍ଠ ଓକିଲ ଦେବରାଜ ଦାସ ସଭାରେ ଉପସ୍ଥିତ ଥିଲେ।

କୋର୍ଟ ଉଦ୍‌ଘାଟନ ପରେ ନୂତନ ବିଚାରପତି ପ୍ରଣବ କୁମାର ରାଉତରାୟ କାର୍ଯ୍ୟଭାର ଗ୍ରହଣ କରିଥିଲେ। କୁଜଙ୍ଗ କୋର୍ଟର ବରିଷ୍ଠ ଓକିଲ ସୁଶାନ୍ତ ପଟ୍ଟନାୟକ, ସତ୍ୟାନନ୍ଦ ବିଶ୍ୱାଳ, ରମେଶଚନ୍ଦ୍ର ଦାସ ଓ ଭାରତ ଭୂଷଣ ଦାସ ପ୍ରମୁଖ ମୁଖ୍ୟଅତିଥି ଜଷ୍ଟିସ ଡ. ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓକିଲ ସଂଘ ଉପସଭାପତି ଦାମୋଦର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। କୁଜଙ୍ଗ ବନବିହାରୀ ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଆଇନଜୀବୀ ରାଜକିଶୋର ଖଟୁଆ, ସଲିଳ ବୋଷ, ବୈଷ୍ଣବ ଚରଣ ଦାସ, ପୀତାମ୍ବର ପଣ୍ଡା, ହେମନ୍ତ ସାହୁ, ଚୈତନ୍ୟ ମହାପାତ୍ର, ମମତା ମହାନ୍ତି, ପ୍ରିୟମ୍ବଦା ପାଣି ଓ ସରକାରୀ ଓକିଲଙ୍କ ସମେତ ୪ କୋର୍ଟର ଶତାଧିକ ଓକିଲ, ମୋହିରର ଉପସ୍ଥିତ ଥିଲେ। ଅମୃତ ଦାସ ଧନ୍ୟବାଦ ଦେଇଥିଲେ। ଏହାପରେ ଝଙ୍କଡ଼ ଶାରଳାଙ୍କ ଘଣ୍ଟ ପାଟୁଆ ଦଳ ପଣ୍ଡିତ ରମାକାନ୍ତ ରାଉଳଙ୍କ ନେତୃତ୍ୱରେ ମହିଷମର୍ଦ୍ଦିନୀ ଓ ଦେବୀବନ୍ଦନା ନୃତ୍ୟ ପରିବେଷଣ କରିଥିଲେ।

# ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀଙ୍କୁ ମାଡ଼ ଘଟଣା: ସ୍ୱାମୀ କୋର୍ଟ ଚାଲାଣ

**ଛତିଆ,୨୦।୧(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ବୈରୀ ପଞ୍ଚାୟତ ବଗଉ ଆଦିବାସୀ ସାହିରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ମାଡ଼ ମାରିବା ଘଟଣାରେ ରବିବାର ବୈରୀ ପୋଲିସ ତାଙ୍କ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବମ୍ବେଇ ସଏ। ପ୍ରକାଶ ଯେ, ବମ୍ବେଇ ତାଙ୍କ ସ୍ତ୍ରୀ ଜାବିଙ୍କ ଚରିତ୍ରକୁ ସନ୍ଦେହ କରି ନିର୍ଦ୍ଧୂମ ପିଟିଥିଲେ। ଫଳରେ ଜାମ୍ବି ଗୁରୁତର ଅବସ୍ଥାରେ ଘରେ ପଡ଼ିରହିଥିଲେ। ଗତ ୫ ତାରିଖରେ ଜାମ୍ବିଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜାମ୍ବିଙ୍କ ଭାଇ ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। - ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

**କୋରେଇ,୨୦।୧(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ଜଣେ ମହିଳା ଶନିବାର ରାତିରେ ଚୁଲି ଲଗାଇ ସେକି ହେଉଥିବା ବେଳେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ମାୟାଧର ମିଶ୍ରଙ୍କ ସ୍ତ୍ରୀ ହେମଲତା(୫୪)। ତାଙ୍କ ଶରୀରର ୪୦ ଭାଗ ପୋଡ଼ିଯାଇଛି। ପରିବାର ଲୋକେ ପ୍ରଥମେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ଶନିବାର ରାତିରେ ପ୍ରବଳ ଥଣ୍ଡା ହେବାରୁ ହେମଲତା ଚୁଲିରେ ନିଆଁ ଲଗାଇ ସେକି ହେଉଥିଲେ। ହଠାତ୍ ତାଙ୍କ ସ୍ୱେଟରରେ ନିଆଁ ଲାଗିଯାଇଥିଲା।

### ମୁକୁନ୍ଦ ପାତ୍ର କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ଧର୍ମଶାଳା, ୨୦।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିୟର କଲେଜର ୨୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ କଲେଜର ୧୫ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ବାଳିକା ବିଭାଗରେ +୨ ପ୍ରଥମ ବର୍ଷର କଳା ଛାତ୍ରୀ ଗୀତାଞ୍ଜଳୀ ସ୍ୱାଇଁ ଓ ବାଳକ ବିଭାଗରେ +୨ ଦ୍ୱିତୀୟ ବର୍ଷ ବିଜ୍ଞାନଛାତ୍ର ବାସୁଦେବ ସାହୁ ଚାମ୍ପିୟନ୍ ହୋଇଛନ୍ତି। ଅଧକ୍ଷ ହେମନ୍ତ କୁମାର ଦାସଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବରେ ମୁକୁନ୍ଦପାତ୍ର ଡୀଗ୍ରି କଲେଜର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଧାପକ ଅଭିମନ୍ୟୁ ସାହୁ ମୁଖ୍ୟବକ୍ତା ଓ ପରିଚାଳନା କମିଟି ସଭ୍ୟ ଶରତ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ।

### ପାଟପୁର ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଧର୍ମଶାଳା, ୨୦।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତସ୍ଥିତ ପାଟପୁର ଜଳଯୋଗାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପରିଷଦ ସଭ୍ୟ ସାଗର ନାୟକ, ସରପଞ୍ଚ ବନୀନ କୁମାର ଦାସ ସମିତି ସଭ୍ୟ ସୁବ୍ରତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସିଂହପୁର,୨୦।୧(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲଙ୍କ ଅଧକ୍ଷତାରେ ସରପଞ୍ଚ ରଞ୍ଜିତା ଦାସ ମୁଖ୍ୟ ଅତିଥି, ଶିକ୍ଷାବିତ୍ ବଟକୃଷ୍ଣ ମଲିକ ମୁଖ୍ୟ ବକ୍ତାଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗତବର୍ଷ ମାଟ୍ରିକ ପରୀକ୍ଷାରେ ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ପାଇଥିବା ଛାତ୍ରୀ ସୋନାଲୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଶାଲ ରାଉତଙ୍କୁ ଦେବଭାଷା ପୁରସ୍କାର ଦିଆଯାଇଥିଲା। ନିରଞ୍ଜନ ବେଉରିଆଙ୍କ ନେତୃତ୍ୱରେ ସୁଶାନ୍ତ ଜେନା, ଅର୍ଜ୍ଜୁନ ମିଶ୍ର, ଚିତ୍ତରଞ୍ଜନ ଜେନା, ଭରତ ଭୂଷଣ ମଲିକ, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

■ ପୁଣି କାମ ଆରମ୍ଭକୁ ନେଇ ଚାଷୀ-ପୋଲିସ ମୁହାଁମୁହିଁ

# ବିରୋଧ ବେଳେ ମହିଳା ଚାଷୀ ଅଚେତ

**ଡୁବୁରୀ, ୨୦।୧(ଡି.ଏନ୍.ଏ.)**

ସୁକିନ୍ଦା ତହସିଲ ଅନ୍ତର୍ଗତ ଡୁବୁରୀ ରାଜସ୍ୱ ସର୍କଲ ଅନ୍ତର୍ଗତ ଡୁବୁରୀ ମୌଜାରେ ରେଳ ଲାଇନ ପ୍ରକଳ୍ପ କାମକୁ ନେଇ ଜମିହରାଙ୍କ ଆନ୍ଦୋଳନ ଜୋର ଧରିବାରେ ଲାଗିଛି। ଶନିବାର ରେଳପଥ ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଚାଷୀ ବନ୍ଦ କରିଦେଇଥିବାବେଳେ ରବିବାର ପୁନର୍ବାର ରେଲୱେ କର୍ତ୍ତୃପକ୍ଷ ନିର୍ମାଣସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରି କାମ ଆରମ୍ଭ କରିଥିଲେ। ଖବରପାଇ ଧମଣାଗଡ଼ିଆ, ଡୁବୁରୀ, ବାଘରାସାହି, ରଙ୍ଗାହୁଡି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ କାର୍ଯ୍ୟସ୍ଥଳକୁ ପହଞ୍ଚି ରେଲ୍ ଲାଇନ କାମକୁ ବିରୋଧ କରିଥିଲେ। ସେଠାରେ ଚାଷୀ ଓ ପୋଲିସ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏଥିରେ ଜେମାମଣି ମହନ୍ତ ନାମକ ମହିଳା ଚାଷୀ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଅସ୍ଥାୟୀ ପୋଲିସ କ୍ୟାମ୍ପକୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଜେମାମଣିଙ୍କୁ ଦାନଗଦି ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି। ଏହି ଘଟଣା ପରେ ସଂଖ୍ୟାଧିକ ମହିଳା ଚାଷୀ ନିର୍ମାଣସ୍ଥଳରେ ପ୍ଲାକାର୍ଡ ଧରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ ଧାରଣା ଦେଇଥିଲେ। ଫଳରେ ରେଲ୍‌ୱେ କାମ ପ୍ରଭାବିତ ହୋଇଥିଲା। ପ୍ରଥମେ ଜମିର ମୂଲ୍ୟ ପ୍ରଦାନ କରାଯିବା ପରେ ରେଳପଥ ନିର୍ମାଣ କାମ କରିବାକୁ ଧାରଣାରେ ମହିଳା ଚାଷୀ ଦାବି କରିଥିଲେ। ତେବେ ଗତ ୩ ଦିନ ମଧ୍ୟରେ ଏହି ଘଟଣାରେ ୨ ମହିଳା ଚାଷୀଙ୍କ ସହ ୩ଜଣ ଚାଷୀ ଗୁରୁତର ହୋଇଛନ୍ତି। ହେଲେ ଏହି ଘଟଣାର ସମାଧାନ କରିବା ପରିବର୍ତ୍ତେ ରେଲ୍‌ୱେ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନ ସହାୟତାରେ ଜୋରଜବରଦସ୍ତ ଜମି ଅଧିଗ୍ରହଣ କରୁଛନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ରେଲ୍‌ୱେ କର୍ତ୍ତୃପକ୍ଷ ଓ ପ୍ରଶାସନ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜୋର ଧରିଛି। ପ୍ରକାଶ ଯେ, ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲର ଡୁବୁରୀ ମୌଜାର ଖାତା ନମ୍ବର ୧୨୭ ପ୍ଲଟ ନମ୍ବର ୧୦୧, ୨୮ ଓ ୧ର ୫୬ ଏକର ଚାଷ ଜମିକୁ ରେଲ୍‌ୱେ କର୍ତ୍ତୃପକ୍ଷ ବିନା ମୂଲ୍ୟରେ ଜମି ଅଧିଗ୍ରହଣ କରାଯାଉଛି। ୧୨୭ ନମ୍ବର ଖାତାର ବିବାଦୀୟ ୫୬ ଏକର ଜମିରେ ନିର୍ମାଣ କାର୍ଯ୍ୟ ପାଇଁ ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଅପରପକ୍ଷେ ୧୨୭ ଖାତାର ଉପରୋକ୍ତ ୩ଟି ପ୍ଲଟର ୫୬ ଏକର ଚାଷ ଜମି ନୋଟିଫିକେଶନରୁ ବାଦ ପଡଥିବାରୁ ଚାଷୀ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ ହେଉଥିବା ବେଳାମତୀ ମହାନ୍ତ, ମିନୁ ମହାନ୍ତ, ଦେବକୀ ମହାନ୍ତ, କବିତାଅଳି ମହାନ୍ତ, ପାର୍ବତୀ ମହାନ୍ତ, ଗୋଲାପ ମହାନ୍ତ, ଶ୍ରୀମତୀ ମହାନ୍ତ, ପ୍ରମିଳା ମହାନ୍ତ, ଡଲି ମହାନ୍ତ ପ୍ରମୁଖ ମହିଳା ଚାଷୀ ଅଭିଯୋଗ କରିଛନ୍ତି।



ପୋଲିସ ପ୍ରଶାସନ ସହିତ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

**ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ**

## ଚୋରମୁହାଁ ଚାମ୍ପିୟନ

**କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ଧର୍ମଶାଳା, ୨୦।୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୪ର୍ଥ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାରବାଟିକୁ ୮୯ ରନ୍‌ରେ ପରାସ୍ତ କରି ଚୋରମୁହାଁ ପଞ୍ଚାୟତ ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ପ୍ରଥମେ ଚୋରମୁହାଁ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୯ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଜବାବରେ ବାରବାଟି ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୧୨.୫ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୮୪ ରନ୍ କରି ପରାସ୍ତ ହୋଇଥିଲା। ଇନ୍ତେକାବ୍ ଆଲମ୍ ଓ ଅମରେଶ ପରିଡା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର୍‌ରେ ସହାୟତା କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ ପାଇଁ ଆନନ୍ଦ ବେରେରାଙ୍କୁ ମ୍ୟାନ୍ ଅଫ ଦି ସିରିଜ, ପପି ଜେନାଙ୍କୁ ଉତ୍ତମ ବ୍ୟାଟ୍ସ ମ୍ୟାନ୍ ଓ ଉତ୍ତମ ବୋଲର୍ ଭାବେ ଅମରେଶ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ରୀତା ତରାଇ ଯୋଗଦେଇଥିଲେ। ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ବିଜେଡି ଯୁବ ସଭାପତି ଅମରେଶ ପତ୍ରୀ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅଫ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରଭାତ ବଳବନ୍ତରାୟ ଚଳିତ ଟୁର୍ନାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଖେଳାଳୀ ଓ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

## ଦିବ୍ୟାଙ୍ଗଙ୍କ ବିକାଶ ନିମନ୍ତେ ସାଧାରଣ ସଭା

**ସିଂହପୁର, ୨୦।୧(ଡି.ଏନ୍.ଏ.)**

ଦିବ୍ୟାଙ୍ଗଙ୍କ ବିକାଶ ନିମନ୍ତେ ଜାତୀୟ ଦିବ୍ୟାଙ୍ଗ ବିକାଶ ସଂଗଠନ, ସିଂହପୁର ପକ୍ଷରୁ ଶନିଶ୍ଚର ମନ୍ଦିର ପରିସରରେ ଶନିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି ଆଦିତ୍ୟ ପଣ୍ଡା ସଭାପତିତ୍ୱ କରିଥିଲେ। ଦିବ୍ୟାଙ୍ଗ ଭାଗବତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଗଠନର ସଂପାଦକ ସଂଗ୍ରାମ କେଶରୀ ବେଉରିଆ ଶୀତ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ରାଶନ କାର୍ଡ, ଦିବ୍ୟାଙ୍ଗ ଭତ୍ତାର ବ୍ୟବସ୍ଥା ଥିବାବେଳେ ବହୁ ଦିବ୍ୟାଙ୍ଗ ସେଥିରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସମ୍ପାଦକ ବେଉରିଆ ମତବ୍ୟକ୍ତ କରିଥିଲେ। ଦିବ୍ୟାଙ୍ଗ ନିରଞ୍ଜନ ପଣ୍ଡା, ଅଭୟ ସାହୁ, ନିର୍ମଳ ବେହେରା, ଅଜୁ ଦଳାଇ, ମାଗୁ ଦଳାଇ, ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଫେବୃୟାରୀରେ ଆଇନ ଅମାନ୍ୟ ଆନ୍ଦୋଳନ

**କୃଷକ ସଂଗଠନର ବ୍ଲକ ସ୍ତରୀୟ ସଭା**

**ଧର୍ମଶାଳା , ୨୦।୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ମେଲଣ ପଡ଼ିଆରେ ରବିବାର ନବ ନିର୍ମାଣ କୃଷକ ସଂଗଠନର ବ୍ଲକ ସ୍ତରୀୟ ସାଂଗଠନିକ ସଭା କୃଷକ ନେତା ବସନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀର ହକ୍ ପାଇବାକୁ ଆଉ ବେଶୀ ବିଳମ୍ବ ହେବ ନାହିଁ। ଦୀର୍ଘ ୮ବର୍ଷ ଧରି ଚାଲିଥିବା ଆନ୍ଦୋଳନକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଓଡ଼ିଶାର ସମସ୍ତ ଚାଷୀକୂଳ ଯେଭଳି ଅକୁଣ୍ଠ ସମର୍ଥନ ଦେଇଛନ୍ତି। ସେଥିପାଇଁ ରାଜନୈତିକ ଗୋଷ୍ଠୀଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଏହାକୁ ଆହୁରି ଯୋରଦାର କରିବା ପାଇଁ ଆସନ୍ତା ଫେବୃୟାରୀ ଆରମ୍ଭରୁ ସମଗ୍ର ରାଜ୍ୟର ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଅକ୍ଷ କୁମାର କହିଛନ୍ତି । ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ଧର୍ମଶାଳା ସଂଗଠନ ବିସ୍ତାର ଉପରେ ସୂଚନା ଦେଇ ଗ୍ରାମ ଓ ବ୍ଲକ ସ୍ତରରେ ଥିବା ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସନ୍ତା ୨୮ରେ କଦମପାଳଠାରେ ଅନୁଷ୍ଠିତ ହେବାକୁ ଥିବା କୃଷକ ସମାବେଶକୁ ସଫଳ କରିବାକୁ ସମସ୍ତ ନେତୃ ମଣ୍ଡଳୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ନୂତନ କମିଟି ସଂଯୋଜକ ଭାବେ ହେମନ୍ତ ଦୋରା ଓ ଉପାଦେଷ୍ଟା ଭାବେ କୀର୍ତ୍ତନ ବରାଳ, ଲୋକ ନାଥ ପଲେଇ, ଶ୍ୟାମ ସୁନ୍ଦର ବାରିକ, ସୂର୍ଯ୍ୟମଣି ସାମଲ ଓ କିଶୋର ବେହେରାଙ୍କୁ ମନୋନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କିଶୋର ଜେନା, ଅଖିଳ ସ୍ୱାଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ଜଳ ବିଭାଜିକା ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

# ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ

**କାଳିଆପାଣି, ୨୦।୧(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଜଳ ବିଭାଜିକା ବିଭାଗରେ ବ୍ୟାପକ ଦୁର୍ନୀତି ହେଇଥିବା ଅଭିଯୋଗ ହୋଇଛି। ବ୍ଲକର ପାଣି ଟାଙ୍ଗର ନାଳ, ଭୀମର ବନ୍ଧ ନାଳ, ଆମ୍ବଝର ନାଳ, ବାଇବନ୍ଧ ନାଳ, ପୁରିଆଝର ନାଳ, କାଞ୍ଜିଆଗୋଡ଼ ନାଳ, ଦେଶବନ୍ଧ ନାଳ, ମହାଗୀରି ନାଳକୁ ନେଇ ୮ଟି କ୍ଷୁଦ୍ରଜଳ ବିଭାଜିକା କମିଟି ଗଠନ କରାଯାଇଛି। କିନ୍ତୁ କମିଟିଗୁଡିକରେ ଅନେକ ସମୟରେ ପ୍ରକଳ୍ପ କାର୍ଯ୍ୟ କରା ନ ଯାଇ ମଧ୍ୟ ବିଲ୍ କରାଯାଉଛି। ଏହାକୁ ନେଇ ମାନବ ଅଧିକାର ମଞ୍ଚ ରାଜ୍ୟ ମହିଳା ସଭାନେତ୍ରୀ ଗିତାଞ୍ଜଳୀ ମହାନ୍ତ ଓ ସୁକିନ୍ଦା ବ୍ଲକ ଜଳ ବିଭାଜିକା ବ୍ଲକ ସମ୍ପାଦକ ଲମ୍ବୋଦର ମହାନ୍ତ ଘଟଣାର ଅଧିକ ପାଇଁ କିଛି ଦିନ ତଳେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

ସୁକିନ୍ଦା ବ୍ଲକରେ ଜଳ ବିଭାଜିକାର ପ୍ରକଳ୍ପ କାର୍ଯ୍ୟ ୨୦୧୩ରୁ ଆରମ୍ଭ କରାଯାଇଛି। କିନ୍ତୁ ଜଳ ବିଭାଜିକା ଅଧୀନରେ କରାଯାଉଥିବା ସମସ୍ତ ପ୍ରକଳ୍ପଗୁଡ଼ିକରେ ସୂଚନା ଫଳକ ଲଗାଯାଇ ନାହିଁ। କମିଟି ଅଧୀନରେ ରହିଥିବା ପ୍ରକଳ୍ପଗୁଡ଼ିକର ବାର୍ଷିକ ଅନୁଦାନର ବ୍ୟୟ ଅଟକଳ ଉପରେ ସଭାପତି ଓ ସମ୍ପାଦକ ତଥ୍ୟ ପ୍ରଦାନ କରି ପାରୁ ନାହାନ୍ତି। ଏହାକୁ ନେଇ କମିଟି ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ କାର୍ଯ୍ୟ ଆରମ୍ଭ ଦିନରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜମାଖାତା(ପାସ୍‌ବୁକ), କ୍ୟାସବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରଦାନ କରାଯାଇ ନ ଥିବାରୁ ଏପରି ଯୋଇଥିବା କମିଟି ସଭାପତି ଓ ସମ୍ପାଦକ କହିଛନ୍ତି। ଅପରପକ୍ଷେ ଜଳ ବିଭାଜିକାର ସମସ୍ତ କାର୍ଯ୍ୟ କମିଟି ମାଧ୍ୟମରେ ସମ୍ପୂର୍ଣ୍ଣ ହେବାର ନିୟମ ରହିଛି । ହେଲେ ବିଭାଗୀୟ ଅଧିକାରୀ ପିଆଇଏ ହବିବୁର ରେହେମାନ ଖାନ ଚଣ୍ଡିଖୋଲରୁ ଜେସିବି ମେସିନ, ମାଙ୍କଡ଼ାପଥର, ବାଲି, ସିମେଣ୍ଟ, ପାଇପ ପ୍ରଭୃତି ଆଣି ନିଜେ ଠିକାଦାରୀ କରୁଥିବା କମିଟିର କେତେଜଣ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି । ଗତବର୍ଷ ଏହାକୁ ନେଇ ଓସ୍ତିଆ ଗ୍ରାମଠାରେ ଗ୍ରାମବାସୀ ଜଳବିଭାଜିକ କାର୍ଯ୍ୟକୁ ବନ୍ଦ କରିବା ସହ ମେସିନକୁ ଜବତ କରିଥିଲେ। ଚଳିତ ବର୍ଷ ବିଭାଗ ଅଧୀନରେ ୭ଟି ପ୍ରକଳ୍ପ ମଧ୍ୟରୁ ଏକ ମାତ୍ର ଗୁରୁଜଙ୍ଗ ଗ୍ରାମନିକଟ ଆମ୍ବଝର ନାଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଏଥିରେ ମଧ୍ୟ ବ୍ୟାପକ ବହୁ ଦୁର୍ନୀତି ହୋଇ ଥିବା କେତେଜଣ କମିଟି କର୍ମ କର୍ତ୍ତା ନାମ ଗୋପନ ରଖି କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ହବିବୁର ରେହେମାନ ଖାନଙ୍କୁ ପଚାରିବାରୁ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏ ଘଟଣାର ତୁରନ୍ତ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଜଳ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭାଜପା ଯୁବନେତା ଦିଲୀପ କୁମାର ପାତ୍ର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣ୍ଡୁ ମୁତୁଣ୍ଡୁ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଶ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଆର୍‌ଆର ଇଭେଣ୍ଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

## କାମାକ୍ଷାନଗର ଚାମ୍ପିୟନ

**କାଳିଆପାଣି, ୨୦।୧(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅନଳ ଗ୍ରାମରେ ଆୟୋଜିତ ଆର୍‌ଆର ଇଭେଣ୍ଟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଧବଳଗିରୀ କ୍ରୀକେଟ କ୍ଲବ ଏବଂ କାମାକ୍ଷାନଗର କ୍ରିକେଟ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କାମାକ୍ଷାନଗର ଦଳ ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ଧବଳଗିରୀ କ୍ରିକେଟ କ୍ଲବ ନର୍ଦ୍ଧାରିତ ୨୪ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ କାମାକ୍ଷାନଗର କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୨ ଓଭର୍‌ରେ ୬ଟି ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହକରି ବିଜୟ ହାସଲ କରିଥିଲା। ବିଜୟୀ ଦଳର ପପୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ପ୍ରଦୀପ୍ତ ରାଉତଙ୍କୁ ବିବେଚିତ କରାଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆରଆରଇଭେଣ୍ଟ ନିର୍ଦ୍ଦେଶକ ତଥା ଚଳଚିତ୍ର ନିର୍ଦ୍ଦେଶକ ରମାକାନ୍ତ ବାରିକ ଯୋଗଦେଇ ବିଜୟୀ କାମାକ୍ଷାନଗର କ୍ରିକେଟ୍ କ୍ଲବ ସୁକିନ୍ଦାକୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଭୂବନ ବ୍ଲକ ଉପାଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ସରପଞ୍ଚ ରମେଶ ସାହୁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଆତଶି ରାଉତ, ଶ୍ରୀଧର ମାର୍ଦ୍ଧା, ନାୟିକା ରିୟା ରାୟ ପ୍ରମୁଖ ଯୋଗଦେଇ ରନ୍ସଅଫ ଦଳକୁ ପୁରସ୍କୃତ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର୍ ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ
କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଜାଗାରୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### କାର୍ ପଛରେ ପିଟି ହେଲା ହାଇୱା, ଜଣେ ଗୁରୁତର

**କୋରେଇ,୨୦।୧(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଚନ୍ଦପୁର ଛକ ନିକଟରେ ରବିବାର ଅପରାହ୍ନ ୪ଟାରେ ଏକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପ୍ରକାଶ ଯେ, ରାସ୍ତା ଉପରକୁ ଏକ ଗାଈ ପଳାଇ ଆସିବାରୁ ସ୍କୁଟି ଚାଳକ ବ୍ରେକ ମାରି ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ କାର୍ ସ୍କୁଟି ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବ୍ରେକ ମାରିବାରୁ ସ୍କୁଟିରେ ପିଟି ହୋଇଯାଇଥିଲା। ପଛରୁ ଆସୁଥିବା ଏକ ହାଇୱା କାର୍ ପଛରେ ପିଟି ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ହାଇୱା ଡ୍ରାଇଭରଙ୍କୁ ଅଟକ ରଖିଛି। ଏପର୍ଯ୍ୟନ୍ତ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

### ହିତାଧିକାରୀଙ୍କୁ ସହାୟତା ପ୍ରଦାନ

**କୋରେଇ,୨୦।୧(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦଲୋ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୁରେଖା ସେଠୀ ଅଧକ୍ଷତା କରିଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତର ୯ ଜଣ ବରିଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ବହୁ ଭୂମିହୀନଙ୍କୁ ଜମିପଟ୍ଟା, ଭତ୍ତା ଆଦି ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାରୁ ବାଦ ପଡ଼ିଥିବା ବହୁ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିଥିଲେ। ଗୋପବନ୍ଧୁ ଯୋଜନାରେ ୪ ଜଣଙ୍କୁ ଭତ୍ତା, ୧୪ ଜଣ ଭୂମିହୀନଙ୍କୁ ଜିମପଟ୍ଟା, ୧୦ ଜଣଙ୍କୁ ସୁନେତ୍ର ଯୋଜନାରେ ଚଷମା, ୧୩ଟି ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ବହୁ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ପ୍ରଦାନ କରିଥିଲେ। ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ୍ ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ପୁଷ୍ପଲତା ପରିଡ଼ା, ରଣପାଳ ଆର୍ଆଇ ବସନ୍ତ ଦେହୁରୀଙ୍କ ସମେତ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ।

### ବିଜେଡିରେ ଯୋଗଦେଲେ ଭାଜପା ନେତା

**ଦଶରଥପୁର,୨୦।୧(ଡିଏନ୍ଏ):** ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା କର୍ୟାଁ, କମାରଡିହ ଓ ନିଜାମପୁର ପଞ୍ଚାୟତର କେତେଜଣ ପୂର୍ବତନ ଜନପ୍ରତିନିଧି ଓ ଦଳୀୟ ସଂଗଠକ ଶନିବାର ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ନିଜାମପୁର ପଞ୍ଚାୟତର ବିଜେଡି ଯୁବନେତା ବାପି ପରିଡାଙ୍କ ନେତୃତ୍ୱରେ ଉକ୍ତ ପଞ୍ଚାୟତର ପ୍ରାକ୍ତନ ଜିଲାପରିଷଦ ସଭ୍ୟା ସୁଷମା ଯେନା, ଯୁବ ସଂଗଠକ କପିଳ ଯେନା, ବିବେକାନନ୍ଦ ପାତ୍ର, ପିତବାସ ପରିଡା ପ୍ରମୁଖ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତିରେ ଯାଜପୁର ବିରଜାମଣ୍ଡପଠାରେ ବିଜେଡିରେ ଯୋଗଦେଇଛନ୍ତି। ସେହିପରି କମାରଡିହ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ପୃଷ୍ଟି, କର୍ୟାଁ ପଞ୍ଚାୟତର ଭାଜପା ସଂଗଠକ ଦିଲୀପ୍ ଜେନାଙ୍କ ସମେତ ୩ ପଞ୍ଚାୟତର ବହୁକର୍ମୀ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି। ବିରଜା ମଣ୍ଡପଠାରେ ବିଧାୟିକା ମଲ୍ଲିକ୍ ନୂତନ ଭାବେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ସ୍ୱାଗତ କରିଥିଲେ।

■ ବିସ୍ଥାପିତଙ୍କ ଦାବି ଉପରେ ପ୍ରଶାସନର ହସ୍ତକ୍ଷେପ

# ସ୍ଥଗିତ ରହିଲା ଆନ୍ଦୋଳନ

**ଯାଜପୁର ଅଫିସ,୨୦।୧**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍ଟିସି, ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମରେ ହେବାକୁ ଥିବା ବିସ୍ଥାପିତଙ୍କ ଆନ୍ଦୋଳନ ସ୍ଥଗିତ ରହିଛି। ଜିଲା ପ୍ରଶାସନର ହସ୍ତକ୍ଷେପ ଓ କାରଖାନା କର୍ତ୍ତୃପକ୍ଷଙ୍କୁ ତାଗିଦ ପରେ ଆନ୍ଦୋଳନକାରୀ ବିସ୍ଥାପିତମାନେ ଶନିବାର ରାତିରେ ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ସୋମବାର ହେବାକୁ ଥିବା ବିସ୍ଥାପିତ ଆନ୍ଦୋଳନ ଏକ ପ୍ରକାର ଅଟକି ଯାଇଛି। ଅନ୍ୟପକ୍ଷେ ପ୍ରଶାସନର ପ୍ରତିଶ୍ରୁତି ଅନୁଯାୟୀ ଦାବି ପୂରଣ ନ ହେଲେ ଆସନ୍ତା ୨୮ରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ୧୫ ଦଫା ଦାବି ନେଇ କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଗତ ୧୩ ତାରିଖରେ କାରଖାନା କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଥିଲା।



ହେଲେ କାରଖାନା କର୍ତ୍ତୃପକ୍ଷ ଏନେଇ କମିଟି ସହ କୌଣସି ଆଲୋଚନା କରି ନ ଥିଲେ। ଫଳରେ କମିଟି ପକ୍ଷରୁ ଆସନ୍ତା ୨୧ରେ କାରଖାନାର ସମସ୍ତ ୩ଟି ଫାଟକକୁ ଅବରୋଧ କରାଯିବ ବୋଲି ନୋଟିସ ଜାରି କରିଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କମିଟିର ସଭ୍ୟବୃନ୍ଦ, ନୀଳାଚଳ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ ପ୍ରଶାସନ ପକ୍ଷରୁ ସୁକିନ୍ଦା ଅତିରିକ୍ତ ତହସିଲଦାର ଅସିତ କୁମାର ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଏସ୍ପି ରାଜକିଶୋର ଦୋରା ଓ କଳିଙ୍ଗନଗର ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ନୀଳାଚଳ କମ୍ପାନୀ ପକ୍ଷରୁ ଡିଜିଏମ୍ ଗୌତମ କୁମାର ରଥ, ସୁରକ୍ଷା ଅଧିକାରୀ ସ୍ୱାଧୀନ ପଣ୍ଡା, ବରିଷ୍ଠ ପରିଚାଳକ କମଳେସ ମହାପାତ୍ର ଓ ମାନସ ରଞ୍ଜନ ଖଟେଇ ଏବଂ ବାସଚ୍ୟୁତ କମିଟି ପକ୍ଷରୁ ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି ଓ ମନୋଜ ଟୁଡୁ ଉପସ୍ଥିତ ଥିଲେ। ବୈଠକ ଆଲୋଚନାରେ ନୀଳାଚଳ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଉଦାସୀନତାକୁ ନେଇ ପ୍ରଶାସନ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ୨୮ତାରିଖ ସୁଦ୍ଧା ଆପୋଷ ବୁଝାମଣା କରି ସମସ୍ୟାର ସମାଧାନ କରିବାକୁ ତାଗିଦ କରିଥିଲେ। ଏହାପରେ ପ୍ରସ୍ତାବିତ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି କମିଟି ପକ୍ଷରୁ ଘୋଷଣା ହୋଇଥିଲା।

**ନୀଳାଚଳ କମ୍ପାନୀ**
- ଦାବି ପୂରଣ ନ ହେଲେ ୨୮ରେ ଅବରୋଧ
- କମ୍ପାନୀର ଅବହେଳାକୁ ନେଇ ପ୍ରଶାସନର ତାଗିଦ

ସୂଚନାଯୋଗ୍ୟ ଯେ, ନବେ ଦଶକରୁ କଳକାରଖାନା ପ୍ରତିଷ୍ଠା ପାଇଁ ଅତି କମ୍ ମୂଲ୍ୟରେ ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଶିଳ୍ପପତିଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଛି। ତେଣୁ ଜମି ହରାଇଥିବା ବିସ୍ଥାପିତଙ୍କୁ ବଂଶାନୁକ୍ରମେ ନିଯୁକ୍ତି, ୨୦ ବର୍ଷରୁ ଊର୍ଦ୍ଧ୍ୱ ଜବରଦଖଲ ହୋଇଥିବା ଜମିକୁ ଭୂଅର୍ଜନ ଆଇନ ୧୮୯୪ରେ ଅନ୍ତର୍ଭୁକ୍ତ କରାଯାଇ ଏକର ପିଛା ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯୋଗାଇ ଦେବାକୁ ଦାବି ହୋଇଛି। ନୀଳାଚଳ ଅଧିଗ୍ରହଣ ସମୟରେ ୧୭-୨୦ ବର୍ଷ ବିବାହିତ ହୋଇଥିବା ବ୍ୟକ୍ତିଙ୍କୁ ଏକ ପରିବାର ମାନ୍ୟତା ନିଆଯାଇଛି। ସେହିପରି ୧୮-୩୦ ବର୍ଷ ପର୍ଯ୍ୟନ୍ତ ସାବାଳକ ପୁଅଙ୍କୁ ଏକ ପରିବାର ମାନ୍ୟତା ଦେବା, ବିସ୍ଥାପିତ ଦିନଠାରୁ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ମାସିକ ୬ହଜାର ଟଙ୍କା ଭତ୍ତା ପ୍ରଦାନ, ସ୍ଥାନୀୟ ବାସଗୃହ ନିର୍ମାଣ ବାବଦକୁ ବର୍ଦ୍ଧିତ ଅର୍ଥ ରାଶି ୧ଲକ୍ଷ ୩୧ହଜାର ପ୍ରଦାନ, ନିଯୁକ୍ତି ପାଇ ନ ଥିବା ବିସ୍ଥାପିତ ପରିବାରଙ୍କୁ ତୁରନ୍ତ ନିଯୁକ୍ତି, ଚାକିରି କାଳରେ ମୃତ୍ୟୁବରଣ କରିଥିବା ବିସ୍ଥାପିତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ ସୁବିଧା, ନୀଳାଚଳ କଲୋନୀରେ ରାସ୍ତା ଏବଂ ଡ୍ରେନ ମରାମତି ସହ ଶ୍ମଶାନ ଓ ଖେଳ ପଡିଆ ବ୍ୟବସ୍ଥା ଆଦି କରିବାକୁ ଦାବି ହୋଇଛି। ତେବେ ଆଲୋଚନାରେ ନୀଳାଚଳ କମ୍ପାନୀର ଡିଜିଏମ ରଥ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସହିତ ଆଲେଚନା କରି ସମୟ ନେଇ ବିସ୍ଥାପିତଙ୍କ ଦାବି ସମୂହକୁ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ।

### ମଦ ସହ ପିକ୍ଅପ୍ ଭ୍ୟାନ୍ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ,୨୦।୧(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥ ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଛକ ନିକଟରୁ ଶନିବାର ରାତିରେ ବଡ଼ଚଣା ପୋଲିସ ୧୪୯ ପେଟି ବିଦେଶୀ ମଦ ଓ ଏକ ପିକ୍ଅପ୍ ଭ୍ୟାନ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗାଡ଼ି ଚାଳକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ମଙ୍ଗଳ ପିଙ୍ଗୁଆ। ପ୍ରକାଶ ଯେ, ମଙ୍ଗୁଳିସ୍ଥିତ ସରକାରୀ ମଦ ଗୋଦାମରୁ ଏକ ପିକ୍ଅପ୍ ଭ୍ୟାନ୍ (ଓଆର-୦୫-ଏଏସ-୬୧୨୫) ୧୪୯ ପେଟି ବିଦେଶି ମଦ ନେଇ କଟକର ଚାନ୍ଦିନୀ ଚୌକସ୍ଥିତ ଏକ ମଦ ଦୋକାନକୁ ଯିବା କଥା। ହେଲେ ଗାଡ଼ିଟି କଟକ ନ ଯାଇ କେନ୍ଦ୍ରାପଡ଼ା ଅଭିମୁଖେ ଆସିବାରୁ କୌଣସି ସୂତ୍ରରୁ ଖବରପାଇ ବଡ଼ଚଣା ପୋଲିସ କଡ଼େଇ ଛକ ନିକଟରେ ଭ୍ୟାନ୍ ଅଟକାଇଥିଲା। କାଗଜପତ୍ର ମାଗିବା ପରେ ଏହି ମଦଗୁଡ଼ିକ ଚାନ୍ଦିନୀଚୌକସ୍ଥିତ ଏକ ଦୋକାନର ବୋଲି ଜଣାପଡ଼ିଥିଲା। ଏ ନେଇ ପୋଲିସ ଏକ ମାମଲା (୧୧/୧୯) ରୁଜୁ କରିଛି। ଏହି ଚଢାଉରେ ଏଏସଆଇ ଗୋବିନ୍ଦ ମିଶ୍ର, ସୟଦ ଖାଁ, ଚନ୍ଦନ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସୋମବାର ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

■ ଜିଲା ପୋଲିସର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

## ଜିଲା ପୋଲିସ ବିଜୟୀ

**କୋରେଇ,୨୦।୧(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ରବିବାର ଜିଲା ପୁଲିସ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏସ୍ପି ଚରଣ ସିଂ ମୀନା ମ୍ୟାଚ୍ ଉଦ୍ଘାଟନ କରିଥିଲେ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ୧୬୪ ରନ କରିଥିଲା। ଜବାବରେ ଜିଲା ପୋଲିସ ବାହିନୀ ୧୧.୨ ଓଭରରେ ୨ ଉଇକେଟ ହରାଇ ୧୬୬ ରନ୍ କରି ବିଜୟୀ ହୋଇଥିଲା। ଜିଲା ପୋଲିସର ରାଜେଶ ବଳ ୨ଟି ଉଇକେଟ ନେବା ସହ ବ୍ୟକ୍ତିଗତଭାବେ ୫୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଡିଏସ୍ପି ପ୍ରଦୀପ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି ଓ ସିଆଇଏସଏଫର କମାଣ୍ଡର ଏନ.ସି ରାଣା ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲା ପୋଲିସ ଖେଳ ପରିଚାଳନା କରିଥିଲେ।

### ଧର୍ମପରାୟଣାଙ୍କ ପରଲୋକ

**ସିଂହପୁର,୨୦।୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ଗ୍ରାମର ଧର୍ମପରାୟଣା ମହିଳା ପ୍ରେମଲତା ସାମଲଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହୀ, ଦରଦି ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, କବି ବଟକୃଷ୍ଣ ପଣ୍ଡା, ଖବରଦାତା ଅନିରୁଦ୍ଧ ବେଉରିଆ, ପ୍ରଧାନ ଶିକ୍ଷକ ସରୋଜ ମଲିକ, ରତିକାନ୍ତ ସାମଲ, ସଂଗୀତଜ୍ଞ ଦିନେଶ ମଲିକ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ହାଇୱା ଧକ୍କାରେ ବାପ ମୃତ, ପୁଅ ଗୁରୁତର

■ ରାଜପଥ ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

**ଯାଜପୁରରୋଡ/କୋରେଇ, ୨୦।୧(ନି.ପ୍ର./ସ୍ୱ.ପ୍ର.)**

୨୦ନଂ. ଜାତୀୟ ରାଜପଥ ବେଣାପୁର ବାଇପାସ୍ ଛକ ନିକଟରେ ରବିବାର ଅପରାହ୍ନ ୫ଟାରେ ଏକ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ନନ୍ଦ ମୁଣ୍ଡା (୫୦) ଓ ଗୁରୁତର ହେଉଛନ୍ତି ତାଙ୍କ ପୁଅ କୁନୁ (୨୫)। ସ୍ଥାନୀୟ ଲୋକେ କୁନୁଙ୍କୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କୁନୁଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ବାପ, ପୁଅ ଯାଜପୁରରୋଡରୁ ବାଇକ୍ ଯୋଗେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦାସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ଏହି ସମୟରେ ପାଣିକୋଇଲି ଆଡୁ ଆସୁଥିବା ଏକ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମୃତକଙ୍କୁ କ୍ଷତିପୂରଣ ଦେବା ସହ ବାଇପାସ୍ ପୁନଃନିର୍ମାଣ ଦାବିରେ ବେଣାପୁର ବାଇପାସ୍ ଛକରେ ଟାୟାର ଜାଳି ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ବାଇପାସ୍ ୫ଟି ରାସ୍ତାକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଖବରପାଇ ଯାଜପୁରରୋଡ ଏସ୍ଡିପିଓ କେଦାରନାଥ ସାହୁ, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର ଓ କୋରେଇ ଥାନାଧିକାରିଣୀ ଚିନ୍ମୟୀ ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏସ୍ଡିପିଓ ସାହୁ କହିଛନ୍ତି, ମଙ୍ଗଳବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ବୁଧବାର ସୁଦ୍ଧା ଦୁଇ ବାଇପାସ୍ ଛକରେ ଟ୍ରାଫିକ୍ ପୋଲିସ୍ ମୁତୟନ କରିବା ସହ ରାସ୍ତାରେ ହମ୍ପ୍ସ ଓ ନକ୍ସା ପ୍ରସ୍ତୁତ କରି ରାସ୍ତା ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଏହା କରା ନ ଗଲେ ସ୍ଥାନୀୟ ଲୋକେ ୨୦ନଂ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ସର୍ବଭାରତୀୟ ସ୍ତରରେ ଶାଶ୍ୱତୀ ସମ୍ବର୍ଦ୍ଧିତ

**କୋରେଇ,୨୦।୧(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଯାଜପୁର ଜବାହର ନବୋଦୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଶାଶ୍ୱତୀ ପୁହାଣ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ପେଟ୍ରୋଲିୟମ ସଂରକ୍ଷଣ ଓ ଅନୁସନ୍ଧାନ ସଂସ୍ଥା ଦ୍ୱାରା ଆୟୋଜିତ ଜାତୀୟ ସକ୍ଷମ ପ୍ରତିଯୋଗିତା-୨୦୧୮ ବରିଷ୍ଠ ବର୍ଗର ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶାଶ୍ୱତୀ ହେଉଛନ୍ତି ପାଣିକୋଇଲି ଥାନା ଅନ୍ତର୍ଗତ ନଛିପୁର ଗ୍ରାମର। ସେ ଦାନଗଦୀ ମାଣତିରୀ ୟୁଜିଏମଇ ସ୍କୁଲର ରାଜ୍ୟ ପୁରସ୍କାରପ୍ରାପ୍ତ ସହକାରୀ ଶିକ୍ଷକ ତାରିଣୀ ପ୍ରସାଦ ପୁହାଣ ଓ ଶିକ୍ଷୟିତ୍ରୀ ବ୍ରଜମୋହିନୀ ମୁଦୁଲିଙ୍କ ଜ୍ୟେଷ୍ଠା କନ୍ୟା। ଦିଲ୍ଲୀର କନ୍ଷ୍ଟିଚ୍ୟୁଶନ କ୍ଲବର ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପେଟ୍ରୋଲିୟମ ସଂରକ୍ଷଣ ଓ ଅନୁସନ୍ଧାନ ସଂସ୍ଥା ନିର୍ଦ୍ଦେଶକ ଆଲୋକ ତ୍ରିପାଠୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆସନ୍ତା ମେରେ ସିଙ୍ଗାପୁର ଭ୍ରମଣ ପାଇଁ ବିଭାଗ ତରଫରୁ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ଗ୍ରାମ ନଛିପୁରା ଓ ଜବାହାର ନବୋଦୟ ବିଦ୍ୟାଳୟରେ ଆନନ୍ଦର ଲହରି ଖେଳିଯିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଭବିଷ୍ୟତରେ ବୈଜ୍ଞାନିକ ହେବାର ଆଶା ରଖିଛନ୍ତି ଶାଶ୍ୱତୀ। ଶାଶ୍ୱତୀ ତାଙ୍କର ଶ୍ରେୟ ପାଇଁ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବାପା, ମା' ଓ ଜଗନ୍ନାଥଙ୍କ ଅପାର କରୁଣା ରହିଛି ବୋଲି କହିଛନ୍ତି।



ଶାଶ୍ୱତୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍: ସେମିରେ ଭଦ୍ରକ ରେଲ୍ୱେ

**କୋରେଇ,୨୦।୧(ସ୍ୱ.ପ୍ର.)**

ତରାପୁରସ୍ଥିତ ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ତରାପୁର ଖେଳପଡିଆରେ ଚାଲିଥିବା ୨୧ତମ ମା' ହିଙ୍ଗୁଳା କପ୍‌ର ୪ର୍ଥ କ୍ୱାର୍ଟ ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲାର ଆର୍ୱାଇସିସି ଓ ଭଦ୍ରକ ରେଲୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୩.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୭୫ ରନ୍ କରିଥିଲା। ଜବାବରେ ଭଦ୍ରକ ରେଲୱେ ୧୨.୩ ଓଭରରେ ୪ ଉଇକେଟ୍ ହରାଇ ଧାର୍ଯ୍ୟଲକ୍ଷ୍ୟ ହାସଲ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଲକ୍ଷ୍ମୀନଗର ପଞ୍ଚାୟତ ଯୁବ ବିଜେଡି ସଭାପତି ରମାକାନ୍ତ ବେହେରା ଅତିଥିଭାବେ ଯୋଗଦେଇ ଭଦ୍ରକର ବୋଲର ରମାକାନ୍ତ ମହାରଣାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍‌ଭାବେ ପୁରସ୍କୃତ କରିଥିଲେ। ସୋମବାର ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ ଭଦ୍ରକ ରେଲୱେ ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ।



## ପ୍ରସିଦ୍ଧ ତାରିଣୀ ମହାଯଜ୍ଞ ଉଦ୍‌ଯାପିତ

**ଚଣ୍ଡିଖୋଲ,୨୦।୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ାଠାରେ ମା' ତାରିଣୀଙ୍କ ଏକାଦଶ ବାର୍ଷିକୋତ୍ସବ ଅବସରରେ ୩ଦିନ ଧରି ଚାଲିଥିବା ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମା'ଙ୍କ ଯଜ୍ଞ ପୂର୍ବରୁ ଅଙ୍କୁରାରୋପଣ କରାଯାଇଥିଲା। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସଯାତ୍ରାରେ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଗୋ ପୂଜା, ସୂର୍ଯ୍ୟପୂଜା, ଅନ୍ନଯଜ୍ଞ, ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମରେନ୍ଦ୍ର ମାହାଲାଙ୍କ ପରିଚାଳନାରେ ଆୟୋଜିତ ଏହି ସମାରୋହରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଏସ୍ପି ଅକ୍ଷୟ କୁମାର ଦାସ, ସାମାଜିକ କର୍ମୀ ଡିକେ ରାଓ, ଦର୍ପଣ ତହସିଲଦାର ଅଶୋକ ଦାସ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଚଣ୍ଡିଖୋଲ ପ୍ରେସ କ୍ଲବ ସଭାପତି ପ୍ରଦୀପ୍ତ କୁମାର ପରିଡ଼ା, ପ୍ରଦୀପ୍ତ କୁମାର ପୃଷ୍ଟି, ମନମୋହନ ରାଉତ, ଅନିରୁଦ୍ଧ ସାମନ୍ତରାୟ, ପ୍ରସନ୍ନ କୁମାର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ବିଶିଷ୍ଟ ସଂକୀର୍ତ୍ତନ ଶିକ୍ଷକ ରତ୍ନାକର ବଳ, ଅଭିରାମ ସ୍ୱାଇଁ ଓ ଯାତ୍ରା କଳାକାର କାହ୍ନୁ ବାରିକଙ୍କ ସହ ଡାକ୍ତର ସଂଗ୍ରାମ ମହାପାତ୍ର ଓ ସଞ୍ଜିତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ କମିଟି ସଭାପତି ଅମିୟ ମାହାଲା, ସଞ୍ଜୟ କୁମାର ସ୍ୱାଇଁ, ଅକ୍ଷୟ କୁମାର ବ୍ରହ୍ମ, ଖବରଦାତା ବସନ୍ତ ପଲେଇ, କିଶୋର ମହାପାତ୍ର, ଅକ୍ଷୟ ସ୍ୱାଇଁ, ନଟବର ସାହୁ, ପ୍ରତାପ ପଲେଇ, ସତ୍ୟାନନ୍ଦ ପଲେଇ, ରବୀନ୍ଦ୍ର ରାଉତ, ଡମ୍ବରୁଧର ବାରିକ, ଅନନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ ଯାଜପୁରରୋଡ ଫେରୋକ୍ରୋମ କାରଖାନା

# ହାଇକାର୍ବନ ସାଇଟ ଶ୍ରମିକଙ୍କୁ ଉପେକ୍ଷା

**ଯାଜପୁର ଅଫିସ,୨୦।୧**

ଯାଜପୁରରୋଡ ଆଇଡିସି ଫେରୋକ୍ରୋମ ଆଣ୍ଡ ଆଲୟେଜ୍ ଲିମିଟେଡ୍ କାରଖାନା ହାଇକାର୍ବନ ସାଇଟ ଶ୍ରମିକଙ୍କ ପେଟକୁ ଲାତ ମରାଯାଉଛି। ରବିବାର ସକାଳେ କାମ କରିବାକୁ ଯାଇଥିବା ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରି ଫେରି ଆସିଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି।

ଫେରୋକ୍ରୋମ କାରଖାନାର ହାଇକାର୍ବନ ହ୍ୟାଣ୍ଡେଲିଂ ସାଇଟରେ ୬୮ ଶ୍ରମିକଙ୍କ ପାଇଁ ଗତ ଡିସେମ୍ବର ୧ରୁ ନୂତନ ଠିକାଦାର ଚୟନ ହୋଇଥିଲା। ଏହି ଠିକାଦାର ଶ୍ରମିକଙ୍କ ଗେଟ ପାସ ବାହାର କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରିଥିବାରୁ ଶ୍ରମିକମାନେ ଧାରଣା ଦେଇଥିଲେ। ଅପରପକ୍ଷରେ କାରଖାନା ମଧ୍ୟରେ ମେଶିନ ଜରିଆରେ କାର୍ଯ୍ୟ ହାସଲ କରି ଶ୍ରମିକଙ୍କ ଜୀବିକାକୁ ବିପଦରେ ପକାଇ ଠିକାଦାର ଡିସେମ୍ବରରେ ୪୦ଜଣ ମହିଳା ଶ୍ରମିକଙ୍କୁ ମାତ୍ର ୪ଦିନର କାମ ଦେଇଥିଲେ। ସେହିପରି ୨୮ ପୁରୁଷ ଶ୍ରମିକଙ୍କୁ ୬ଦିନର କାମ ମିଳିଥିଲା। ଶ୍ରମିକଙ୍କୁ କାମ ଦେଇ କର୍ମ ନିଯୁକ୍ତି ସୃଷ୍ଟି କରାଯାଉଛି ବୋଲି ସରକାର ବାହାସ୍ଫୋଟ ମାରୁଥିବା ଏହି ଘଟଣାରୁ ଜଳଜଳ ଦିଶୁଛି। ନିର୍ବାଚନ ସମୟରେ ସରକାରୀ କାରଖାନାରେ ଶ୍ରମିକଙ୍କୁ ଏଭଳି ଅଣଦେଖା ଶାସକ ଦଳକୁ ମହଙ୍ଗା ପଡିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କାରଖାନା କର୍ତ୍ତୃପକ୍ଷ ଶ୍ରମିକଙ୍କ ସହ ଖେଳି ସେମାନଙ୍କ ଜୀବନଜୀବିକା ପ୍ରତି ଦାଉ ସାଜୁଛନ୍ତି ବୋଲି କହିଛନ୍ତି। ଏହି ସାଇଟରେ କମ୍ ଦର ଟେଣ୍ଡରରେ କାମ ଦେବା ସହିତ ମିଥ୍ୟା ହାଜିରା ପକାଇ ବ୍ୟବସ୍ଥିତ କରାଯିବ ବୋଲି ଫେରୋକ୍ରୋମର ସମ୍ପୃକ୍ତ କର୍ତ୍ତୃପକ୍ଷ ମୋଟା ଅଙ୍କର କାରବାର କରିଥିବା ଆଲୋଚନା ହେଉଛି। ଫଳରେ ଉତ୍ପାଦ ବିଭାଗର ଏହି ବାବୁଙ୍କ ଇସାରାରେ ଠିକାଦାର ମଝିରେ ମଝିରେ ମେଶିନ ଲଗାଇ କାମ କରି ନେଉଥିବା ବେଳେ ଶ୍ରମିକମାନେ ହାତବାନ୍ଧି ବସିଛନ୍ତି। ରବିବାର ସକାଳ ୭ଟାରେ ୧୯ ମହିଳା ଓ ୧୨ଜଣ ପୁରୁଷ ଶ୍ରମିକ କାମକୁ ଯାଇଥିବା ବେଳେ ଠିକାଦାର ସମସ୍ତ ମହିଳା ଶ୍ରମିକଙ୍କୁ କାମ ନ ଦେଇ ଫେରାଇ ଦେଇ ୧୨ଜଣ ପୁରୁଷ ଶ୍ରମିକଙ୍କୁ କାମ କରିବାକୁ କହିଥିଲେ। ଏହା ପ୍ରତିବାଦରେ ସମସ୍ତ ଶ୍ରମିକ କାମ ନ କରି ଫେରି ଆସିଥିଲେ। ପରେ ଠିକାଦାରଙ୍କ କେତେଜଣ ସହଯୋଗୀ ଭିତରକୁ ଯାଇ ବକେଟରେ ମାଲ ପୁରାଇ କ୍ରେନ ସାହାଯ୍ୟରେ ଉଠାଇଥିଲେ। ଏହି କାମରେ ଜଣଙ୍କ ମାଲିକାନାରେ ଥିବା ଫାର୍ମ ଠିକାଦାରୀ ପାଇଥିବାବେଳେ ୮ଜଣ ମାମଲତି କରି ଶ୍ରମିକଙ୍କୁ ଅଯଥା ହଇରାଣ କରୁଛନ୍ତି। ଦୀର୍ଘବର୍ଷ ହେଲା ଦେଖାଯାଉଛି ଯେ, ଏପରି ଭାବେ ଗୋଟିଏ କାମରେ ଜଣେ କାମ ପାଉଥିବା ବେଳେ ୫ ରୁ ୧୦ଜଣ ଏଥିରେ ହସ୍ତକ୍ଷେପ କରୁଛନ୍ତି। ହାଇକାର୍ବନ ସାଇଟରେ ଠିକାଦାରଙ୍କ ପକ୍ଷରୁ କୌଣସି ସୁପରଭାଇଜର ନିଯୁକ୍ତ ହୋଇ ନ ଥିବାରୁ କାରଖାନା କର୍ତ୍ତୃପକ୍ଷ କିପରି ପ୍ରୋପାଇଟରସିପ୍ ସଂସ୍ଥାର ୮ଜଣଙ୍କୁ ମନଇଚ୍ଛା ଯାତାୟାତ ପାଇଁ ଛାଡୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ ଶ୍ରମିକଙ୍କର ୫ମିନିଟ ବିଳମ୍ବ ହେଲେ କାମ କରିବାକୁ ଅନୁମତି ଦିଆଯାଉନି। ବର୍ତ୍ତମାନ ପରିସ୍ଥିତିରେ ଏହି ସାଇଟରେ ୬୮ଜଣ ଶ୍ରମିକଙ୍କୁ ପ୍ରାୟ ୫ମାସ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ରହିଛି। କିନ୍ତୁ ଶ୍ରମିକଙ୍କୁ ଉପେକ୍ଷା କରାଯାଇ ମେଶିନରେ କାର୍ଯ୍ୟ ହାସଲ କରାଯାଉଛି। ପ୍ରାୟତଃ ସବୁ ବିଭାଗର ଶ୍ରମିକଙ୍କ ପାଇଁ କାରଖାନା କର୍ତ୍ତୃପକ୍ଷ ପିଏଫ୍ ଏବଂ ଇଏସ୍ଆଇ ଭରଣା କରୁଥିବା ବେଳେ କେବଳ ହାଇକାର୍ବନ ସାଇଟ୍‌ର ଏହି ନୂତନ ଠିକାଦାରଙ୍କ ଦ୍ୱାରା ଡିସେମ୍ବର ପହିଲାରୁ ପିଏଫ ଏବଂ ଇଏସ୍ଆଇ ଭରଣା କରିବାକୁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ଏହିକ୍ରମରେ ଠିକାଦାର ନିଯୁକ୍ତିରେ ବିଗତ ବର୍ଷର ଟେଣ୍ଡର ବ୍ୟବସ୍ଥାର ତଦନ୍ତ ହେଲେ ବହୁ ରହସ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ଦାବି ହୋଇଛି। ହେଲେ ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ କାରଖାନା କର୍ତ୍ତୃପକ୍ଷ କାହାରିକୁ ଭ୍ରୂକ୍ଷେପ କରୁ ନ ଥିବାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ସଂକ୍ରାନ୍ତରେ କାରଖାନା ଏମ୍‌ଡି ବୀରକିଶୋର ସାହୁ କହିଛନ୍ତି, କାରଖାନାରେ କୌଣସି ପ୍ରକାର ଶ୍ରମିକ ଶୋଷଣ ହେଉନାହିଁ। ନିୟମ ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଛି।

**କାମ ନ ପାଇ ଫେରି ଆସିଲେ ୩୧ ଶ୍ରମିକ**

## ସଂକ୍ଷେପରେ

### ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ଆଲୋଚନାଚକ୍ର

**ପୁରୀଅଫିସ,୨୦।୧:** ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସ୍ଥାନୀୟ ଭକ୍ତ ସାଲବେଗ ପୀଠ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଦୟାନିଧି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡ. ଅଭିମନ୍ୟୁ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମାଜର ବିକାଶରେ ସାହିତ୍ୟର ଏକ ବିଶେଷ ଭୂମିକା ରହିଛି। ସାହିତ୍ୟ ସମାଜର ଦର୍ପଣ ସଦୃଶ। ଅଧ୍ୟାପକ ଦୟାନିଧି ପଣ୍ଡା ବେଦମନ୍ତ୍ର ପାଠ ଓ ଅନାମ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଶିବସୁନ୍ଦର ମିଶ୍ର ଓ ମମତା ଦାସଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୁରେଶ କୁମାର ପଟ୍ଟନାୟକ, ରାଧାକୃଷ୍ଣ ପ୍ରଧାନୀ, ଯୋଗେନ୍ଦ୍ର ନାଥ ସାହୁ, ପ୍ରସନ୍ନ କୁମାର ମିଶ୍ର, ଆର୍ତ୍ତତ୍ରାଣ ମାନସିଂ, ଶିବାନୀ ମିଶ୍ର, ଚାରୁଲତା ମିଶ୍ର, କାଶୀନାଥ ଖୁଣ୍ଟିଆ, ଯୋଗେଶ୍ୱର ପ୍ରହରାଜ, ରମାନାଥ ମିଶ୍ର ମନୋରମା ଦେବୀ, ବିପିନ ବିହାରୀ ଦଳାଇ, ଉପେନ୍ଦ୍ର ନାଥ ସାହୁ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### କିଣ୍ଡରଗାର୍ଟେନ ସ୍କୁଲର ବାର୍ଷିକୋତ୍ସବ

**ପୁରୀଅଫିସ,୨୦।୧:** ଭିଆଇପି ରୋଡ୍ ନେତାଜୀ ସୁବାସ ବୋଷ ଛକସ୍ଥିତ ପୁରୀ କିଣ୍ଡରଗାର୍ଟେନ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରେଭେରେଣ୍ଡ ସୁରେନ୍ଦ୍ର କୁମାର ମହାନ୍ତି ଓ ସମ୍ମିତ ମହାନ୍ତି ବାଇବେଲ ପାଠ କରିଥିଲେ। ସ୍କୁଲ ଅଧକ୍ଷା ରୀତା ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ପ୍ରତିମା ମିଶ୍ର ମୁଖ୍ୟଅତିଥି, ଆଲିସନ୍ ରିଚାର୍ଡସନ, ଅନୁଷ୍ଠାନ ମୁଖ୍ୟ ଚାରୁଶ୍ରୀ ମହାନ୍ତି, ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖ୍ରୀଷ୍ଟିଆନ ଅରଗାନାଇଜେଶନ ଫର୍ ଡେଭେଲପ୍‌ମେଣ୍ଟ ଆଣ୍ଡ୍ ଏଜୁକେଶନଙ୍କ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ପିଲାଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ ସହ ସେମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢିତୋଳିବା କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକୁ ମୁଖ୍ୟଅତିଥି ମିଶ୍ର ଭୂୟସୀ ପ୍ରଂଶସା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଶିକ୍ଷୟିତ୍ରୀଐଶ୍ୱର୍ଯ୍ୟା ପାଣ୍ଡେ, ଶିକ୍ଷକ ଅନିଲ ପଣ୍ଡା, ଉଇଲିୟମ୍ ପେଟ୍ରିକ ଡେଭିଡ ପରିଚାଳନା କରିଥିଲେ।

## ଅଙ୍ଗାର ବିକାଳିଙ୍କ ଜୀବନ ସଂଗ୍ରାମ

# ପରିବାର ପ୍ରତିପୋଷଣ ପାଇଁ ଜଙ୍ଗଲ ହିଁ ଭରସା

ଅଜୟ କୁମାର ମହାରଣା
ଖଣ୍ଡପଡ଼ା,୨୦।୧

- ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ସହ ବିଗୁଡୁଛି ପରିବେଶ
- ଦଳିତ, ଆଦିବାସୀଙ୍କ ଆର୍ଥିକ ବିକାଶ ପ୍ରତି ପଦକ୍ଷେପ ଆବଶ୍ୟକ

ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ଆଜି ପରିବେଶ ସନ୍ତୁଳନ ବିଗୁଡୁଥିବା ପରିବେଶବିତ୍‌ଗଣ କହନ୍ତି । କାରଣ ଜଙ୍ଗଲ ଓ ଏହା ମଧ୍ୟରେ ଥିବା ବୃକ୍ଷ ବିଶୁଦ୍ଧ ପରିବେଶ ବଜାୟ ରଖିବା ସହ ପ୍ରକୃତିର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ। ତେବେ କେତେଜଣ ଜୀବନ ସଂଗ୍ରାମରେ ହାରି ନ ଯିବା ପାଇଁ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ବାଧ ହୋଇପଡ଼ନ୍ତି। ସେମାନେ ହେଉଛନ୍ତି ଅଙ୍ଗାରବାଲା। ଏହି କାଠବିକାଳି ଓ ଅଙ୍ଗାରବାଲାଙ୍କ ଜୀବନ/ଜୀବିକା ଯୋଗୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନୟାଗଡ ଜିଲାର ଅନେକ ଜଙ୍ଗଲ ଏବେ ନଷ୍ଟ ହେବାକୁ ବସିଲାଣି। ଭବିଷ୍ୟତରେ ସେମାନଙ୍କ ଜୀବିକା ମଧ ନଷ୍ଟ ହେବାର ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ କି, ଏହି ଜିଲାରେ ବସବାସ କରୁଥିବା ହଜାର ହଜାର ଆଦିବାସୀ ସମ୍ପ୍ରଦାୟର ଲୋକେ କାହିଁ କେଉଁ କାଳରୁ ଗଛକାଟି କାଠ ଓ ଅଙ୍ଗାର ବିକି ନିଜର ଜୀବିକା ନିର୍ବାହ କରନ୍ତି। ଏହାର କୁପରିଣାମ ସ୍ୱରୁପ ଆଜି ଧ୍ୱଂସ ମୁଖରେ ଠିଆ ହୋଇଛି ଜଙ୍ଗଲ । କଂସା, ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧ କଣ୍ଟିଲୋ ଓ ଏହାର ଆଖପାଖ ଇଟାମାଟି, ଶରଣକୁଳ, ରାଜସୁନାଖଳା, ଖଳିସାହି, ଗଣିଆ ଆଦି ଅଞ୍ଚଳରେ ଏହି ଶିଳ୍ପ ପାଇଁ ମୁଖ୍ୟତଃ ଅଙ୍ଗାର ବା କାଠ କୋଇଲାର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ସ୍ଥାନୀୟ ଆଦିବାସୀମାନେ ବିପଜ୍ଜନକ ତଥା ତଥା ବେଆଇନ ଭାବେ ଅଙ୍ଗାର ବା କାଠ କୋଇଲା ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସାତଗୋଛିଆ, ଗିରିଡିପଲ୍ଲୀ, କିଆଝର, ନୂଆପଲ୍ଲୀ, ସିଂଘାପଡା, ବେଡାଙ୍ଗୀ, ଖୁଣ୍ଟୁବନ୍ଧ, ଗଡିଆସାହି, କନ୍ଧମିରିଗି ଆଦି ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସକରନ୍ତି। ସେମାନଙ୍କର ମୌଳିକ ସମସ୍ୟାଗୁଡ଼ିକ ଏ ପର୍ଯ୍ୟନ୍ତ ସମାଧାନ ହୋଇପାରି ନ ଥିବା ଜଣାପଡ଼ିଛି। ଘର, ଜମି ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା, ସୁଯୋଗ ସେମାନଙ୍କ ପାଇଁ ଅପହଞ୍ଚ ପାଲଟିଛି। ସେମାନଙ୍କ ପାଇଁ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସ୍ୱପ୍ନ ପାଲଟିଥିବା କାଳିଆପଲ୍ଲୀ ଗ୍ରାମର ମୁରଲୀ ବେହେରା, ବ୍ରଜବନ୍ଧୁ ନାୟକ ପ୍ରମୁଖ ସୂଚନା ଦେଇଥିଲେ । ତେଣୁ ନିଜର ଜୀବନ ଓ ଜୀବିକା ପାଇଁ ଜଙ୍ଗଲ ହିଁ ସେମାନଙ୍କର ଏକମାତ୍ର ଭରସା ପାଲଟିଛି । ଜଙ୍ଗଲରେ ଅଙ୍ଗାର ପୋଡି କଂସ, ପିତଳ ବାସନ ଶିଳ୍ପ ଥିବା ଗ୍ରାମରେ ବିକି ନିଜର ତେଲ, ଲୁଣ, ଲୁଗା ଔଷଧ ଆଦି ଜିନିଷ କିଣିଥାନ୍ତି ବୋଲି ଦୁତିଆ ନାୟକ, ଭରତ ନାୟକ, ରମେଶ ନାୟକ, ଛୋଟା ନାୟକ, ମଧୁ ନାୟକ କହିଛନ୍ତି। ସମ୍ପୃକ୍ତ ସମ୍ପ୍ରଦାୟର ମହିଳାମାନେ ଦୀର୍ଘ ପଥ ଅତିକ୍ରମ କରି ଜାଳେଣୀ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥାନ୍ତି । ଜଙ୍ଗଲରୁ ଜାଳ କାଠ ସଂଗ୍ରହ କରି ମୁଣ୍ଡରେ ବୋହି ପାହାଡଠାରୁ ଦୀର୍ଘ ୧୦/୧୨ କିଲୋମିଟର ଦୂର ବିଭିନ୍ନ ଗ୍ରାମରେ ବୁଲି ବୁଲି କାଠ ବିକ୍ରି କରିଥାନ୍ତି । ନିଜର ଜମି ଓ ଅନ୍ୟ କୌଣସି ରାହା ନ ଥିବାରୁ ଏଭଳି ବୃତ୍ତି ବାଧ ହୋଇ ଆପଣେଇଛନ୍ତି ବୋଲି କହନ୍ତି ପାଗଳ ନାୟକ। ସେ ଯୁକ୍ତ ୨ ପଢ଼ିଥିଲେ ମଧ ଚାକିରି ନ ପାଇ ବାପା, ଜେଜେ ବାପା ଅମଳରୁ ଚାଲି ଆସିଥିବା ଅଙ୍ଗାର ବିକା ବେଉସା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କହିଥିଲେ। ଅଙ୍ଗାରବାଲା ପାହାନ୍ତାରୁ ପଖାଳ କଂସାଏ ଖାଇ ୧୫/୨୦ କିଲୋମିଟର ଦୂର ବିଭିନ୍ନ ଜଙ୍ଗଲକୁ ଯାଇ ଶୁଖିଲା କାଠକୁ ସଂଗ୍ରହ କରି ଓ କାଟି ଏକ ଖାତ ମଧ୍ୟରେ ଗଦା କରିଥାଏ। ପରେ ସେଥିରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜଳି ସାରିବା ପରେ ଏହା ଉପରେ ମାଟି ଘୋଡାଇ ଦିଆଯାଏ । ନିଆଁ ପୁରା ଲିଭି ଥଣ୍ଡା ହେବା ପରେ ଏଥିରୁ ବାହାରିଥିବା ଅଙ୍ଗାର ବସ୍ତାରେ ଘରକୁ ଅଣାଯାଏ। ତା ପର ଦିନ ଏହାକୁ ଭାର କରି କିମ୍ବା ସାଇକେଲରେ ନେଇ ପ୍ରତି ଭାର ପିଛା ୫୦୦ ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ଅଙ୍ଗାର ବିକ୍ରି କରାଯାଏ। ଅଙ୍ଗାର ଉତ୍ପାଦନ ପାଇଁ ୨ ଦିନ ସମୟ ଲାଗେ । ଏହି କାର୍ଯ୍ୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିପଦ ଓ ଚିନ୍ତା ରହିଥାଏ। ବେଳେବେଳେ ବନ ବିଭାଗ କର୍ମଚାରୀମାନେ ଧରପଗଡ କରି ଆମମାନଙ୍କୁ ଗିରଫ କରି କୋର୍ଟକୁ ପଠାଇଥାନ୍ତି ବୋଲି କେତେଜଣ ଅଙ୍ଗାରବାଲା କହିଛନ୍ତି । ଜଙ୍ଗଲ ସୁରକ୍ଷା ନିମନ୍ତେ ପଦକ୍ଷେପ ଅପରିହାର୍ଯ୍ୟ। ତେବେ ଅଙ୍ଗାର ଉତ୍ପାଦନ କାର୍ଯ୍ୟରୁ ବିରତ ରଖିବା ନିମନ୍ତେ ଏମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ପ୍ରତି ସରକାର ଧ୍ୟାନ ଦେବା ଉଚିତ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।


ମହିଳାମାନେ ଜଙ୍ଗଲରୁ କାଠ ଆଣି ବିକିବାକୁ ଯାଉଛନ୍ତି।

# ‘ଗ୍ରୀନ ଆର୍ଥ’ ପକ୍ଷରୁ ଘରଚଟିଆ ସଂରକ୍ଷଣ ଅଭିଯାନ

ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତସ୍ଥ ନୂଆସାହିରେ ‘ଗ୍ରୀନ ଆର୍ଥ’ ପକ୍ଷରୁ ରବିବାର ଘରଚଟିଆ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଯାଇଛି । ଅନୁଷ୍ଠାନର ସଭାପତି ଇଂ. ଆଦିତ୍ୟ କୁମାର ଦାଶ ଓ ସମ୍ପାଦିକା ସଂଘମିତ୍ରା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରଦୀପ କୁମାର ସାହୁ, ରବୀନ ସରକାର, ନିର୍ମଳ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ସାହୁ, ବିନୋଦ କୁମାର ସାହୁ, ବୁଦ୍ଧିଆ ଦ୍ୱାରୀ, ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଘରଚଟିଆମାନଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି କରିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ଲୋକମାନଙ୍କ ଘରେ କୃତ୍ରିମ ବସା ସ୍ଥାପନ କରିଥିଲେ । ବିଗତ ୧୦ ବର୍ଷ ମଧ୍ୟରେ ପୃଥିବୀରେ ଘରଚଟିଆଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଥିବା ଅତିଥିମାନେ ସୂଚନା ଦେଇଥିଲେ। କୃଷି କ୍ଷେତ୍ରରେ ବ୍ୟବହୃତ ସାର ଓ କୀଟନାଶକ ପ୍ରଭାବରେ ଘରଚଟିଆଙ୍କ ମୃତ୍ୟୁ ଘଟୁଥିବା ଏବଂ ଗାଁ ଗଣ୍ଡାରେ ଚାଳଛପର ଘରର ଅଭାବ ଯୋଗୁ ଘରଚଟିଆମାନେ ବାସ ହରାଉଥିବା ଅଭିଯାନରେ କୁହାଯାଇଛି। ମୋବାଇଲ ଟାୱାର୍‌ର ବୈଦ୍ୟୁତିକ ତରଙ୍ଗ ଓ ଯାନବାହନ ତଥା କଳକାରଖାନାର ବିଷାକ୍ତ ଧୂଆଁ ଏହି ପକ୍ଷୀମାନଙ୍କ ବଂଶ ବୃଦ୍ଧିରେ ବାଧକ ସାଜିଛି ବୋଲି ଅତିଥି ମତ ବ୍ୟକ୍ତ କରିଥିଲେ।


ଅଭିଯାନରେ ସାମିଲ ହୋଇଥିବା ସଂଗଠନର କର୍ମକର୍ତ୍ତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣୁ ମୂତୁଣୁ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଶ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାମକୃଷ୍ଣ ମିଶନ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ

ପୁରୀଅଫିସ,୨୦।୧

ଶ୍ରୀରାମକୃଷ୍ଣ ମିଶନ ପୁରୀ ଆନୁକୂଲ୍ୟରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରବିବାର ଆଶ୍ରମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯୭ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ କ୍ରୟ ନିମନ୍ତେ ପ୍ରତ୍ୟେକଙ୍କୁ ୧ ହଜାର ଲେଖାଏ ଟଙ୍କା ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଶ୍ରମ ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ପ୍ରତ୍ୟେକ ଛାତ୍ର ଉତ୍ତମ ଚରିତ୍ର ସମ୍ପର୍ଣ୍ଣ ହେବା ଲାଗି ପରାମର୍ଶ ଦେଇଥିଲେ। ଆଶ୍ରମ ପରିଚାଳନା ସମିତି ସଭ୍ୟ ଧନଞ୍ଜୟ ଦାସ ସଭା ପରିଚାଳନା ଓ ପଦ୍ମଲୋଚନ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱାମୀ ଯୋଗାପୂର୍ଣ୍ଣାନନ୍ଦଜୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସମସ୍ତ ସଦସ୍ୟ ଓ କର୍ମଚାରୀ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ପ୍ରାଚ୍ୟ ଖଣ୍ଡ ହେଉଛି ସୂର୍ଯ୍ୟଙ୍କ ଜନ୍ମ ଦେଶ

ପୁରୀ ଅଫିସ,୨୦।୧

ଭକ୍ତ ସାଲବେଗ ସମାଧି ପୀଠରେ ରବିବାର ପ୍ରାଚ୍ୟ ସଂସ୍କୃତି ଓ ସୂର୍ଯ୍ୟ ଉପାସନା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଦଇତାପତି ରଘୁନାଥ ଦାସମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର କହିଲେ, ସୂର୍ଯ୍ୟ ହେଉଛନ୍ତି ପ୍ରଜ୍ଞା ଓ ଚେତନାର ପ୍ରତୀକ। ମୁନିଋଷିମାନେ ସୂର୍ଯ୍ୟଙ୍କୁ ସକଳ ସୃଷ୍ଟିର ଆଧାର ଭାବେ ବିବେଚନା କରିଯାଇଛନ୍ତି। ସୂର୍ଯ୍ୟଙ୍କ ଜନ୍ମଦେଶ ରୂପେ ପ୍ରାଚ୍ୟ ଖଣ୍ଡକୁ ବିବେଚନା କରାଯାଇଛି । ଶାସ୍ତ୍ର ମତେ ଏହି ପ୍ରାଚ୍ୟ ଖଣ୍ଡର ବ୍ୟାପ୍ତି ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ। ଜୈନ ଓ ବୌଦ୍ଧ ଧର୍ମରେ ମଧ ସୂର୍ଯ୍ୟଙ୍କୁ ଉପାସନାର ମୂଳାଧାର ରୂପେ ଗ୍ରହଣ କରାଯାଇଥିବା ଖଣ୍ଡଗିରି, ଉଦୟଗିରି ଗୁମ୍ଫା ଚିତ୍ରରେ ଗଙ୍ଗାବତରଣ ଦୃଶ୍ୟରୁ ପ୍ରତୀୟମାନ ହୁଏ। ସୂର୍ଯ୍ୟଙ୍କୁ ସକଳ ସମ୍ପ୍ରଦାୟର ଉପାସନା ଧାରାର ପ୍ରତୀକ ରୂପେ ବିବେଚନ କରାଯାଇଛି ବୋଲି ଡ. ମିଶ୍ର କହିଥିଲେ।

ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡ. ପ୍ରମୋଦ କୁମାର ଦଳେଇ, ଡ. ରମାକାନ୍ତ କର ଓ ଟ୍ରଷ୍ଟ ସଦସ୍ୟା ବିଜୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ଗବେଷକ ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀଜଗନ୍ନାଥ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଅଧ୍ୟାପକ ଲକ୍ଷ୍ମୀଧର ମିଶ୍ର, ଡ. ଲକ୍ଷ୍ମୀଧର ସୁବୁଦ୍ଧି, ସେବକ ହରେକୃଷ୍ଣ ପ୍ରଧାନୀ, ପ୍ରମଦା ଦେବୀ ପ୍ରମୁଖ ଉତ୍କଳରେ ସୂର୍ଯ୍ୟ ଉପାସନାର ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ଟ୍ରଷ୍ଟର ମୁଖପତ୍ର ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ପ୍ରଦୀପ କୁମାର ନାୟକଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅଶୋକ କୁମାର ଆଢ୍ୟ ଧନ୍ୟବାଦ ଦେଇଥିଲେ।



ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି ଅତିଥି।

# ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କର ସାଧାରଣ ସଭା

ପୁରୀ ଅଫିସ,୨୦।୧

ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କର ୭୩ତମ ବାର୍ଷିକ ସାଧାରଣ ସଭା ରବିବାର କଚେରୀ ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ଗୁଣଧର ଦାସମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପୁରୀ ଅର୍ବାନ ବ୍ୟାଙ୍କ ଏକ ପୁରାତନ ବ୍ୟାଙ୍କ। ୧୯୮୨ରେ ସେ ଏହାର ନିର୍ଦ୍ଦେଶକ ଥିଲେ। ଏଠାରେ ତାଙ୍କର ଏକ ଆକାଉଣ୍ଟ ଥିଲା, ଯେଉଁଥିରେ ସେ ପ୍ରତି ମାସରେ ୧୫୦ ଟଙ୍କା ଲେଖାଏ ଜମା କରୁଥିଲେ। ଏହିଭଳି ତାଙ୍କର ସଞ୍ଚୟର ଅଭ୍ୟାସ ବଢିଥିଲା। ତେବେ ଦୀର୍ଘ ୨୫ ବର୍ଷ ପରେ ବ୍ୟାଙ୍କ ତାର ସଭ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରିବାକୁ ଯାଉଥିବାରୁ ମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହିତ ସଭାପତିଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ସଭା ପୂର୍ବରୁ ମନ୍ତ୍ରୀ ନବୀକୃତ ବ୍ୟାଙ୍କ ଗୃହର ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ବ୍ୟାଙ୍କ ଗୃହ ନବୀକରଣ, ଅନାଦାୟ ଋଣ ୩୧ ପ୍ରତିଶତରୁ ୧୨.୧୬ ପ୍ରତିଶତକୁ ହ୍ରାସ ପାଇବା, ରିଜର୍ଭ ବ୍ୟାଙ୍କ ପକ୍ଷରୁ ବି-ଶ୍ରେଣୀଭୁକ୍ତ ମାନ୍ୟତା ମିଳିବା, ନୂତନ ଏଟିଏମ୍ ଓ ନୂତନ ଶାଖା ଖୋଲିବା ଏବଂ ବଡ଼ଦାଣ୍ଡରେ ଥିବା ଶାଖା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଆର୍‌ବିଆଇକୁ ଚିଠି ଲେଖାଯାଇଥିବା ନେଇ ସଭାରେ ଅବଗତ କରାଯାଇଥିଲା। ବ୍ୟାଙ୍କ ଉପସଭାପତି ଝୁନାରାଣୀ ମହାନ୍ତି, ନିର୍ଦ୍ଦେଶକ ଚନ୍ଦ୍ରଶେଖର ଦଳବେହେରା, ଅନନ୍ତ ପ୍ରଧାନ, ରବିନାରାୟଣ ଦାଶ, ରାଧାଶ୍ୟାମ ନାୟକ, ଡା. ପ୍ରଧାନ ଧୀରେନ ରାୟ, ବୃନ୍ଦାବନ ବେହେରା, ପ୍ରାଣକୃଷ୍ଣ ସାହୁ, ଗୀତାଞ୍ଜଳି ପଣ୍ଡା, ସଂଯୁକ୍ତା ଦେବତା, ଲକ୍ଷ୍ମୀପ୍ରିୟା ସାହୁ, ମମତାରାଣୀ ସାହୁ, ତପନ କୁମାର ମହାନ୍ତି ଓ ବିଜୟ କୁମାର ସେନାପତି ଉପସ୍ଥିତ ଥିଲେ। ସମ୍ପାଦିକା ସଞ୍ଜବତୀ ଘଟୁଆରୀ ବାର୍ଷିକ ବିବରଣୀ ପାଠ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।



ସାଧାରଣ ସଭାରେ ଯୋଗଦେଇଥିବା ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିମାନେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ-ଟୋନା, ସନ୍ତାନ ବାଧା
‘ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ’
‘ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ’
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### କାଳିଆ ମେମୋରିଆଲ୍ ଫୁଟ୍‌ବଲ ଉଦ୍‌ଘାଟିତ: ଖୋର୍ଦ୍ଧା ବିଜୟୀ

**ବୋଲଗଡ଼,୨୦।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଖୋର୍ଦ୍ଧାର ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଦିବସ ମ୍ୟାଚ୍‌ରେ ପୁରୀର ନିତା ଏକାଡେମୀ ଫୁଟ୍‌ବଲ ଟିମ୍‌କୁ ପରାସ୍ତ କରି ଖୋର୍ଦ୍ଧା ଆର୍‌ଏନ୍ କ୍ଲବ୍ ବିଜୟୀ ହୋଇଛି। ରବି ନାରାୟଣ ରଣା ଖେଳ ପରିଚାଳନା କରିଥିଲେ। ଏମ୍ ଏସ୍ ବେଗ ଓ କିଶୋର ଯତି ଖେଳରେ ସହାୟତା କରିଥିଲେ । ଅତିଥି ଭାବେ ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର କୁମାର ସୁବୁଦ୍ଧି, ବଡକୁମାରୀ ପଞ୍ଚାୟତ ନାଏବ ସରପଞ୍ଚ ବିଜୟ କୁମାର ତାରେଣିଆ ଅତିଥି ଭାବେ ଯୋଗଦେଇଥିଲେ।

### ଗୁରୁକୁଳ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ବୋଲଗଡ଼,୨୦।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସାଲତରା ଗ୍ରାମସ୍ଥିତ ଗୁରୁକୁଳ ଶିକ୍ଷା ନିକେତନର ୯ମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାରେ ଶିକ୍ଷାବିତ୍ ରାଜ କିଶୋର ମହାପାତ୍ର ପୌରୋହିତ୍ୟ କରିଥିଲେ। ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ମୁଖ୍ୟଅତିଥି, ଡାକ୍ତର ଅମରେନ୍ଦ୍ରନାଥ ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରାଧାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ଖବରଦାତା ଜୟକୃଷ୍ଣ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ସହ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଭଲ ମଣିଷ ଖୋଜା ଚାଲିଛି ''ନାଟକ ମଞ୍ଚସ୍ଥ ହୋଇଥିଲା।

### ମାଗଣା ସ୍ୱାସ୍ଥ୍ୟ ଶିବିର

ଟାଙ୍ଗୀ(ଖୋର୍ଦ୍ଧା),୨୦।୧(ଡି.ଏନ.ଏ.)- ଟାଙ୍ଗୀ ବ୍ଲକ ବଡପାରୀ ପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ରବିବାର ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଶିବିରରେ ମାଗଣାରେ ୨୫୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା। ଶିଶୁ ରୋଗରେ ୯୪ ଜଣ ଓ ଭେଷଜରେ ୧୬୨ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା । ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନା ଶିଶୁ ରୋଗ ବିଶେଷଜ୍ଞ ଡା. ବି ଭେଙ୍କଟରମଣ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭେଷଜ ଚିକିତ୍ସକ ଡା.ଏଏନ ନନ୍ଦ, ଡା. ଅବିନାଶ ଓ ଡା. ଜେକେ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବାଲୁଙ୍କେଶ୍ୱର ସାହୁ, ଚନ୍ଦ୍ରକାନ୍ତ ଜୟସିଂହ ଓ ନିଦାନ ବିଭାଗର ଆଲୋକ କୁମାର ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଦେବରାଜ ସୁନ୍ଦରାୟ, ସମ୍ପାଦକ ଜାନକୀ ବଲ୍ଲଭ ବିଶ୍ୱାଳ, ତାରାକାନ୍ତ ଧଳ, ଜିଲା ପରିଷଦ ସଭ୍ୟା ରୀସ୍ମା ମାନଧାତା, ପଦ୍ମନାଭ ବିଶ୍ୱାଳ, ପରିକ୍ଷୀତ ମହାରଣା, ପଠାଣି ସୁନ୍ଦରାୟ, ସଦାଶିବ ବେହେରା, ଗଦାଧର ପାତ୍ର, ସରପଞ୍ଚ ରଶ୍ମିତା ପାତ୍ର, ଚକ୍ରଧର ମହାନ୍ତି, ବିଛନ୍ଦ ଜୟସିଂହ ଓ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତ୍ୟୁ ପରେ ଶିକ୍ଷାବିତ୍‌ଙ୍କ ଏମ୍‌ସକୁ ଶରୀର ଦାନ

**ନିରାକାରପୁର,୨୦।୧(ଡି.ଏନ.ଏ.):** ଶିକ୍ଷାବିତ୍ ସାଧୁ ଚରଣ ମଙ୍ଗରାଜ(୮୨)ଙ୍କର ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ମଙ୍ଗରାଜଙ୍କର ଗତ ସପ୍ତାହରେ ଦିଲ୍ଲୀସ୍ଥିତ ସରକାରୀ ହସ୍‌ପିଟାଲରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ହୋଇଥିଲା । ମୃତ୍ୟୁ ପରେ ଅଙ୍ଗଦାନ ଓ ଶରୀର ଦାନ ନେଇ ପ୍ରତିବଦ୍ଧତା(ଘୋଷଣା) ନେଇ ସେ ଦଧିଚି ସମ୍ମାନ ପାଇଥିଲେ । ସ୍ୱର୍ଗତ ମଙ୍ଗରାଜଙ୍କ ଶରୀର ଦାନ ନେଇ ଆଇନଗତ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସେ ଭିକାରୀ ଚରଣ ବିଦ୍ୟା ନିକେତନ ବଙ୍କୁ, ଜିବି ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଥିଲେ । ଶ୍ରୀ ରାମଦୟା ପରିଷଦ, ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଦି ଅନୁଷ୍ଠାନରେ ପ୍ରତିଷ୍ଠାତା ସଭ୍ୟ ଓ ମାର୍ଗଦର୍ଶକ ଭାବେ ପରିଚିତ।

# ବିନା ଦଲିଲରେ ମିଳୁଛି ଜମିପଟ୍ଟା

**ରଣପୁର,୨୦।୧ (ସ୍ୱ.ପ୍ର.)**

■ରଣପୁର ତହସିଲରେ ଜାଲିଆତି
■ଦୋଷ ଛଡ଼ାଇଲେ ତହସିଲଦାର

ସରକାର ଜମି କିମ୍ବା ଘରବାରି କିଣାବିକାରେ ସ୍ୱଚ୍ଛତା ଆଣିବା ପାଇଁ ନୂଆ ନୀତି ଲାଗୁ କରୁଛନ୍ତି। ହେଲେ ବିଭାଗର କେତେକ କର୍ମଚାରୀ ଓ ଅଧିକାରୀଙ୍କ ଅପାରଗତା ଯୋଗୁ ଏହାର ଫାଇଦା ଅସାଧୁ ଲୋକମାନେ ଉଠାଉଛନ୍ତି। ଏଭଳି ଏକ ଘଟଣା ନୟାଗଡ଼ ଜିଲା ରଣପୁର ତହସିଲ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ବିନା ଦଲିଲରେ ଜଣେ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସାନକୁ ଛାଡି ବଡ଼ଭାଇ ପୈତୃକ ସମ୍ପତ୍ତି (ସମସ୍ତ ଜମି ଓ ଘରର ପଟ୍ଟା) ନିଜ ନାମରେ କରିନେଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣିଛନ୍ତି ରଣପୁର ତହସିଲ ବାଙ୍କପୁର ଗ୍ରାମର ସ୍ୱର୍ଗତ ଦାଶରଥି ଜେନାଙ୍କ ସାନପୁଅ ବିଜିନ କୁମାର ରାୟ। ଏ ନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଆର୍‌ଆଇଙ୍କ ଉପରକୁ ଦୋଷ ଠେଲି ନିଜକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ଜିଲାପାଳଙ୍କଠାରେ ହୋଇଥିବା ଅଭିଯୋଗରୁ ଜଣାପଡିଛି ଯେ, ରଣପୁର ତହସିଲ ବାଙ୍କପୁର ଗ୍ରାମର ସ୍ୱର୍ଗତ ଦାଶରଥି ଜେନାଙ୍କ ୨ପୁଅ ଓ ୩ଝିଅ ଅଛନ୍ତି। ୨ ପୁଅ ହେଲେ ବଡ଼ ବିପିନ




ରଣପୁର ତହସିଲ କାର୍ଯ୍ୟାଳୟ।

କୁମାର ରାୟ ଓ ସାନପୁଅ ବିଜିନ। ଗ୍ରାମରେ ଦାଶରଥି ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତା କୁମୁଦିନୀ ଜେନାଙ୍କର ୭ ଏକରରୁ ଊର୍ଦ୍ଧ୍ୱ ଜମି, ଘର ରହିଛି । ୧୯୯୮ ମସିହାରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ୧୭।୯।୧୯୯୭ରେ ଦଲିଲ ନମ୍ବର ୧୯୫୯ରେ ସମସ୍ତ ଘର ଓ ଜମି ବଡପୁଅ ବିପିନଙ୍କ ନାମରେ ଦଲିଲ ହୋଇଥିଲା । ସେହିପରି ମା' କୁମୁଦିନୀଙ୍କ ନାମରେ ଥିବା ଜମିବାରି ମଧ୍ୟ ୨୦୦୧ରେ ତାଙ୍କ ନାମରେ ଦଲିଲ (ନଂ.୬୮୭) ହୋଇଥିଲା। ବିପିନ ୨୦୧୮ ମସିହାରେ ତହସିଲ କାର୍ଯ୍ୟାଳୟରେ ଦାଖଲ କରି ଡିସେମ୍ବର ମାସରେ ଖତିଆନ ନଂ.୨୩୨/୭୧, ୨୩୨/୭୪ ଓ ୨୩୨/୨୨ରେ ୩ଟି ପଟ୍ଟା ୭ଏକର ଜମି ଓ ଗୋଟିଏ ଦୁଇମହଲା କୋଠାଘର ତାଙ୍କ ନାମରେ କରାଇ ନେଇଛନ୍ତି। ମା'ବାପାଙ୍କ କୌଣସି ସମ୍ପତ୍ତି ତାଙ୍କ ନାମରେ ନ ଥିବା ଜାଣିବା ପରେ ବିଜିନ ତହସିଲ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଏ ନେଇ ରଣପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦଲିଲର ସାର୍ଟିଫାଏଡ୍ କପି ମାଗିଥିଲେ। ଉକ୍ତ କପିରେ ୧୯୯୭ ମସିହାରେ ୧୨୧୧ ପର୍ଯ୍ୟନ୍ତ କ୍ରମିକ ଦଲିଲ ନମ୍ବର ଯାଇଥିଲାବେଳେ ୧୯୫୯ ନମ୍ବର ଦଲିଲ ନ ଥିବା ସବ୍‌ରେଜିଷ୍ଟ୍ରାର ଲିଖିତ ଆକାରରେ ଦେଇଥିଲେ । ପରେ ବିଜିନ ତହସିଲ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ବଳରେ କିଭଳି ବିନା ଦଲିଲରେ ବିପିନଙ୍କ ନାମରେ ପଟ୍ଟା ପ୍ରଦାନ କରାଗଲା



ବିପିନଙ୍କୁ ଦିଆଯାଇଥିବା ଘର ପଟ୍ଟା।

ତା'ର ତଥ୍ୟ ୧୭।୧୧।୨୦୧୮ ତାରିଖରେ ମାଗିଥିଲେ। ହେଲେ ଏପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ତରଫରୁ ତାଙ୍କୁ ତଥ୍ୟ ପ୍ରଦାନ କରାଯାଉ ନାହିଁ । ବିନା ଦଲିଲରେ କିଭଳି ଆରଆଇଙ୍କ ସମେତ ତହସିଲ ଅଫିସର କର୍ମଚାରୀ ଓ ତହସିଲଦାର ତଦନ୍ତ ନ କରି ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟାଳୟରୁ ପଟ୍ଟା ପ୍ରଦାନ କଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏ ସମ୍ପର୍କରେ ରଣପୁର ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ମାନସ ରଞ୍ଜନ ରାୟଙ୍କୁ ପଚାରିବାରୁ ସେ କହିଥିଲେ, ଜାଲ୍ ଦଲିଲ ବଳରେ ବାଙ୍କପୁର ଗ୍ରାମର ବିପିନ ତାଙ୍କ ମା'ବାପାଙ୍କ ନାମରେ ଥିବା ସମସ୍ତ ଘର ଓ ଜମି ପଟ୍ଟା ନିଜ ନାମରେ କରାଇ ନେଇଛନ୍ତି। ଏ ନେଇ ଆମେ ତାଙ୍କ ନାମରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏହା କରିଥିବା ଆରଆଇଙ୍କ ଉପରେ ମଧ୍ୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେ ପାଇଥିବା ପଟ୍ଟାକୁ ଖାରଜ କରାଯାଇ ମା'ବାପାଙ୍କ ନାମରେ ଅଣାଯିବ। ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ କୁହନ୍ତି, ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିଜ ନାମରେ ଘର ଓ ଜମି ପଟ୍ଟା କରିନେଇଥିବା ବିପିନ କୁହନ୍ତି, ବାପା ୧୯୯୭ ମସିହାରେ ମୋ ନାମରେ ଦଲିଲ କରି ରଖିଥିଲେ । ମୁଁ ତାକୁ ୨୦୧୮ ମସିହା ଜୁଲାଇ ମାସରେ ରଣପୁର ତହସିଲରେ ଆବେଦନ କରି ନଭେମ୍ବର ମାସରେ ୩ଟି ପଟ୍ଟା ପାଇଛି । ଏ ବିଷୟରେ ମୁଁ ଆଉକିଛି ଜାଣିନି। ସାନଭାଇ ବିଜିନ କହନ୍ତି, ଭାଇଙ୍କ ସହ ତହସିଲ କାର୍ଯ୍ୟାଳୟର କିଛି କର୍ମଚାରୀ ଓ ଅଧିକାରୀ ମିଶି ମୋ ମା'ବାପାଙ୍କ ନାମରେ ଥିବା ସମସ୍ତ ଜମି, ଘର ଭାଇଙ୍କ ନାମରେ କରିଦେଇଛନ୍ତି। ମୁଁ ଏବେ ସର୍ବହରା ହୋଇଯାଇଛି ।

## ବାଇକ୍ ଦୁର୍ଘଟଣା: ନାବାଳକ ମୃତ, ଚାଳକ ଗୁରୁତର

**ଓଡ଼ଗାଁ, ୨୦।୧ (ସ୍ୱ.ପ୍ର.)**

ଓଡଗାଁ ଥାନା ଅଞ୍ଚଳରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ୍ ଚାଳକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ନୂଆଗାଁ ଥାନା ଉଦୟପୁର ପଞ୍ଚାୟତ ଜିଗିନିପଡା ଗ୍ରାମର ଯୁଗଳ ସ୍ୱାଇଁ (୨୪), ମହୀପୁର ନିକଟ ଯୋଗୀଶର ଗ୍ରାମର ମାମୁ ପୁଅ ଭାଇ ଜଗା (୯) ସହିତ ବାଇକ୍‌ରେ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ମଣିଆବନ୍ଧ ଆସୁଥିଲେ। ବାହାଡ଼ାଖୋଲା ନିକଟ ଭାଟସାହି ଛକ ରାସ୍ତାପାର୍ଶ୍ୱରେ ଥିବା ଏକ ନଳକୂଅ ସହିତ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏଥିରେ ଉଭୟେ ଗୁରୁତର ହୋଇଥିଲେ। ସମ୍ପର୍କୀୟମାନେ ସେମାନଙ୍କୁ ତୁରନ୍ତ ଏକ ଘରୋଇ ଗାଡିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଜଗାଙ୍କୁ ମୃତ ଘୋଷଣା କରିଥିଲେ। ଯୁଗଳ ଗୁରୁତର ଥିବାରୁ ତାଙ୍କୁ ଏମ୍‌ସ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି୦୨ଏଆର-୯୪୬୪) ଜବତ କରିଛି। ନୟାଗଡ଼ରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# କ୍ଷୁଦ୍ର ଜଳସେଚନ ବିଭାଗରେ ଦୁର୍ନୀତି

**ନୂଆଗାଁ,୨୦।୧ (ଡି.ଏନ.ଏ.)**

କୃଷି ଓ କୃଷକର ବିକାଶ ନିମନ୍ତେ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନଦୀଗୁଡିକରେ ଚେକ୍‌ଡ୍ୟାମ୍‌ମାନ ନିର୍ମାଣ କରୁଛନ୍ତି । କିନ୍ତୁ ତଦାରଖର ଅଭାବ ଓ ଅସଦ୍ ଉପାୟରେ ଅଧିକ ଆୟ ପ୍ରବୃତ୍ତି ଯୋଗୁ ବିଭାଗୀୟ ଅଧିକାରୀମାନେ ଠିକାଦାରଙ୍କ ସହ ହାତ ମିଳାଇ ଚେକ୍ ଡ୍ୟାମ୍ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ କୋଟି କୋଟି ଟଙ୍କା ବ୍ୟୟଭୁକ୍ତ ଯୋଜନାର ସୁଫଳ ଚାଷୀମାନେ ପାଉନାହାନ୍ତି। ଏହାର ଉଦାହରଣ ହେଉଛି, ନୟାଗଡ ଜିଲା ନୂଆଗାଁ ବ୍ଲକ ଦଶପଲା ସବ୍‌ଡିଭିଜନ ଅଧୀନ ଡାହୁକା ନଦୀରେ ନିର୍ମାଣ ହୋଇଥିବା ଲଡୁକେଶ୍ୱରପୁର ଚେକ୍‌ଡ୍ୟାମ। ନୂଆଗାଁ, ମୁଦୁରାଙ୍ଗ, ଉଦୟପୁର, ଶିଖରଗୋଛା ଆଦି ଗ୍ରାମର ଚାଷ ଜମିରେ ଜଳସେଚନ ପାଇଁ ୨୦୧୪ ମସିହାରେ ୧୬ ଲକ୍ଷ ୫୪ ହଜାର ଟଙ୍କାର ଏକ ଟେଣ୍ଡର କରାଯାଇଥିଲା। ୩ ମାସ ମଧ୍ୟରେ ଟେଣ୍ଡର କାର୍ଯ୍ୟ ସମାପ୍ତ ପାଇଁ ନିର୍ଦ୍ଦେଶ ରହିଥିଲା । ତେବେ ଚେକ୍‌ଡ୍ୟାମରେ ଥିବା ପିଲର୍‌ଗୁଡିକ ସମ୍ପୂର୍ଣ୍ଣ ଭାବେ ଛଡ, ଗୋଡି, ସିମେଣ୍ଟ ଆଦି ଦ୍ୱାରା ନିର୍ମାଣ କରିବା

**ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ**




ଚେକ୍‌ଡ୍ୟାମର ଫଳକ।

ପରିବର୍ତ୍ତେ ଠିକାଦାର ପିଲର ଭିତରେ ବାଲି ବସ୍ତା ପୁରାଇ ଅଳ୍ପ ପରିମାଣର ଗୋଡି, ସିମେଣ୍ଟ ଦ୍ୱାରା ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ପିଲର୍ ଭାଙ୍ଗି ଯିବାରୁ ଏହା ଜଣାପଡ଼ିଥିଲା। ଏଭଳି କାର୍ଯ୍ୟରେ ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ ଓ ପିସି କାରବାର ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏହାବ୍ୟତୀତ ଉଦୟପୁର ସଲପଡିହ ଚେକ୍‌ଡ୍ୟାମ୍, ତୁଳସୀନାଳ ଚେକ୍‌ଡ୍ୟାମ୍, ଘଣ୍ଟିକାନାଳ ଚେକ୍‌ଡ୍ୟାମ୍ ନିର୍ମାଣରେ ମଧ୍ୟ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ ହୋଇଛି। ନୟାଗଡ ଜିଲା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ଏ ବିଷୟରେ ପଚାରିବାରୁ ସେ ଏ କାର୍ଯ୍ୟ ସମ୍ବନ୍ଧରେ ଅବଗତ ନ ଥିବା କହିଥିଲେ । ତଦନ୍ତ ପରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ।

## ବିସ୍ଥାପିତ ପରିବାରଙ୍କ ପାଇଁ ଦାଉ ସାଧୁଛି ନାଳ

**ଦଶପଲ୍ଲା,୨୦।୧(ଡି.ଏନ.ଏ.)**

ବିସ୍ଥାପିତ ପରିବାରଙ୍କ ପାଇଁ ଦାଉ ସାଧୁଛି ନାଳ। ଗ୍ରାମବାସୀ ନିଜ ପ୍ରଚେଷ୍ଟାରେ ଏକ କାଠପୋଲ ନିର୍ମାଣ କରିଥିବା ବେଳେ ତିତ୍‌ଲି ପ୍ରଭାବରେ ତାହା ଭାଙ୍ଗିଯାଇଥିଲା। ଏହାସହ ବନ୍ୟାପାଣିରେ ମାଟି ଧୋଇ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାତାୟାତ ପାଇଁ ଲୋକେ ହଇରାଣ ହେଉଛନ୍ତି। ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତର ପାଇକ ଓଡଶର ଗ୍ରାମବାସୀ। ଗ୍ରାମରେ ୩୫ ପରିବାରର ୩ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ଏହି ପରିବାରଗୁଡିକୁ କୌଣସି କ୍ଷତିପୂରଣ ନ ମିଳିବାରୁ ବାଧ୍ୟ ହୋଇ ପାଇକ ଓଡଶରଠାରେ ସଂରକ୍ଷିତ ଜଙ୍ଗଲରେ ରହୁଛନ୍ତି। ଗାଁକୁ ଯିବାକୁ ରାସ୍ତା ଖଣ୍ଡେ ନ ଥିବାବେଳେ ଯାତାୟାତରେ ବାଧକ ସାଜିଛି ନାଳ। ଗ୍ରାମବାସୀ ନିର୍ମାଣ କରିଥିବା କାଠପୋଲ ଭାସିଯିବା ପରେ ଗ୍ରାମବାସୀ ନାଳ ଉପରେ ସେତୁ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି। ହେଲେ କୌଣସି ସୁଫଳ ମିଳିପାରୁ ନ ଥିବା କହିଛନ୍ତି ଗ୍ରାମବାସୀ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗ୍ରାମବାସୀଙ୍କ ପାଇଁ ବାଧକ ସାଜିଥିବା ନାଳ।

## ଆଜି ଶ୍ରୀନୀଳମାଧବ ଜୀଉଙ୍କ ଦେବାଭିଷେକ

**ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀ ନୀଳମାଧବଜୀଉଙ୍କ ଦେବାଭିଷେକ ତଥା ସୁନାବେଶ ୨୧ ତାରିଖ ପୌଷ ପୂର୍ଣ୍ଣମୀ ତିଥିରେ ପାରମ୍ପରିକ ରୀତିରେ ପାଳିତ ହେବ । ଏଥିପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ଠାକୁରଙ୍କୁ ସୁନା ଅଳଙ୍କାର ଲାଗି ହେବାର କାର୍ଯ୍ୟକ୍ରମ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ ଯୋଗୁ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସକାଳ ୫ଟାରେ ପହଡ଼ ଖୋଲା, ସ୫.୧୫ରେ ମଙ୍ଗଳ ଆଳତୀ, ୫.୩୦ସ୍ନାନ ଅବକାଶ ଓ ବେଶ, ୫.୪୫ରେ ରୋଷହୋମ, ୬ଟାରେ ସୂର୍ଯ୍ୟ ପୂଜା, ୬.୩୦ରେ ବଲ୍ଲଭ, ପୂର୍ବାହ୍ନ ୮ଟାରେ ସକାଳ ଧୂପ, ସାଢେ ୮ଟାରେ ଭଣ୍ଡ ଧୂପ, ୯ଟାରେ ପୂର୍ଣ୍ଣାହୁତି, ୧୦ଟାରେ ସ୍ନାନ ଅବକାଶ ଓ ସାଢ଼େ ୧୦ଟା ପରେ ଶ୍ରୀ ଜୀଉଙ୍କ ବେଶ ଆରମ୍ଭ ହେବ । ପରେ ଠାକୁରଙ୍କ ଶୋଭାଯାତ୍ରା ଓ ମା'ମହାଲକ୍ଷ୍ମୀଙ୍କୁ ବରଣ କରାଯାଇ ସାଢେ ୧୧ଟାରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହେବ। ଅମୃତ କୁଡୁଆ ପୂଜା ୧୧.୩୫ରେ ଅନୁଷ୍ଠିତ ହେବ। ମା' ଲକ୍ଷ୍ମୀଙ୍କ ଉପସ୍ଥିତରେ ଶ୍ରୀଜୀଉଙ୍କ ସୁନାବେଶ ସମ୍ପନ୍ନ ହୋଇ



ଶ୍ରୀ ନୀଳମାଧବ ଜୀଉ।

୧୨ଟାରେ ସାହାଣମେଳାରେ ଶ୍ରୀଜୀଉ ସୁନାବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେବାସହ ରାତି ୯ଟା ପର୍ଯ୍ୟନ୍ତ ସାହାଣ ମେଳା ରହିବ। ୧.୧୦ରେ ଦ୍ୱିପ୍ରହର ଧୂପ, ଅପରାହ୍ନ ୪ଟାରେ ପହଡ ଲାଗି ଓ ୫ ଟାରେ ପହଡ ଖୋଲା ନୀତି ସମ୍ପନ୍ନ ହେବ। ସନ୍ଧ୍ୟା ଆଳତୀ ସନ୍ଧ୍ୟା ୮ଟାରେ ହେବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଦେବୋତ୍ତର ପରିଚାଳକ ହରିହର ଦାଶ ସୂଚନା ଦେଇଛନ୍ତି। ଏହି ଅବସରରେ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଗାଁ ରାସ୍ତାରେ ପୋଲ ନିର୍ମାଣ ନୋହିଲା

**ଭାପୁର,୨୦।୧(ଡି.ଏନ୍.ଏ.)**

ଭାପୁର ବ୍ଲକ ତଥା ପଞ୍ଚାୟତର ଏଲପଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାପୋଲ ଦୀର୍ଘମାସ ହେଲା ଭାଙ୍ଗି ଗମନାଗମନ ବ୍ୟାହତ ହେଉଥିଲେ ହେଁ ଏଥିପ୍ରତି କାହାରି ନଜର ନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ଥିବା ଏହି ପୋଲ ଏକବର୍ଷ ପୂର୍ବେ ହାଇୱା ଦ୍ୱାରା ଦବି ଯାଇ ଭାଙ୍ଗିଯାଇଛି। ଫଳରେ ଗ୍ରାମର ୨ହଜାର ଲୋକ ସେମାନଙ୍କ ଯାନବାହନ ନେବାଆଣିବା କରିବା କିମ୍ବା ଡାକ୍ତରଖାନା, କଲେଜ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଜିଲାପାଳ, ବିଡିଓ, ତହସିଲଦାର, ବିଧାୟକ ଓ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଶନିବାର ଭାପୁରଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବ୍ଲକର ୨୦ ପଞ୍ଚାୟତ ପାଇଁ ୩୩୮ଟି ପ୍ରକଳ୍ପକୁ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ମଞ୍ଜୁର କରିଥିଲେ। ଏଲପଡା ଗାଁ ପୋଲ ଏଥିରେ ସ୍ଥାନିତ ହେବ ବୋଲି ଗ୍ରାମବାସୀ ଆଶା ରଖିଥିଲେ। ହେଲେ ତାହା ହୋଇ ନ ଥିଲା। ପରେ ଭାପୁର ପଞ୍ଚାୟତର ସମିତିସଭ୍ୟା ବିଷ୍ଣୁପ୍ରିୟା ନାୟକଙ୍କ ସହ ବହୁ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଜିଲାପାଳ ଡି.ଏନ୍. ତିରୁମାଲା ନାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ।

## ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ ଦାବି

**ଭାପୁର,୨୦।୧(ଡି.ଏନ୍.ଏ.)**

ଭାପୁର ବ୍ଲକ ଖବରଦାତା ପରିବାରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାପୁର ବଜାର ନିକଟ ମା' ଝାଡ଼େଶ୍ୱରୀ ପୀଠରେ ବରିଷ୍ଠ ଖବରଦାତା ରବୀନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସନାତନ ଷଡ଼ଙ୍ଗୀ, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ମନୋଜ କୁମାର ସାହୁ, ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ, ଗୀତିକାନ୍ତ ପଣ୍ଡା, ଶିଶିର ସାହୁ ପ୍ରମୁଖ ଖବରଦାତା ଓ ସେମାନଙ୍କ ପରିବାର ସାମିଲ ହୋଇଥିଲେ। ସାମ୍ବାଦିକତା ଓ ସମାଜସେବା ପାଇଁ ପ୍ରତିବଦ୍ଧତା ହୋଇ କାର୍ଯ୍ୟ କରିବାକୁ ରବି ପଟ୍ଟନାୟକ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ସମାଜର ବିଭିନ୍ନ ବର୍ଗଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଥିବାବେଳେ ଖବରଦାତାଙ୍କ ପାଇଁ ଭତ୍ତା ଓ ପେନ୍‌ସନ ଲାଗୁ କରିବାକୁ ଦାବି ହୋଇଥିଲା।

# ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଙ୍କ ସହାୟତା

**ଭାପୁର,୨୦।୧(ଡି.ଏନ୍.ଏ.)**

ଯେଉଁ ବିଦ୍ୟାଳୟରେ ଶିକ୍ଷା ପ୍ରାପ୍ତ ହୋଇ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି ସେହି ଅନୁଷ୍ଠାନର ଉନ୍ନତିରେ ସହାୟକ ହେବା ପାଇଁ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିଛନ୍ତି। ଭାପୁର ବ୍ଲକ ଫତେଗଡ଼ ହାଇସ୍କୁଲର ୧୯୯୬ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ର ରବିବାର ଏକ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୂର୍ବତନ ଛାତ୍ର ଯୁଧିଷ୍ଠିର ଖୁଣ୍ଟିଆ, ସନ୍ତୋଷ କୁମାର ସାହୁ, ସନ୍ତୋଷ କୁମାର ଖଟେଇ, ସୌଭାଗ୍ୟ ନନ୍ଦ, ହାଡ଼ିବନ୍ଧୁ ବେହେରା ଏହାର ନେତୃତ୍ୱ ନେଇଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀ, ଶିକ୍ଷକ ବିଜୟ କୁମାର ସାହୁ, ଲକ୍ଷ୍ମୀଧର ମହାପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଜଟରାମ ବରାଡ଼ ଓ ଗଙ୍ଗାଧର ରଣସିଂହଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସେମାନଙ୍କ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରୀଛାତ୍ର ଚାନ୍ଦା କରି ୧୮ ହଜାର ଟଙ୍କା ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଥିଲେ।



ପୁରାତନ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ।

# ନିଖୋଜ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ,୨୦।୧**

■ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
■୧୨ ତାରିଖରୁ ଥିଲେ ନିଖୋଜ
■ବ୍ୟାଗ୍‌ରୁ ବାହାରିଥିଲା ୨ ଚିଠି

ନୟାଗଡ଼ ଟାଉନ ଥାନା ମୁଥାଗାଡିଆ ପଞ୍ଚାୟତ କରଡାବଣି ଗ୍ରାମର ୧୫ ବର୍ଷର ନାବାଳକଙ୍କ ମୃତଦେହ ରବିବାର ଗ୍ରାମଠାରୁ ଅନତି ଦୂରରେ ଥିବା ଏକ ନାଳପାର୍ଶ୍ୱ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ କରଡାବଣି ଗ୍ରାମର ବଛେଇ ନାୟକଙ୍କ ପୁଅ ସୋମନାଥ। ୧୨ ତାରିଖ ସକାଳେ ସୋମନାଥ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହା ପରଠାରୁ ତାଙ୍କର ପତ୍ତା ମିଳି ନ ଥିଲା। ପରିବାର ପକ୍ଷରୁ ଥାନାରେ ଏତଲା ଦେବା ପରେ ମଧ୍ୟ ପୋଲିସ ତଦନ୍ତ କରୁ ନ ଥିବା ଅଭିଯୋଗ କରି ଗ୍ରାମର କିଛି ବ୍ୟକ୍ତି ଏସ୍‌ପିଙ୍କୁ ଭେଟିଥିଲେ। ଏହା ପରେ ବି କୌଣସି ଅଗ୍ରଗତି ହୋଇ ନ ଥିଲା। ଦଶମ ଶ୍ରେଣୀରେ ପଢୁଥିବା ସୋମନାଥ ନିଖୋଜ ହେବାର ୯ଦିନ ପରେ ମୃତଦେହ ମିଳିବାରୁ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ



ମୃତଦେହ ମିଳିଥିବା ସ୍ଥାନରେ ଲୋକଙ୍କ ଭିଡ଼।

ଅଭିଯୋଗ ଆଣିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି, ଗୋଡ଼ ମାଟିରେ ଲାଗିବା, ଦେହସାରା କ୍ଷତ ସୃଷ୍ଟି ହୋଇଥିବାରୁ କେହି ତାଙ୍କୁ ମାରି ଝୁଲାଇଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ରବିବାର ସକାଳେ ଗ୍ରାମର ଜଣେ ବ୍ୟକ୍ତି ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ମୃତଦେହ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଅନ୍ୟପକ୍ଷେ ସୋମନାଥ ନିଖୋଜ ପରେ ପୋଲିସ ତାଙ୍କ ସ୍କୁଲ ବ୍ୟାଗରୁ ଦୁଇଟି ଚିଠି ଜବତ କରିଥିବା ଜଣାପଡ଼ିଛି। ହେଲେ ପୋଲିସ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ନିଖୋଜ ପରେ ସୋମନାଥଙ୍କୁ ନିକଟସ୍ଥ ଏକ ଗ୍ରାମରେ ରଖାଯାଇଥିବା ନେଇ କରଡ଼ାବଣି ଗ୍ରାମର ଲୋକମାନେ ଅଭିଯୋଗ କରିଥିଲେ ମଧ୍ୟ ଟାଉନ ପୋଲିସ ଏହାକୁ ହାଲୁକା ଭାବେ ନେଇଥିଲା। ଫଳରେ ଏହିଭଳି ଅଘଟଣ ଘଟିଥିବା ଗ୍ରାମର କିଛି ବ୍ୟକ୍ତି ପ୍ରକାଶ କରିଛନ୍ତି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ରହିଥିବାବେଳେ ବେକରେ ଏକ ହଣା ଚିହ୍ନ ରହିଛି। ଏହାକୁ ତିନି ଚାରିଦିନ ହେବ ଏଠାରେ ଝୁଲନ୍ତା ଅବସ୍ଥାରେ ରଖାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଶବ ବ୍ୟବଚ୍ଛେଦ ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି। ଥାନାରେ ଏ ନେଇ ୭/୧୯ରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।